R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୫୮
ତିଥି : ଦ୍ୱିତୀୟା
୦୩ ଡିସେମ୍ବର ୨୦୨୪, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 58
03 Dec 2024, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore


## ଜାଲିଆତି/ପାର୍ସଲ ସ୍କାମ ପ୍ରତି **ସତର୍କ ରୁହନ୍ତୁ!**



ଆରବିଆଇ/ବ୍ୟାଙ୍କ/ସରକାରୀ ଏଜେନ୍ସି/କୋରିୟର କମ୍ପାନୀ ଇତ୍ୟାଦି ଗୁଡ଼ିକର ଅଧିକାରୀଙ୍କ ନାମରେ ଆସୁଥିବା **ସାଇବର ଅପରାଧୀମାନଙ୍କ** ଅଡିଓ/ଭିଡିଓ କଲ ପ୍ରତି ସାବଧାନ ରୁହନ୍ତୁ, ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର **ଧମକ ଦେଉଛନ୍ତି** କିମ୍ବା **ତୁରନ୍ତ ଟଙ୍କା ଟ୍ରାନ୍ସଫର କରିବା ପାଇଁ କହୁଛନ୍ତି** କିମ୍ବା ଆପଣଙ୍କର ବ୍ୟାଙ୍କ ଖାତା କିମ୍ବା ଡେବିଟ/କ୍ରେଡିଟ କାର୍ଡକୁ **ଫ୍ରିଜ୍ କିମ୍ବା ବ୍ଲକ୍** କରିଦେବାର ଭୟ ଦେଖାଉଛନ୍ତି ।

### କ'ଣ କରିବେ ନାହିଁ

- **ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ** – ଠକମାନେ ଆପଣଙ୍କୁ ଫାନ୍ଦରେ ପକେଇ ପାରନ୍ତି
- ନିଜର କୌଣସି ବ୍ୟକ୍ତିଗତ/ ଆର୍ଥିକ ସୂଚନା **ଶେୟାର କରନ୍ତୁ ନାହିଁ**
- ପେମେଣ୍ଟ କରିବା ପାଇଁ କୌଣସି ଅଜଣା ଲିଙ୍କରେ **କ୍ଲିକ୍ କରନ୍ତୁ ନାହିଁ**

### କ'ଣ କରିବେ

- କଲ କରିବା ବ୍ୟକ୍ତି / ଅର୍ଥ ଅନୁରୋଧର ବାସ୍ତବିକତା **ସର୍ବଦା ଯାଞ୍ଚ କରନ୍ତୁ**
- cybercrime.gov.in ରେ **ତତ୍କ୍ଷଣାତ ରିପୋର୍ଟ କରନ୍ତୁ** କିମ୍ବା ସହାୟତା ପାଇଁ **1930** କୁ କଲ କରନ୍ତୁ




ଅଧିକ ସୂଚନା ପାଇଁ, **https://rbikehtahai.rbi.org.in/fraud** କୁ ଯାଆନ୍ତୁ
ମତାମତ ଦେବା ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ

ଜନହିତରେ ଜାରି
**ଭାରତୀୟ ରିଜର୍ଭ ବ୍ୟାଙ୍କ**
**RESERVE BANK OF INDIA**
www.rbi.org.in

## ଇତିହାସ

୧୮୨୯– ଭାଇସ୍‌ରଏ ଲର୍ଡ୍ ୱିଲିଅମ୍ ମେଣ୍ଟିକ୍ ଭାରତରେ ସତୀପ୍ରଥା ଉପରେ ପ୍ରତିବନ୍ଧକ ଲଗାଇଲେ ।
୧୮୮୪– ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ଜନ୍ମ ।
୧୮୮୯– ସ୍ୱତନ୍ତ୍ରତା ସେନାନୀ ଖୁଦୀରାମ ବୋଷଙ୍କ ଜନ୍ମ ।
୧୯୭୧– ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ଦେଶରେ ଆପାତକାଳୀନ ସ୍ଥିତି ଲାଗୁ ହେଲା ।
୧୯୭୯– ପ୍ରଖ୍ୟାତ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ପରଲୋକ ।
୧୯୮୨– ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ଦୁଇଟି ଶତକ କରିଥିବା ପ୍ରଥମ ମହିଳା ଭାରତୀୟ କ୍ରିକେଟର ମିତାଲୀ ରାଜ୍‌ଙ୍କ ଜନ୍ମ ।
୧୯୮୪– ଭୋପାଳସ୍ଥିତ ୟୁନିୟନ୍ ଫ୍ୟାକ୍ଟ୍ରିରେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୩,୭୮୭ ଜଣ ଲୋକଙ୍କ ମୃତ୍ୟୁ ।
୨୦୧୧– ଫିଲ୍ମ ଅଭିନେତା ତଥା ନିର୍ମାତା ଦେବ ଆନନ୍ଦଙ୍କ ଦେହାନ୍ତ ।
୨୦୧୨– ଫିଲିପିନ୍ସରେ ବାତ୍ୟା 'ଭୁଫା' କାରଣରୁ ୪୭୫ ଲୋକଙ୍କର ମୃତ୍ୟୁ ।

## ଦିବ୍ୟାଙ୍ଗ ଦିବସ

ପ୍ରତିବର୍ଷ ଡିସେମ୍ବର ୩ ତାରିଖ ଆଜିର ଦିନରେ ବିଶ୍ୱବ୍ୟାପୀ ଉତ୍ସାହ ଓ ଉଦ୍ଦୀପନାର ସହ 'ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ' ପାଳନ କରାଯାଉଛି । ଜାତିସଂଘ ଆନୁକୂଲ୍ୟରେ ୧୯୯୨ ମସିହା ଡିସେମ୍ବର ୩ ତାରିଖକୁ 'ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ' ଭାବରେ ପାଳନ କରାଯାଉଛି ।

ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନର ଲକ୍ଷ୍ୟ ହେଉଛି ଅକ୍ଷମତା ସମସ୍ୟା ବିଷୟରେ ଏକ ବୁଝାମଣାକୁ ପ୍ରୋତ୍ସାହିତ କରିବା ଏବଂ ଭିନ୍ନକ୍ଷମଙ୍କ ସମ୍ମାନ, ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ ସଂଗ୍ରହ କରିବା କିନ୍ତୁ ତାଙ୍କ ସମ୍ମୁଖରେ ଥିବା ଆହ୍ୱାନ ଗୁଡିକୁ ଦୂର କରିବା ଏବଂ ସମାଜରେ ଆତ୍ମବିଶ୍ୱାସର ସହ ବଞ୍ଚିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମାଜରେ ଦିବ୍ୟାଙ୍ଗମାନଙ୍କୁ ଯୋଗ୍ୟ ଜୀବନଯାପନ କରିବାକୁ ସୁଯୋଗ ଦେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ ହେବା ଉଚିତ । ମଣିଷର ପାଞ୍ଚ ଆଙ୍ଗୁଠି ସମାନ ନୁହେଁ, ମାତ୍ର କାର୍ଯ୍ୟ କ୍ଷେତ୍ରରେ ସମସ୍ତେ ସମାନ । ସେହିପରି ଆମେ ସମସ୍ତେ ଅଲଗା କିନ୍ତୁ ଏକ ସମୟରେ କହିବାକୁ ଗଲେ ସମସ୍ତେ ସମାନ ବୋଲି କହିବା ସହ ଦିବ୍ୟାଙ୍ଗମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ ।

ପ୍ରତ୍ୟେକ ଦିବ୍ୟାଙ୍ଗ ଆମ ସମାଜର ଅଂଶବିଶେଷ । ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ତାଲିମ ଦେବା ଫଳରେ ସେମାନଙ୍କର ସାମାଜିକ, ବୌଦ୍ଧିକ ଏବଂ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ପ୍ଲାଟଫର୍ମ ମାଧ୍ୟମରେ ଅକ୍ଷମତା ସଚେତନତାକୁ ପ୍ରୋତ୍ସାହିତ କରିବା, ଯାହାଦ୍ୱାରା ସହାନୁଭୂତିର ମୂଳଦୁଆ ଉତ୍ପନ୍ନ ହୁଏ ଏବଂ ସାମାଜିକ ପ୍ରତିବନ୍ଧକ ଭାଙ୍ଗି ଆବଶ୍ୟକୀୟ ପରିବର୍ତ୍ତନ ହୋଇପାରେ ।

ସମାଜର ବିକାଶ ସାଧନ ପାଇଁ ସର୍ବୋତ୍ତମ ମାଧ୍ୟମ ହେଉଛି ଶିକ୍ଷା । ଶିକ୍ଷା ମାନବିକ ଜୀବନ ପ୍ରକ୍ରିୟାର ଦିଗ୍‌ବଳୟକୁ ପ୍ରସାରିତ କରେ । ଜ୍ଞାନାର୍ଜନ ଶିକ୍ଷାର କେବଳ ଗୋଟିଏ ଦିଗ । ଶିକ୍ଷା ବିକାଶରେ ଏହାର ଭୂମିକା ଅତୁଳନୀୟ । ମାନବବାଦ, ଶୃଙ୍ଖଳା, ଉଦାରତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଜିଜ୍ଞାସା ପାଇଁ ଆଗ୍ରହ ଓ ସଂସ୍କାର ଆଦି ଭଲ ଗୁଣଗୁଡ଼ିକ ଉତ୍ପନ୍ନ କରିବା ଶିକ୍ଷାର ବୈଶିଷ୍ଟ୍ୟ । ମାନବ ଜୀବନକୁ ଆଲୋକିତ କରିବାରେ ଏସବୁର ଆବଶ୍ୟକତା ରହିଛି । ଶିକ୍ଷା ଓ ତାଲିମ ଦ୍ୱାରା ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନେ ସ୍ୱାବଲମ୍ବୀ ହୋଇପାରିବେ । ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନେ ଶିକ୍ଷା ଗ୍ରହଣ କରୁଛନ୍ତି । ସାଧାରଣ ବିଦ୍ୟାର୍ଥୀମାନଙ୍କ ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନେ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କର ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଆସିଥାଏ । ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କୁ ଅଧିକ ପ୍ରୋତ୍ସାହନ କରିବା ଦ୍ୱାରା ସେମାନେ ଉତ୍ସାହିତ ହୋଇପାରିବେ, ଯାହା ଫଳରେ ସେମାନଙ୍କର କିଛି ଉନ୍ନତି ହୋଇପାରିବ ।

ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କୁ କିଭଳି ଭାବରେ ଶିକ୍ଷାଦାନ କରାଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯାଇପାରିବ, ତାହା କେବଳ ସ୍ୱତନ୍ତ୍ର ଶିକ୍ଷକ ହିଁ କରିପାରିବ । ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ସ୍ୱାବଲମ୍ବୀ ସହ ଆତ୍ମନିର୍ଭରଶୀଳ ମାର୍ଗ କେବଳ ସ୍ୱତନ୍ତ୍ର ଶିକ୍ଷକ ଦ୍ୱାରା ହିଁ ସମ୍ଭବ । ଦିବ୍ୟାଙ୍ଗମାନେ ହିଁ ନିଜର ଅକ୍ଷମତାକୁ ପଛରେ ପକାଇ ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ମାଧ୍ୟମରେ ଆଜି ସମାଜରେ ସଫଳ ହୋଇଛନ୍ତି । ଏମିତି ଅନେକ ଉଦାହରଣ ଅଛି ଦିବ୍ୟାଙ୍ଗମାନେ ନିଜେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ମଧ୍ୟ ହୋଇଛନ୍ତି । କୌଣସି ପରିସ୍ଥିତିରେ ଦିବ୍ୟାଙ୍ଗମାନଙ୍କୁ ଯେକୌଣସି କ୍ଷେତ୍ରରେ ଅବହେଳା କରିବା ଉଚିତ ନୁହେଁ, ସେମାନଙ୍କୁ ଉତ୍ତମ ବ୍ୟବହାର ମିଳାମିଶା ଦ୍ୱାରା ସେମାନଙ୍କର ମନୋବଳ ଦୃଢ଼ ହୋଇପାରିବ । ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଓ ପ୍ରଶିକ୍ଷଣ ଦେବାରେ ଯେତେ ପ୍ରୋତ୍ସାହିତ କରିବା, ସେମାନେ ସେତିକି ଆଗକୁ ବଢ଼ିପାରିବେ । ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କର ଉତ୍ତମ ଶିକ୍ଷା ଓ ପ୍ରଶିକ୍ଷଣ ଦେବାରେ ସ୍ୱତନ୍ତ୍ର ଶିକ୍ଷକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।



ଲେଖକ– ବିଶ୍ୱବିଜୟୀ ଦାଶ
ମୋବାଇଲ ନଂ – ୬୩୭୦୨୦୮୪୨୮



## ମୁନ୍ ରେପ୍ଲିକା

ଆଇଆଇଟିରେ ଦେଖିବାକୁ ମିଳିଛି ଚନ୍ଦ୍ରର ଏକ ଖୁବ ବଡ ରେପ୍ଲିକା, ଯାହା ଭାଇରାଲ ହେବାରେ ଲାଗିଛି । ଗୌହାଟିର ଆଇଆଇଟିରେ ବର୍ତ୍ତମାନ ସାଇନ୍ସ ଫେଷ୍ଟିଭାଲ ଜାରି ରହିଛି ଯେଉଁଠି ଏହି ଚନ୍ଦ୍ରକୁ ପ୍ରଦର୍ଶନ କରାଯାଇଛି । ଏହି ଚନ୍ଦ୍ରର ଡାଇମିଟର ରହିଛି ସାତ ମିଟର ଯାହାକୁ ବ୍ରିଟିଶ୍ ଆର୍ଟିଷ୍ଟ ମି. ଲ୍ୟୁକ୍ ଜେରାମ୍ ପରିକଳ୍ପନା କରିଛନ୍ତି । ଏହି ଚନ୍ଦ୍ରର ଚିତ୍ରକୁ ବହୁତ ବଡ ବେଲୁନ ଉପରେ ଲଗାଯାଇଛି, ଯାହା ଚନ୍ଦ୍ର ପୃଷ୍ଠରେ ଥିବା ସମସ୍ତ ସ୍ଥାନକୁ ବେଶ୍ ଭଲ ଭାବେ ଦର୍ଶାଉଛି । ଏହାକୁ ଦେଖିବାକୁ ପ୍ରତିଦିନ ଛାତ୍ରାଛାତ୍ରୀଙ୍କ ଭିଡ ଜମୁଛି । ଏହି ରେପ୍ଲିକାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ପ୍ରଦର୍ଶନୀ ସାହାଯ୍ୟରେ ଛାତ୍ରଛାତ୍ରୀମାନେ ଚନ୍ଦ୍ର ପୃଷ୍ଠ ବିଷୟରେ ଅନେକ ତଥ୍ୟ ଜାଣିବାରେ ସକ୍ଷମ ହୋଇ ପାରିଛନ୍ତି ।

## ପାଳଙ୍ଗ ଶାଗ ଚାଟ୍

**ସାମଗ୍ରୀ–** ପାଳଙ୍ଗ ପତ୍ର ୭ ରୁ ୮ ଟି, ଗୋଟିଏ କପ୍ ବେସନ, ଗୋଟିଏ କପ ଚାଉଳ ଚୁନା, କର୍ଣ୍ଣଫ୍ଲୋର ୨ ଛୋଟ ଚାମଚ, ଲଙ୍କା ଗୁଣ୍ଡ ଏକ ଚାମଚ, ଏକ ଚାମଚ ହଳଦୀ ଗୁଣ୍ଡ, ଏକ ଚାମଚ ଗରମ ମସଲା ।

**ସଜାଇବା ପାଇଁ ସାମଗ୍ରୀ–** ଦହି ଅଧା କପ, ଗୁଣ୍ଡ ଚିନି ଏକ ଚାମଚ, କଳା ଲୁଣ ଏକ ଚାମଚ, ଧନିଆ ଗୁଣ୍ଡ ଏକ ଚାମଚ, ଗ୍ରୀନ ଚଟଣୀ, ମିଠା ଚଟଣୀ, ଛୋଟ କଟା ହୋଇଥିବା ଅଦା, ଡାଳିମ୍ବ ମଞ୍ଜି, ଧନିଆ ପତ୍ର କଟା ।

**ପ୍ରଣାଳୀ–** ପ୍ରଥମେ ପାଳଙ୍ଗ ପତ୍ରକୁ ଭଲ କରି ଧୋଇ ନିଅନ୍ତୁ । ଗୋଟିଏ ପାତ୍ରରେ ବେସନ, ଚାଉଳ ଗୁଣ୍ଡ, କର୍ଣ୍ଣଫ୍ଲୋର, ଲୁଣ, ଲଙ୍କା ଗୁଣ୍ଡ,ଗରମ ମସଲା ପକାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ପାଳଙ୍ଗ ଶାଗକୁ ଏହି ମିଶ୍ରଣରେ ବୁଡାଇ ଛାଣି ନିଅନ୍ତୁ । ଏହା ପରେ ଆଉ ଏକ ପାତ୍ରରେ ଦହିରେ ଗୁଣ୍ଡ ଚିନି ଓ କଳା ଲୁଣ ପକାଇ ଭଲକରି ଗୋଳାଇ ନିଅନ୍ତୁ । ବର୍ତ୍ତମାନ ଏହି ପାଳଙ୍ଗ ପତ୍ରକୁ ତଳେ ରଖି ଏଥିରେ ଭଜା ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ଦହିର ମିଶ୍ରଣ, ଗ୍ରୀନ ଚଟଣୀ, ମିଠା ଚଟଣୀ, କଟା ହୋଇଥିବା ଧନିଆ ପତ୍ର, ଡାଳିମ୍ବ ମଞ୍ଜି ପକାନ୍ତୁ । ଏହିପରି ଯେତେ ଚାହିଁବେ ସେତୋଟି ପାଳଙ୍ଗ ପତ୍ରରେ ଏପରି ଚାଟ ପ୍ରସ୍ତୁତ କରିପାରିବେ । ଏହା ଖାଇବାକୁ ବେଶ୍ ସ୍ୱାଦିଷ୍ଟ ହୋଇଥାଏ ।



## ସୋସିଆଲ କୋଟ୍ସ



ଆକ୍ଟିଂ କରିବାର ଜିଦ୍ କାରଣରୁ ମୁଁ ଅଧାରୁ ପାଠ ଛାଡିଥିଲି । ଏହି ନିଷ୍ପତ୍ତି ସେତେବେଳେ ମୋ ବାପାଙ୍କୁ ଭଲ ଲାଗି ନଥିଲା । ହେଲେ ସେହି ନିଷ୍ପତ୍ତି କାରଣରୁ ମୁଁ ଆଜି ଏଠି ପହଞ୍ଚିଛି ।
**ସେହନାଜ ଗିଲ୍, ଅଭିନେତ୍ରୀ**



ହନୁମାନ ଫିଲ୍ମ ସୁଟିଂ ସମୟରେ ମୋତେ ଅଲୌକିକତାର ଅନୁଭବ ହୋଇଥିଲା । ଲାଗିଥିଲା ଯେପରି ଶ୍ରୀହନୁମାନ ନିଜେ ତାଙ୍କ କାହାଣୀକୁ ଫିଲ୍ମ ଆକାରରେ ପ୍ରସ୍ତୁତ କରୁଛନ୍ତି । ସବୁ ବାଧା ବିଘ୍ନ ତାଙ୍କରି କାରଣରୁ ଦୂର ହୋଇଥିଲା ।
**ପ୍ରଶାନ୍ତ ବର୍ମା, ନିର୍ଦ୍ଦେଶକ**



ବିଗ୍ ବସ୍ ହାଉସ୍‌ରେ ସବୁ ସ୍ଥାନରେ ମାଇକ ଲାଗିଥାଏ । ଏପରିକି ବାଥରୁମ୍‌ରେ ମଧ୍ୟ ମାଇକ୍ ଲାଗିଥାଏ । ଯେଉଁ କାରଣରୁ ବାଥ୍‌ରୁମ୍‌ରେ ବି କେହି ଯଦି କାନ୍ଦେ ତାହା ମଧ୍ୟ ରେକର୍ଡ ହୋଇଥାଏ ।
**ଇଶା ମାଲବ୍ୟ, ଅଭିନେତ୍ରୀ**

## ସ୍ୱାସ୍ଥ୍ୟକାରୀ ଦହି



**ଦହି ସ୍ୱାସ୍ଥ୍ୟପାଇଁ ବେଶ୍ ଭଲ ହୋଇଥାଏ । ଏହାର ସ୍ୱାଦ ଭଳି ଏହା ଆମର ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିଥାଏ । ଏହାକୁ ବିଭିନ୍ନ ଡିସ୍‌ରେ ଅଲଗା ଅଲଗା ଭାବେ ବ୍ୟବହାର କରାଯାଇଥାଏ । ତେବେ ଆସନ୍ତୁ ଜାଣିବା ଆମର ସବୁଦିନିଆ ଖାଦ୍ୟରେ ଦହିକୁ ବ୍ୟବହାର କରିବାର ଫାଇଦା ।**

**ଭରପୁର କ୍ୟାଲସିଅମ ରହିଥାଏ–** ଦହିରେ କ୍ୟାଲସିଅମର ମାତ୍ରା ଖୁବ ଅଧିକ ରହିଥାଏ, ଯାହା ଆମ ଶରୀର ପାଇଁ ଦରକାରୀ ହୋଇଥାଏ । କେବଳ କ୍ୟାଲସିଅମ ନୁହେଁ ଏଥିରେ ଭିଟାମିନ୍ ଡି ମଧ୍ୟ ଅଧିକ ପରିମାଣର ଥାଏ । ତେଣୁ ଦହି ଖାଇବା ଦ୍ୱାରା ଶରୀରକୁ ଭିଟାମିନ୍ ଡି ଓ କ୍ୟାଲସିଅମ ଉଭୟ ମିଳିଥାଏ ।

**ରୋଗପ୍ରତିରୋଧକ ଶକ୍ତି ବଢାଏ–** ଦହି ଖାଇବା ଦ୍ୱାରା ଆମର ଇମ୍ୟୁନିଟି ବୁଷ୍ଟ ହୋଇଥାଏ । ଦହି ଖାଇବା ଦ୍ୱାରା ଆମର ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ । ଏଥିରେ ଥିବା ଜିଙ୍କ ଓ ଦରକାରୀ ମିନେରାଲ୍ସ ଆମକୁ ସ୍ୱାସ୍ଥ୍ୟକର ରଖିବାରେ ସାହାଯ୍ୟ କରିଥାଏ ।

**ଉଜ୍ଜ୍ୱଳ ତ୍ୱଚା–** ଦହି ଆମର କସମେଟିକ୍ ଭଳି ମଧ୍ୟ କାମ କରିଥାଏ । ସବୁଦିନ ମିଲ୍‌ରେ ଦହି ଖାଇବା ଦ୍ୱାରା ଆମର ତ୍ୱଚା ଗ୍ଲୋ କରିଥାଏ । ଏହା ସ୍କିନ୍‌କୁ ହାଇଡ୍ରେଟ୍ କରିବାରେ ସାହାଯ୍ୟ କରିଥାଏ ।



## ଅଭିନୟରୁ ସନ୍ୟାସ

ବେଶ୍ କିଛି ଦିନ ହେବ ବିକ୍ରାନ୍ତ ମେସି ବଲିଉଡର ଜଣେ ଆଗ ଧାଡିର ନାୟକ ପାଲଟିଛନ୍ତି। ନିକଟରେ ତାଙ୍କ ପ୍ରୋଜେକ୍ଟ ଦି ସାବର ମତି ରିପୋର୍ଟ ଓ ଟୁଏଲ୍‌ଥ ଫେଲ୍ ବେଶ୍ ଚର୍ଚ୍ଚାରେ ରହିଥିଲା । ଏଥିରେ ବିକ୍ରାନ୍ତଙ୍କ ଅଭିନୟକୁ ଦର୍ଶକ ଓ ସମୀକ୍ଷକ ଖୁବ ପ୍ରଶଂସା କରିଥିଲେ । ହେଲେ ବିକ୍ରାନ୍ତଙ୍କ ଫ୍ୟାନଙ୍କ ମିଳିଛି ଝଟକା, ଖୁବ ଶୀଘ୍ର ଅଭିନେତା ଅଭିନୟରୁ ସନ୍ୟାସ ନେବାକୁ ଯାଉଛନ୍ତି । ଏପରି ଘୋଷଣା ନିଜେ ବିକ୍ରାନ୍ତ କରିଛନ୍ତି । ତେବେ ବିକ୍ରାନ୍ତଙ୍କ ଏପରି ଘୋଷଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି, ବିଶେଷ ଭାବେ ତାଙ୍କ ଫ୍ୟାନ୍‌ଙ୍କୁ ଏହା ଖୁବ ନିରାଶ କରିଛି । ବିକ୍ରାନ୍ତଙ୍କ ହାତରେ ବର୍ତ୍ତମାନ କିଛି ପ୍ରୋଜେକ୍ଟ ରହିଛି ଯାହାକୁ ପୂରା କରିବା ପରେ ବିକ୍ରାନ୍ତ ଅଭିନୟ ଛାଡିଦେବେ । ତେବେ ଅଭିନୟ ପାଇଁ ବିକ୍ରାନ୍ତ ନିଜ ପରିବାର ପାଇଁ ସମୟ ଦେଇ ପାରୁନାହାନ୍ତି, ଯେଉଁ କାରଣରୁ ସେ ସନ୍ୟାସ ନେଉଛନ୍ତି ବୋଲି ବିକ୍ରାନ୍ତ ପ୍ରକାଶ କରିଛନ୍ତି । ଏ କଥାକୁ କିଛି ସେଲିବ୍ରିଟିମାନେ ମଧ୍ୟ ଗ୍ରହଣ କରିପାରୁ ନାହାନ୍ତି, ସେମାନେ ଏ ଖବର ଶୁଣିବା ପରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ଏତେ କମ ଦିନର କ୍ୟାରିୟରରେ ଖୁବ ଭଲଭଲ ଚରିତ୍ର କରି ସେ ଦର୍ଶକଙ୍କ ହୃଦୟରେ ନିଜ ପାଇଁ ଏକ ସ୍ୱତନ୍ତ୍ରସ୍ଥାନ ପ୍ରସ୍ତୁତ କରିବାରେ ସଫଳ ହୋଇପାରିଛନ୍ତି । ତେବେ ଫ୍ୟାନମାନେ ବିକ୍ରାନ୍ତଙ୍କୁ ଆହୁରି ଅନେକ ଭିନ୍ନଭିନ୍ନ ଭର୍ସାଟାଇଲ ଚରିତ୍ରରେ ଦେଖିବାକୁ ଆଶା ରଖିଥିଲେ । ବର୍ତ୍ତମାନ କିନ୍ତୁ ସେମାନଙ୍କ ଆଶା ଆଶାରେ ହିଁ ରହିବାକୁ ଯାଉଥିବା ଦେଖିବାକୁ ମିଳୁଛି । ଏଭଳି ଜଣେ ଅଭିନେତା ଅଭିନୟରୁ ଦୂରେଇ ଯାଉଥିବାରୁ ଏହା ବିଟାଉନ୍ ପାଇଁ ଅପୂରଣୀୟ କ୍ଷତି ହେବ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି ।

## ଗାଡ଼ିରୁ ତେଲ ସରିବା ଅପରାଧ !

ସାଧାରଣତଃ ଅପରାଧ ତାଲିକାରେ ଚୋରି, ହତ୍ୟା, ଲୁଣ୍ଠନ, ମାରପିଟ ଭଳି ଭୁଲ ଆସିଥାଏ । ହେଲେ ଗାଡିରୁ ତେଲ ସରିବା ଏକ ଅପରାଧ ବୋଲି କେହି କେବେ ବିଶ୍ୱାସ କରିବେ ନାହିଁ । ଦୁନିଆରେ ଏଭଳି ଏକ ଦେଶ ଅଛି ଯେଉଁଠି ଗାଡିରୁ ତେଲ ସରିଲେ ତାହା ଅପରାଧରେ ଗଣା ହୋଇଥାଏ । ଏହି ଅପରାଧ ପାଇଁ ଗାଡିର ଡ୍ରାଇଭରକୁ ଦଣ୍ଡ ମଧ୍ୟ ମିଳିଥାଏ । ଜର୍ମାନୀରେ ରହିଛି ଏଭଳି ଅଜବ ନିୟମ । ଏଠାରେ ଗାଡି ଜୋରରେ ଚଲାଇବା ଅପରାଧ ନୁହେଁ । ହେଲେ ଯଦି ମଝିରାସ୍ତାରେ ଗାଡିରୁ ତେଲ ସରିଯାଏ ତେବେ ତାହା ଅପରାଧ । ଏହି ଅପରାଧ ପାଇଁ ଦଣ୍ଡ ସହ ଜରିମାନା ଦେବାକୁ ହୋଇଥାଏ । ତେଣୁ ଏଠିକାର ବାସିନ୍ଦା ଏଥିପ୍ରତି ବିଶେଷ ଧ୍ୟାନ ଦେଇଥାଆନ୍ତି । ସେହିଭଳି ଜର୍ମାନୀରେ ଫୋନ ଉଠାଇଲେ ହେଲୋ କୁହନ୍ତି ନାହିଁ । ତାଙ୍କୁ ସେଠି ଫୋନ ଉଠାଇବା ସମୟରେ ହେଲୋ ନକହି ନିଜର ନାଁ କହିବାକୁ ହୋଇଥାଏ । ସେହିଭଳି ଆଉ ଏକ ଅଜବ ବିଶ୍ୱାସ ରହିଛି ସେଠିକାର ବାସନ୍ଦାଙ୍କ ମନରେ । ଜନ୍ମଦିନର ଶୁଭେଚ୍ଛା ଆଗୁଆ ଦିଆଯାଇନଥାଏ । ଆଗୁଆ ଶୁଭେଚ୍ଛାକୁ ଏଠାରେ ଅଶୁଭ ମାନନ୍ତି । କେବଳ ଜନ୍ମଦିନରେ ହିଁ ଶୁଭେଚ୍ଛା ଦିଆଯାଇଥାଏ ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୫୮
ତିଥି : ଦ୍ୱିତୀୟ
୦୩ ଡିସେମ୍ବର ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 58
03 Dec 2024, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ‘ଆଳୁ’ ପ୍ରସଙ୍ଗରେ ବିଧାନସଭା ସରଗରମ

## ନିୟନ୍ତ୍ରଣରେ ନାହିଁ ଆଳୁ ଦର, ଲୋକେ ହନ୍ତସନ୍ତ



ଭୁବନେଶ୍ୱର, ୨।୧୨ (ସବ୍ୟୁ) : ଆଳୁ ନେଇ ବିଧାନସଭାରେ ଝଡ଼ । ରାଜ୍ୟରେ ଆଳୁ ଦର ବୃଦ୍ଧି ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରିଥିଲେ । ଏଥିପାଇଁ ଖାଉଟି କଲ୍ୟାଣ ଓ ଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ବିରୋଧୀ ଦାୟୀ କରିଛନ୍ତି । ବିଭାଗୀୟ ମନ୍ତ୍ରୀଙ୍କ ଯୋଗୁ ରାଜ୍ୟରେ ଆଳୁ ଦର ନିୟନ୍ତ୍ରଣକୁ ଆସୁନି ବୋଲି କହିଥିଲେ ବିରୋଧୀ ସଦସ୍ୟ ।

ରାଜ୍ୟରେ ଆଳୁର ଦରବୃଦ୍ଧିକୁ ନେଇ ଏମିତି କଟାକ୍ଷ କରିଥିଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ବିରୋଧୀ କଂଗ୍ରେସ ମଧ୍ୟ ସରକାରଙ୍କୁ ଘେରିଛି । ଏହାର ଜବାବରେ ଦେଇ ବିଜେପି ସଭ୍ୟ ସିଦ୍ଧାନ୍ତ ମହାପାତ୍ର କହିଲେ, ପୂର୍ବ ସରକାରର ନିଷ୍ଠା ଅଭାବରୁ ଆଜି ରାଜ୍ୟବାସୀ କଲବଲ ହେଉଛନ୍ତି । ଆଳୁ ମିଶନରେ ସରକାର ଆନ୍ତରିକତାର ସହ ଯଦି ଶୀତଳଭଣ୍ଡାର ପ୍ରତିଷ୍ଠା କରିଥାନ୍ତେ ଆଜି ଏ ଅବସ୍ଥା ଆସିନଥାନ୍ତା । ଓଡ଼ିଶା ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇ ପାରିଥାନ୍ତା ।

ଶ୍ରୀମତୀ ମଲ୍ଲିକ କହିଥିଲେ, ସପ୍ତାହକରେ ଆଳୁ କେଜି ୩୦ଟଙ୍କାରୁ ୬୦ ଟଙ୍କା ଛୁଇଁଲାଣି । ଏ ସରକାର ହେଉଛି ଆଳୁ ସରକାର । ମନ୍ତ୍ରୀ କହୁଛନ୍ତି ସେ ୩୦ ଟଙ୍କାରେ ଆଳୁ କିଣିଛନ୍ତି । ମନ୍ତ୍ରୀ ଟିକେ ସେଇ ଦୋକାନ ଠିକଣା (୯ ପୃଷ୍ଠାରେ)

## ଆଜି ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର, ୨।୧୨ (ସବ୍ୟୁ) : ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସୁଛନ୍ତି । ୭ ତାରିଖ ଯାଏ ରାଷ୍ଟ୍ରପତି ଓଡ଼ିଶାରେ ରହିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଟ୍ରାଫିକ କଟକଣା ଲାଗୁ କରାଯାଇଛି । ଏନେଇ ମାର୍ଗଦର୍ଶିକା ମଧ୍ୟ ଜାରି ହୋଇଛି । ଆସନ୍ତାକାଲି ଦିଲ୍ଲୀରୁ ଅପରାହ୍ଣ ୨.୩୦ ମିନିଟ୍‌ରେ ରାଷ୍ଟ୍ରପତି ଭବନରୁ ବାହାରି ପାଲମ୍

### ୭ ତାରିଖ ଯାଏ ଓଡ଼ିଶାରେ ରହିବେ

ବିମାନବନ୍ଦରରୁ ବାୟୁ ସେନାର ସ୍ୱତନ୍ତ୍ର ବିମାନ ଯୋଗେ ସନ୍ଧ୍ୟା ୫ଟାରେ ଆସି ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବେ । ବିମାନ ବନ୍ଦରରୁ ୫.୧୦ରୁ ବାହାରି ୫.୩୦ ମିନିଟ୍‌ରେ ନିଳାଦ୍ରିବିହାର ଚନ୍ଦ୍ରଶେଖରପୁର ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ ଉତ୍ସବରେ ଯୋଗଦେବେ । ସନ୍ଧ୍ୟା ୬ଟାରେ ସେଠାରୁ ବାହାରି ରାଜଭବନ ଯାଇ ରାତ୍ରୀ ଯାପନ କରିବେ ।

୪ ତାରିଖରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ପୂର୍ବାହ୍ଣ ୯.୪୫ରେ ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ଅବତରଣ କରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ । ୧୦.୫୦ରେ ଗୋପବନ୍ଧୁ ଆୟୁର୍ବେଦିକ୍ ମହାବିଦ୍ୟାଳୟର (୯ ପୃଷ୍ଠାରେ)

## ସମ୍ବିଧାନ ପ୍ରସଙ୍ଗରେ ଆଲୋଚନା ଲାଗି ସହମତି

ନୂଆଦିଲ୍ଲୀ, ୨।୧୨ : ଏକ ସପ୍ତାହ ଧରି ସଂସଦରେ ଅଚଳାବସ୍ଥା ଲାଗି ରହିଛି । ଉଭୟ ଲୋକସଭା ଓ ରାଜ୍ୟସଭାରେ ଏହି ଅଚଳାବସ୍ଥା ଜାରି ରହିଛି । ତେବେ ସମ୍ବିଧାନ ଉପରେ ବିତର୍କ ଲାଗି ଉଭୟେ ବିରୋଧୀ ଓ ଶାସକ ସାଂସଦମାନେ ଏକମତ ହୋଇଛନ୍ତି । କେନ୍ଦ୍ର ଆଇନ୍‌ମନ୍ତ୍ରୀ କିରଣ ରିଜ୍‌ଜୁ ଏହି ସୂଚନା ଦେଇଛନ୍ତି ।

ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ନିଷ୍ପତ୍ତି ଅନୁଯାୟୀ ସମ୍ବିଧାନ ଉପରେ ଆସନ୍ତା ୧୩ ଓ ୧୪ ତାରିଖରେ ଲୋକସଭାରେ ୧୬ ଓ ୧୭ ତାରିଖରେ ରାଜ୍ୟ ସଭାରେ ବିତର୍କ ହେବ । ସଂସଦର କାର୍ଯ୍ୟକୁ ରୋକିବା ଠିକ୍ ନୁହେଁ । ଆମେ ସବୁ ବିରୋଧୀ ଦଳ ନେତାମାନଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ସଂସଦର କାର୍ଯ୍ୟକ୍ରମକୁ ଆସନ୍ତାକାଲି ଠାରୁ ସ୍ୱାଭାବିକ କରନ୍ତୁ । ନଭେମ୍ବର ୨୫ରୁ ଶୀତ ଅଧିବେଶନ ଆରମ୍ଭ ହୋଇଛି । ସଂସଦର ଦୁଇ ଗୃହ ହଟ୍ଟଗୋଳ ଯୋଗୁ ଅଚଳ ହୋଇଛି । ଡିସେମ୍ବର ୨୦ ପର୍ଯ୍ୟନ୍ତ ଅଧିବେଶନ ଚାଲିବ । ବିରୋଧୀ ସାଂସଦମାନେ ସମ୍ବିଧାନ ଲାଗୁ ହେବାର ୭୫ ବାର୍ଷିକୀ ଉପରେ ଆଲୋଚନା କରିବାକୁ ଚାହୁଁଛନ୍ତି । ତେବେ କ୍ଷମତାସୀନ ବିଜେପି କରିଛି ଯେ ବିରୋଧୀ ଦଳଗୁଡ଼ିକ ମୋଦିଙ୍କ ତୃତୀୟ ପାଳି ସରକାରକୁ ନେଇ ସମ୍ବିଧାନ ଉପରେ ଆକ୍ରମଣ କରୁଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ବିଜେପି ନେତାମାନେ ମଧ୍ୟ ବିରୋଧୀଙ୍କ ଏହି ମତକୁ ଖାରଜ (୯ ପୃଷ୍ଠାରେ)

## ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଲାଗି ଟାସ୍କଫୋର୍ସ



ଭୁବନେଶ୍ୱର, ୨।୧୨ (ସବ୍ୟୁ) : ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ଲାଗି ରାଜ୍ୟ ସରକାର ଏକ ଟାସ୍କଫୋର୍ସ ଗଠନ କରିଛନ୍ତି । ଦକ୍ଷିଣାଞ୍ଚଳ ବିକାଶ ସହ ବିକାଶ ପ୍ରକ୍ରିୟାରେ ସବୁ ବର୍ଗଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ପରିଷଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଘୋଷଣା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ବିକାଶ ପରିଷଦ କିପରି ଗଠିତ ହେବ, କେଉଁ ଜିଲ୍ଲା ଓ ବ୍ଲକ୍ ସାମିଲ ହେବ, ଏହାର ଢ଼ାଞ୍ଚା ଓ କାର୍ଯ୍ୟଶୈଳୀ କ'ଣ ରହିବ ସେ ସମ୍ପର୍କରେ ସୁଚିନ୍ତିତ ମତାମତ ପାଇଁ ଟାକ୍ସଫୋର୍ସ ଗଠନ କରାଯାଇଛି । ଗଠନ ହେବାର ୩୦ ଦିନରେ ଟାକ୍ସଫୋର୍ସ ରିପୋର୍ଟ ଦାଖଲ କରିବ । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଅଧ୍ୟକ୍ଷତାରେ ଗଠିତ ଟାକ୍ସଫୋର୍ସରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ବଳଭଦ୍ର ମାଝୀ, ସୁକାନ୍ତ ପାଣିଗ୍ରାହୀ, ବିଧାୟକ ସିଧାନ୍ତ ମହାପାତ୍ର, ନରିଂହ ମାଡକାମି, ରୂପେଶ କୁମାର ପାଣିଗ୍ରାହୀ, ଉମାଚରଣ ମଲ୍ଲିକ ଓ କଂଗ୍ରେସ ବିଧାୟକ ଦଳର (୯ ପୃଷ୍ଠାରେ)

## ପୁଣି ତେଜିଲା ଚାଷୀ ଆନ୍ଦୋଳନ



ନୂଆଦିଲ୍ଲୀ, ୨।୧୨ : ପଞ୍ଜାବ ଚାଷୀଙ୍କର ଦିଲ୍ଲୀ ଚଲୋ ଆନ୍ଦୋଳନ ଡାକରା ଲାଗି ଦିଲ୍ଲୀରେ ସାଂଘାତିକ ଟ୍ରାଫିକ୍ ଜାମ୍ ହୋଇଛି । ଆନ୍ଦୋଳନକାରୀ ଚାଷୀମାନେ ଦିଲ୍ଲୀ-ନୋଇଡା ସୀମାରେ ଥିବା ବ୍ୟାରିକେଡ୍‌କୁ ଭାଙ୍ଗି ଦିଲ୍ଲୀଆଡେ ଅଗ୍ରସର ହେଉଥିବାବେଳେ ସେଠାରେ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଛି । ପୋଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ସ୍ୱାଭାବିକ ଅବସ୍ଥା ଫେରିଛି । ଭାରତୀୟ କିଷାନ ୟୁନିୟନ୍ ନେତା ପଥ୍ୱନ ଖତାଣା କହିଛନ୍ତି ଯେ ଚାଷୀମାନେ ଜମି ଅଧିଗ୍ରହଣ ଆଇନ୍ ଅନୁଯାୟୀ କ୍ଷତିପୂରଣ ଦାବି କରୁଛନ୍ତି । ଏହାଛଡା ସର୍ବନିମ୍ନ ସହାୟକ ମୂଲ୍ୟର ଗ୍ୟାରେଣ୍ଟି ପାଇଁ ଦାବି କରିବା ସହ ଆଲୋଚନା କରୁଛନ୍ତି ।

ଚାଷୀ ସଂଗଠନ ପକ୍ଷରୁ କୁହାଯାଇଛି ଯେ ୨୦୧୩ରେ ଚାଷୀମାନେ ଗୌତମବୁଦ୍ଧ ନଗରରେ ଜମି ଅଧିଗ୍ରହଣ ଆଇନ୍ ନେଇ ଲଢ଼େଇ କରିଥିଲେ, ଏହା ମଧ୍ୟ ପାରିତ ହୋଇଥିଲା । ମାତ୍ର ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । କୌଣସି ଚାଷୀ ୪ ଗୁଣା କ୍ଷତିପୂରଣ ପାଇନାହାନ୍ତି । ଏହାଛଡା ମୂଲ୍ୟରେ କିଛି ବୃଦ୍ଧି ହୋଇନାହିଁ । ବିମାନବନ୍ଦର ଯୋଗୁ ଚାଷୀମାନେ ବିସ୍ଥାପିତ ହୋଇଛନ୍ତି । ସେମାନେ ପ୍ରତିବାଦ ଜାରି ରଖିଛନ୍ତି । ମାତ୍ର ବିସ୍ଥାପନ ନୀତିରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ଆମେ ଏଥିଲାଗି ଦିଲ୍ଲୀଚଲୋ ଡାକରା ଦେଇଥିଲୁ । ଆମେ ରାସ୍ତା ବନ୍ଦ କରିନାହୁଁ । ପ୍ରଶାସନ ଏହା କରିଛି । ଆମେ ଆମ ଯାତ୍ରାକୁ ଆଗକୁ ନେବାକୁ ଯୋଜନା କରିଥିଲୁ ମାତ୍ର ସେମାନେ ରାସ୍ତା ବନ୍ଦ କରିଛନ୍ତି । ଆମକୁ ସାମୟିକ ଭାବେ ଅଟକା ଯାଇଛି ବୋଲି ସଂଗଠନ (୯ ପୃଷ୍ଠାରେ)

### ବ୍ୟାରିକେଡ୍ ଭାଙ୍ଗିଲେ, ବୁଝାସୁଝା ପରେ ପରିସ୍ଥିତି ସ୍ୱାଭାବିକ

### ଏମ୍‌ଏସ୍‌ପି, ଅଧିଗ୍ରହଣ ଜମିର ୪ ଗୁଣା କ୍ଷତିପୂରଣ ଦାବି

## ନାବାଳିକାକୁ ଗଣଦୁଷ୍କର୍ମ, ୪ ଅଟକ

ସମ୍ବଲପୁର, ୨।୧୨ (ସବ୍ୟୁ): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ୧୪ବର୍ଷିୟା ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଛି । ଏନେଇ ପୀଡିତାଙ୍କ ପରିବାର ଲୋକେ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରୁଛି । ଏହି ଅଭିଯୋଗରେ ୪ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି । ସୂଚନାଯୋଗ୍ୟ, ନାବାଳିକା ଜଣକ ବିଲୁଙ୍ଗ ଗ୍ରାମରୁ ଯାତ୍ରା ଦେଖି ରାତିରେ ଏକାକୀ ଘରକୁ ଫେରୁଥିଲେ । ଏହାର ସୁଯୋଗ ନେଇ କିଛି ଯୁବକ ତାଙ୍କୁ ଦୁଷ୍କର୍ମ କରିଥିବା ଜଣାପଡିଛି । ଅଭିଯୋଗ ପରେ ପୋଲିସ ସଂପୃକ୍ତ ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିଛି ।

## ୧୦ ବର୍ଷରେ ୧୨୩ ମାଓବାଦୀ ନିହତ

ଭୁବନେଶ୍ୱର, ୨।୧୨ (ସବ୍ୟୁ) : ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟଣାରେ ଗତ ୧୦ ବର୍ଷ ମଧ୍ୟରେ ୧୨୩ ମାଓବାଦୀ ନିହତ ହୋଇଥିବାବେଳେ ୧୧ ସୁରକ୍ଷାକର୍ମୀ ସହିଦ ହୋଇଛନ୍ତି । ୨୦୧୪ ଜାନୁଆରୀ ପହିଲାରୁ ୨୦୨୩ ଡିସେମ୍ବର ୩୧ ଓ ୨୦୨୪ ନଭେମ୍ବର ୧୫ ମଧ୍ୟରେ ଏହାର ସଂଗଠିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି ।

ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୨୬ ସୁଦ୍ଧା ମାଓବାଦୀ ମୁକ୍ତ କରିବାକୁ କେନ୍ଦ୍ର ସରକାରଙ୍କ ଆହ୍ୱାନ କ୍ରମେ ଉକ୍ତ ସମୟସୀମା ମଧ୍ୟରେ ନକ୍ସଲ ମୁକ୍ତ କରିବାକୁ ପଦକ୍ଷେପ ନିଆଯାଉଛି । ମାଓବାଦୀ ପ୍ରଭାବିତ ଅଞ୍ଚଳରେ କେନ୍ଦ୍ରୀୟ ସୁରକ୍ଷାବଳ, ରାଜ୍ୟ ପୋଲିସବଳ, ନକ୍ସଲ ପ୍ରଭାବିତ ପଡୋଶୀ ରାଜ୍ୟ ପୋଲିସ ସହ ସମନ୍ୱୟ ରକ୍ଷାକରି (୯ ପୃଷ୍ଠାରେ)

## ବଜେଟ୍ ବରାଦ ଅର୍ଥ ଖର୍ଚ୍ଚ ନଗଣ୍ୟ

ଭୁବନେଶ୍ୱର, ୨।୧୨ (ସବ୍ୟୁ) : ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ବଜେଟ୍ ଖର୍ଚ୍ଚ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଅକ୍ଟୋବର ସୁଦ୍ଧା ବଜେଟର ୩୭.୩୪% ଖର୍ଚ୍ଚ ହୋଇଛି । ତେବେ ୪୪ ବିଭାଗ ମଧ୍ୟରୁ ୧୨ଟି ବିଭାଗରେ ବଜେଟ ଖର୍ଚ୍ଚ ଅତି ନଗଣ୍ୟ । ଏହି ୧୨ଟି ବିଭାଗରେ ମୋଟ ବଜେଟର ୨୦% ତଳେ ଖର୍ଚ୍ଚ ହୋଇଛି । ରାଜ୍ୟ ସରକାର ବଜେଟ ଅର୍ଥ ଖର୍ଚ୍ଚ ନକରିବା ସଂକ୍ରାନ୍ତରେ ବିଧାୟକମାନେ ଗୃହରେ ଉଦବେଗ ପ୍ରକାଶ କରିଛନ୍ତି । ଏହାସହ ବିଭାଗୱାରୀ ଉତ୍ତରରେ ତାଳମେଳ ରହୁନଥିବା ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ ଅଭିଯୋଗ କରିଛନ୍ତି ।

ସେହିପରି ପର୍ଯ୍ୟଟନ ବିଭାଗ ମାତ୍ର ୬.୧୭% ଖର୍ଚ୍ଚ କରିଥିବା ବେଳେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ୮.୪୨%, କ୍ଷୁଦ୍ର, ଅଣୁ ଓ ମଧ୍ୟମ ଉଦ୍ୟୋଗ ବିଭାଗ ୧୨.୦୧%, କ୍ରୀଡ଼ା ଓ ଯୁବ ସେବା ବିଭାଗ ୧୦.୫୯%, ଯୋଜନା ଓ ସଂଯୋଜନା ବିଭାଗ ୨୦.୫୫%, ଇସ୍ପାତ ଓ ଖଣି ବିଭାଗ ୧୩.୪୨%, ପରିବହନ ବିଭାଗ ୧୮.୮୨%, ବିଜ୍ଞାନ ଓ ବୈଷୟିକ ବିଭାଗରେ ୧୬.୨୧%, ଅଣୁ , କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ୧୨.୦୧ %,

### ସରକାରଙ୍କୁ ଘେରିଲେ ବିରୋଧୀ

### ଅକ୍ଟୋବର ସୁଦ୍ଧା ମାତ୍ର ୩୭.୩୪% ବ୍ୟୟ

ବିପର୍ଯ୍ୟୟ ପରିଚାଳନା ବିଭାଗ ୧୭.୫୬% ଓ ମିଶନ ଶକ୍ତି ବିଭାଗ ୧.୨୪% ଖର୍ଚ୍ଚ କରିଛି । ଯାହା ନୈରାଶ୍ୟଜନକ ବୋଲି ବିରୋଧୀ ବିଧାୟକ ଗୃହରେ କ୍ଷୋଭ ପ୍ରକାଶ କରିଛନ୍ତି ।

ପ୍ରଶ୍ନ କାଳରେ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ କହିଛନ୍ତି, ପୂର୍ବ ସରକାର ଅକ୍ଟୋବର ସୁଦ୍ଧା ୩୯.୧୬% ବଜେଟ୍ ଅର୍ଥ ଖର୍ଚ୍ଚ କରିଥିବା ବେଳେ ଆମ ସରକାର ୩୭.୩୪% ଖର୍ଚ୍ଚ କରିଛି । ଏପ୍ରିଲ, ମେ' ଓ ଜୁନ୍ ମାସରେ ନିର୍ବାଚନ ଆଚରଣବିଧି ଲାଗିଥିବା କାରଣରୁ ପ୍ରଥମ କ୍ୱାର୍ଟରରେ ଖର୍ଚ୍ଚ ଅତ୍ୟନ୍ତ ନଗଣ୍ୟ ଥିଲା । ଶତପ୍ରତିଶତ ବଜେଟ୍ ବିନିଯୋଗ ପ୍ରକ୍ରିୟା ସାରିବୁ । ଆମ ସରକାରର ୫ ମାସ ସରିଛି । ସରକାର ଆସିବା ପୂର୍ବରୁ ମେନୁଫେଷ୍ଟୋ ଯାହା ଥିଲା ସେହି ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରୋଗ୍ରାମ ଖର୍ଚ୍ଚ ହୋଇପାରିନାହିଁ ବୋଲି ବିଧାୟକମାନେ ଯେଉଁ ଆଶଙ୍କା କରୁଛନ୍ତି ବର୍ଷ ଶେଷସୁଦ୍ଧା ଚଳିତ ଆର୍ଥିକ ବର୍ଷର ବଜେଟ୍ ଖର୍ଚ୍ଚ ସରିବ ବୋଲି ଗୃହକୁ ଆଶ୍ୱାସନା ଦେଇଥିଲେ ମନ୍ତ୍ରୀ । ।

ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ଦର୍ଶାଯାଇଛି ଯେ, ଚଳିତ ବର୍ଷର ଅର୍ଥିକ ବର୍ଷର ଅକ୍ଟୋବର ସୁଦ୍ଧା ସ୍ୱରାଷ୍ଟ୍ର ବିଭାଗ ୫୪.୨୬% ଅର୍ଥ ଖର୍ଚ୍ଚ କରିଥିବା ବେଳେ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ୨୬.୪୫%, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ୫୩.୫୬%, ଆଇନ ବିଭାଗ ୩୦.୪୦%, ଅର୍ଥ ବିଭାଗ ୪୪.୮୦%, ବାଣିଜ୍ୟ ବିଭାଗ ୨୩.୨୨%, ନିର୍ମାଣ ବିଭାଗ ୪୬.୨୦%, ବିଧାନସଭାରେ ୪୨.୬୪%, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ୬.୭୦%, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୪୬.୪୦, ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ୩୧.୫୨%, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୫୪.୨୦%, ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ ୨୨.୯୨%, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ୪୪.୧୨%, କ୍ରୀଡା ଓ ଯୁବସେବା ବିଭାଗ ୧୦.୫୯%, ଯୋଜନା ଓ ସଂଯୋଜନା ବିଭାଗ ୨୦.୫% ।

ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ୨୦.୫୩%, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗ ୩୩.୧୨%, ଶିଳ୍ପ ବିଭାଗ ୪୪.୭୭%, ଜଳ ସମ୍ପଦରେ ୩୭.୪୫%, ପରିବହନ ବିଭାଗ ୧୮.୮୨%, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ୩୪.୮୭%, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୨୩.୭୦%, ଇସ୍ପାତ ଓ ଖଣି ବିଭାଗ ୧୩.୪୨%, ସୂଚନା ଓ ଲୋକସମ୍ପର୍କ ବିଭାଗ ୪୦.୪୯%, ଅବକାରୀ ବିଭାଗ ୪୪.୮୩%, (୯ ପୃଷ୍ଠାରେ)

### ଆଇଟିଇଇଏସ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କ ସହ ମୁଖ୍ୟ ସଚିବଙ୍କ ଆଲୋଚନା

## ଦକ୍ଷତା ବିକାଶ କ୍ଷେତ୍ର ହେବ ଉନ୍ନତ




ଭୁବନେଶ୍ୱର, ୨।୧୨ (ସବ୍ୟୁ) : ସିଙ୍ଗାପୁରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ ଆଣ୍ଡ ଏଜୁକେସନ ସର୍ଭିସେସ୍ (ଆଇଟିଇଇଏସ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ନଟରାଜନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଓଡ଼ିଶା ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ସାକ୍ଷାତ କରିବା ସହ ଏକ ବୈଠକରେ ଯୋଗଦେଇଥିଲେ ।

ସେମିକଣ୍ଡକ୍ଟର ଶିଳ୍ପର ବ୍ୟାପକତା ଏବଂ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ପ୍ରଯୁକ୍ତିବିଦ୍ୟାକୁ ଶକ୍ତି ଯୋଗାଇବାର ଗୁରୁତ୍ୱ ଦୃଷ୍ଟିରୁ ଉଭୟ ଓଡ଼ିଶା ତଥା ସମଗ୍ର ଦେଶରେ ସେମିକଣ୍ଡକ୍ଟର ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳର ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ସୂଚନା ଓ ପ୍ରଯୁକ୍ତି ଏବଂ ଆଇଟି-ସକ୍ଷମ ସେବା ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ପ୍ରସ୍ତାବ ଅନୁଷ୍ଠିତ ବୈଠକରେଦିଆଯାଇଥିଲା ।

ପ୍ରଧାନମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତ ବେଳେ ଆନ୍ତର୍ଜାତିକ (୯ ପୃଷ୍ଠାରେ)

### ସ୍ୱରାଷ୍ଟ୍ର, ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନା

# ଶାସକ–ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର (ସବ୍ୟୁ): ସ୍ୱରାଷ୍ଟ୍ର ବିଭାଗ ଓ ସାଧାରଣ ପ୍ରଶାସନ ଓ ସାଧାରଣ ବିଭାଗର ଅତିରିକ୍ତ ବିଜେଟର ଖର୍ଚ୍ଚଦାବି ପାରିତ ହୋଇଛି । ଏହି ଆଲୋଚନାରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ମୁହାଁମୁହିଁ ହେଉଥିବା ଦେଖିବାକୁ ମିଳିଛି ।

ଖର୍ଚ୍ଚଦାବି ଆଲୋଚନାରେ, ବିଜେଡ଼ି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି, ସରକାରକୁ ୬ମାସ ହେଲା ପୁରିଛି । ତେବେ ପ୍ରତ୍ୟେକ ଦିନ କେଉଁଠି ନାଁ କେଉଁଠି ଗଣଦୁଷ୍କର୍ମ, ହତ୍ୟା, ରାହାଜାନି ଭଳି କ୍ରାଇମ ହେଉଛି । ଏହି ସଂଖ୍ୟା ଏବେ ବଢ଼ି ଯାଇଛି । ଏହି ମାତ୍ରା ଅଧିକ ହେବାର କାରଣ କଣ ? ରଥଯାତ୍ରା ସମୟରେ ବିଭ୍ରାଟ ହେଲା । ଏପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ଆସିଲାନି । ସେହିଭଳି ରାଜ୍ୟପାଳଙ୍କ ପୁଅର ଘଟଣାରେ ନିରବ ସରକାର । ଭରତପୁର ଘଟଣା, ଚିକିଟି ମଦମୃତ୍ୟୁ ଘଟଣା ବି ତଦନ୍ତ ରିପୋର୍ଟ ଏପର୍ଯ୍ୟନ୍ତ ଆସିନାହିଁ । ଚିକିଟି ମଦମୃତ୍ୟୁରେ ଯୋଗାଣ ମନ୍ତ୍ରୀ କହିଲେ ପର୍ଯ୍ୟାପ୍ତ ଖାଦ୍ୟ ଥିଲା । ଆମ୍ବ ଟାକୁଆ ସେମାନଙ୍କର ପାରମ୍ପାରିକ ଖାଦ୍ୟ । ତାହା ହେଲେ ଆରଡିସି ତଦନ୍ତ କାହିଁକି କରିବେ ? ଆରଡିସି କଣ ସରକାରଙ୍କ ବିରୋଧରେ କହିବେ କି ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ରାଜ୍ୟରେ ୧୨ଟି ବଳତ୍କାର, ୫୫୬ ହତ୍ୟା ଏବଂ ଚୋରୀ, ଛିନ୍‌ତାଇ ଭଳି ଅପରାଧ ବଢ଼ିଛି । ଅପରାଧ ପ୍ରବଣରେ ଭୁବନେଶ୍ୱର ରେକର୍ଡ ଭାଙ୍ଗିଥିବାବେଳେ ୧ନମ୍ବର ସ୍ଥାନରେ ରହିଛି । ସେହିପରି ବଳାତ୍କାର ମାମଲାରେ ମୟୁରଭଞ୍ଜ, ଗଞ୍ଜାମ, ଯାଜପୁର, ଭୁବନେଶ୍ୱର ରହିଛି । ଶିଶୁ ବିକ୍ରି ପୂର୍ବରୁ ନଥିଲା । ଏବେ ପ୍ରତ୍ୟେକ ଗଣମାଧମରେ ଚିରୋନାମା ପାଲଟିଛି । କିଛି ଜାଗାରେ ପୋଲିସ ଗିରଫ କରିଛି । ଆଉ କିଛି ଜାଗାରେ ପୋଲିସ ଗିରଫ କରିପାରିନାହିଁ । ବାଲ୍ୟ ବିବାହ ଓଡ଼ିଶାରେ ନଥିଲା, ଏବେ ବଢ଼ିଚାଲିଛି । ଗୋଷ୍ଠୀ ଦଙ୍ଗା ଏବେ ବଢ଼ିଛି । ୫୧ଟି ଧର୍ମକୁ ନେଇ ମାମଲା ରୁଜୁ ହୋଇଛି । ଅପରାଧୀ ବିଜେଡ଼ି କିମ୍ବା ବିଜେପି ଅବା ଯେକୌଣସି ଦଳର ବ୍ୟକ୍ତି ହେଉନା କାହିଁକି ସେ ବଡ ଅପରାଧ । ତାଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ । ଶୂନ୍ୟ ସହନଶିଳତା ନୀତି କହୁଥିବା ସରକାର ଏବେ ସବୁକ୍ଷେତ୍ରରେ ପଛରେ ରହିଛନ୍ତି । ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ଅବବ୍ୟବସ୍ଥା ରହିଛି । କଟକରୁ ଭୁବନେଶ୍ୱର ଆସିବାକୁ ଏବେ ୧ଘଣ୍ଟା ଲାଗୁଛି । ଦୁର୍ଘଟଣା ମଧ୍ୟ ବଢୁଛି । କଟକରେ ପୀଡିତା ବିଭିନ୍ନ ଥାନା ବୁଲିଲେ ହେଲେ ତାଙ୍କ ମାମଲା ରୁଜୁ ହେଲାନି । ବାରଙ୍ଗ, ପୁରୀଘାଟ ଓ ସଦର ଥାନାରେ ମାମଲା କଲାନି ପୋଲିସ । ଗଣମାଧମରେ ଖବର ପ୍ରକାଶ ପରେ ଶେଷରେ ମାମଲା ରୁଜୁ ହେଲା ।

ରାଉରକେଲାରେ ନାବାଳିକାକୁ ଗଣ ଦୁଷ୍କର୍ମ କରାଗଲା । ଚାନ୍ଦବାଲିରେ ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ କରାଗଲା । ଏହି ଘଟଣାରେ ଅପରାଧୀଙ୍କୁ ଗିରଫ କରାଯାଇଥିବାବେଳେ ସେମାନେ ଅପରାଧ ସ୍ୱିକାର କରିଥିଲେ । ସେହି ମହିଳାଙ୍କ ଡାକ୍ତରୀ ମାଇନା ହୋଇଥିଲେ ମଧ୍ୟ ତାଙ୍କ ଉପରେ ଚାପ ପକାଇ ମାମଲା ପ୍ରତ୍ୟାହାର କରାଗଲା । ଚାନ୍ଦବାଲିରେ ୧୪୪ ଧାରା ଥିବା ସତ୍ତ୍ୱେ ବିଜେପି ସଭାପତିଙ୍କ ନେତୃତ୍ୱରେ ୧୫୦ ବାଇକ୍ ରାଲି କରାଗଲା କିପରି । ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣରେ ପୋଲିସ ଏକତରଫା ମାମଲା ରୁଜୁ କରିଛି । ପୋଲିସ କିଛି ଲୋକଙ୍କ ପାଇଁ କାମ କରୁଥିବାବେଳେ ଆଉ କିଛି ଲୋକଙ୍କ କ୍ଷେତ୍ରରେ ଅଲଗା ବ୍ୟବହାର କରୁଛି । ନ୍ୟାୟ ବ୍ୟବସ୍ଥା ସମସ୍ତ ପାଇଁ ସମାନ ରହିବା ଉଚିତ୍ ବୋଲି ଶ୍ରୀ ରାୟ କହିଛନ୍ତି ।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଛନ୍ତି, ରାଜ୍ୟରେ ଯେଉଁ ନୀରିହ ଲୋକ ଅଛନ୍ତି, ପ୍ରତ୍ୟେକ ଦିନ ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ଏ ସରକାର ସମୟରେ ଅପରାଧ ବଢ଼ିଛି । ୨୦୨୪ ସେପ୍ଟେମ୍ବର ସୁଧା ୧,୮୭,୮୮୭ ଟି ଧର୍ତ୍ତବ୍ୟ ଅପରାଧ ମାମଲା ପଞ୍ଜିକୃତ ହୋଇଛି ।

> **ନ୍ୟାୟ ବ୍ୟବସ୍ଥା ସମସ୍ତଙ୍କ ପାଇଁ ସମାନ ରହିବା ଉଚିତ୍ : ବିଜେଡି**
>
> **ଏ ସରକାର ସମୟରେ ଅପରାଧ ବଢ଼ିଛି : କଂଗ୍ରେସ**
>
> **ବିଜେପି ସରକାର ଲୋକଙ୍କ ପାଇଁ ସମର୍ପିତ : ବିଜେପି**

ରାଜ୍ୟରେ ବିଭିନ୍ନ ଥାନାରେ କର୍ମଚାରୀଙ୍କ ସଂଖ୍ୟା କମିଛି । ପ୍ରତ୍ୟେକ ଥାନାରେ ସିସିଟିଭି ବ୍ୟବସ୍ଥା ହୋଇନି । କ୍ରାଇମ୍ ବଢ଼ିବା ସହ ଜେଲ୍‌ରେ କଏଦୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଗରୀବ ଓ ନୀରିହ ଲୋକଙ୍କ ଉପରେ ଅତ୍ୟାଚାର ବଢୁଛି । ରାଜ୍ୟ ସରକାର ଗୃହ ବିଭାଗକୁ ମୁକ୍ତ କରନ୍ତୁ । ତାହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ । ଥାନା ଗୁଡ଼ିକୁ ୧୫ରୁ ୨୦ବର୍ଷର ପୁରୁଣା ଗାଡି ଦିଆଯାଉଛି । ଯାହା ଚୋରକୁ ଧରିବାରେ ସକ୍ଷମ ହୋଇପାରୁନାହାଁନ୍ତି । ସେମାନଙ୍କ ମାନସିକତାକୁ ଦୁର୍ବଳ କରାଯାଉଛି । ଗୃହ ବିଭାଗର ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ଅଛନ୍ତି । ଆଇନ୍ ଶୃଙ୍ଖଳାକୁ ନିୟନ୍ତ୍ରଣ କରନ୍ତୁ । କୋଟିଆରେ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ଅଛନ୍ତି । ହେଲେ ସେହି ଅଞ୍ଚଳରେ ଅବାଧ ପ୍ରବେଶ ବଢ଼ିଛି । ଅପରାଧ ମୁକ୍ତ ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ କାଡାମ କହିଛନ୍ତି ।

ବିଜେପି ବିଧାୟକ ଟଙ୍କଧର ତ୍ରୀପାଠୀ କହିଛନ୍ତି, ପୂର୍ବ ସରକାର ସମୟରେ ପୋଲିସର ମନୋବଳ ଭାଙ୍ଗୁଥିଲା । ବିଜେପି ସରକାର ଲୋକଙ୍କ ପାଇଁ ସମର୍ପିତ । ଯେଉଁମାନେ ଭୂଲ କରିଛନ୍ତି ସେମାନଙ୍କ ପାଇଁ ସେଲ୍ ପ୍ରସ୍ତୁତ କରାଯାଇଛି । ମୁଖମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ପୋଲିସ ବିଭାଗର ସଶକ୍ତିକରଣ କରାଯାଉଛି । ତତ୍କାଳିନ ଭଟ୍‌ଲି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଥାନା ଭିତରେ ପଶି ପୋଲିସକୁ ମାଡ ମାରିବା ଘଟଣା ଖବର ପ୍ରସାରିତ ହୋଇଥିଲା । ସରକାର ତାଙ୍କ ବିରୋଧରେ କଣ ଆକ୍ସନ ନେଲେ ଓ ସେ ଗିରଫ ହେଲେ କି ? ଆଇନମନ୍ତ୍ରୀଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଛି । ମମିତା ବେହେରା ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ? କୁରୁ ସଭାରେ ଧୃତରାଷ୍ଟ୍ର ଉପଖ୍ୟାନ ଦେଇଥିଲେ ଶ୍ରୀ ତ୍ରିପାଠୀ । ସମ୍ବଲପୁର ଓକିଲମାନଙ୍କୁ କେଉଁଭଳି ଭାବରେ ପୋଲିସ ଲଗାଇ ଅତ୍ୟାଚାର କରାଗଲା ତାହା ସମସ୍ତଙ୍କୁ ଜଣା । ହନୁମାନ ଜୟନ୍ତୀ ସାଧାରଣ ଲୋକ ପାଳୁଥିଲେ । ତାକୁ ବନ୍ଦ କରିଦିଆଗଲା । ସେ ସରକାର ମନ୍ତ୍ରୀଙ୍କୁ ସୁରକ୍ଷା ଦେଇପାରୁନଥିଲେ । ପୂର୍ବ ସରକାର ପୋଲିସ ଅପବ୍ୟବହାର କରୁଥିଲେ । ବିରୋଧୀଙ୍କୁ ଟ୍ରାଗେଟ୍ କରି କହିଥିଲେ ଅପେକ୍ଷା କରନ୍ତୁ ପୁରୁଣା କେଶ୍‌କୁ ପୁନର୍ବାର ଖୋଲାଯିବ । ଅତିରିକ୍ତ ବଜେଟ୍ ବିଷୟରେ ବିରୋଧୀ କହିଲେ ନାହିଁ । ଓଡ଼ିଶାରେ ପ୍ରଥମ ଥର ଡିଜି ଓ ଆଇଜିମାନଙ୍କ ସମ୍ମିଳନୀ କରାଗଲା । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ ଜଣାଇଥିଲେ । ୨୪ବର୍ଷ ଶାସନରେ ଉପକୂଳବର୍ତ୍ତୀ ଅଞ୍ଚଳରେ ୧୮ଟି ମେରାଇନ୍ ପୋଲିସ ସ୍ଥାପନ ହୋଇଛି । ତେବେ ସେମାନଙ୍କୁ ମାତ୍ର ୧୫ଟି ବୋଟ ଦିଆଯାଇଛି । ତାହା ପୁଣି କେନ୍ଦ୍ର ସରକାରଙ୍କ ତରଫରୁ । ବିକାଶ କଣ ହୋଇଛି ତାହା ଏଥିରୁ ସ୍ପଷ୍ଟ ଜଣାପଡିଛି । ଏ ସରକାର ଅତ୍ୟାଧୁନିକ ଟ୍ରେଲର ମୁତୟନ କରିବାକୁ ଯୋଜନା କରିଛନ୍ତି । ପୋଲିସ ସୁଦୃଢ଼ କରିବା ପାଇଁ ବ୍ୟବସ୍ଥା କରାଯାଉଛି । ପ୍ରତ୍ୟେକ ଥାନାକୁ ଗୋଟିଏ ଗାଡି ମିଳିଥିବାବେଳେ ଆଉ ଗୋଟିଏ ଗାଡିର ବ୍ୟବସ୍ଥା କରାଯାଉଛି । ବିଗତ ଦିନରେ ତଦନ୍ତକାରୀ ଅଧିକାରୀ ଗାଡି ନଥିବା କାରଣରୁ ତଦନ୍ତ ଠିକ୍‌ରେ କରିପାରୁନଥିଲେ । ତେଣୁ ପ୍ରତ୍ୟେକ ଥାନା ଗୁଡ଼ିକୁ ଗୋଟିଏ ଲେଖାଏଁ ବାଇକ୍ ବ୍ୟବସ୍ଥା ହେଉଛି । ପ୍ରଥମ ପର୍ଯ୍ୟାୟରେ ୩୮୩୨ ମୋଟର ସାଇକେଲ ଦିଆଯିବ । ଓଡ଼ିଶାର ମୋହନ ସରକାର ଲୋକଙ୍କ ପାଖରେ ଆଇନ କିପରି ଠିକ୍‌ରେ ପହଞ୍ଚିବ ସେଥିପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ । ଶାସକ ଦଳ ସଭ୍ୟ ବାବୁ ସିଂ ବିରୋଧୀଙ୍କୁ କଡ଼ା ଜବାବ ଦେଇଥିଲେ ।

ସେହିପରି କଂଗ୍ରେସ ବିଧାୟକ ଅଶୋକ କୁମାର ଦାସ, ବିଜେଡି ବିଧାୟକ ଧ୍ରୁବଚରଣ ସାହୁ, ସିଏସ୍ ରାଜନ ଏକ୍କା, ତୁଷାରକାନ୍ତି ବେହେରା, ସୁଜାତା ସାହୁ ପ୍ରମୁଖ ଆଇନଶୃଙ୍ଖଳା ନେଇ ବିଜେପି ସରକାରକୁ ଟାର୍ଗେଟ କରିଥିଲେ। ଅନ୍ୟପକ୍ଷରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଶାରଦା ପ୍ରଧାନ, ବିଭୂତି ଭୂଷଣ ପ୍ରଧାନ, ଅମର ନାୟକ, ସୀତାଂଶୁ ଶେଖର ମହାପାତ୍ର, ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ବିଜେପି ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ପୂର୍ବ ସରକାରର ଉଦାହରଣ ନେଇ ବର୍ଷିଥିଲେ।

## ବିଧାନସଭା



### ଯାତ୍ରାରେ ଅଶ୍ଳୀଳତା ପ୍ରଦର୍ଶନ ପ୍ରସଙ୍ଗ

## ଓଡ଼ିଶାର ସଂସ୍କୃତି ଅପଭ୍ରଂଶ ହେଉଛି

ଭୁବନେଶ୍ୱର(ସବ୍ୟୁ): ଯାତ୍ରା ପେଣ୍ଡାଲରେ ଅଶ୍ଳୀଳତା ପ୍ରଦର୍ଶନ ନେଇ ବିଧାନସଭାରେ ଉଦବେଗ । ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇ ଉଦବେଗ ପ୍ରକାଶ କଲେ ବିଜେପି ବିଧାୟକ ବାବୁ ସିଂ ଓ ସନାତନ ବିଜୁଳି ।

ଶ୍ରୀ ସିଂ କହିଛନ୍ତି, ଓଡ଼ିଶାର କଳା ଓ ସଂସ୍କୃତିକୁ କଳୁଷିତ କରାଯାଉଛି । ଯାତ୍ରା ଓପନ ପେଣ୍ଡାଲରେ ଜିଅନ୍ତା ଘୁଷୁରି ଓ ଜିଅନ୍ତା କୁକୁଡ଼ା ଛିନଭିନ କରି ଖାଇବା ଚିତ୍ର ଦର୍ଶକଙ୍କ ଆଗରେ ପ୍ରଦର୍ଶିତ ହେଉଛି । ଓଡ଼ିଶାର କଳା ଓ ସଂସ୍କୃତି ବହୁତ ତଳକୁ ଖସି ଯାଉଛି । ଓଡ଼ିଶାର କଳା ସଂସ୍କୃତି ରକ୍ଷା କରିବା ପ୍ରତିଶ୍ରୁତି ଦେଇଥିଲୁ । ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିଲୁ । ଓଡ଼ିଶାର ସଂସ୍କୃତିକୁ ଅପଭ୍ରଂଶ କରିବାକୁ ଉଦ୍ୟମ କରାଯାଉଛି । ଫିଲ୍ମ ପରି ଯାତ୍ରାରେ ବି ସେନସର ବୋର୍ଡ ବ୍ୟବସ୍ଥା କରାଯାଉ । ଓଡ଼ିଶାର କଳା ଓ ସଂସ୍କୃତିକୁ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନଷ୍ଠାନ ପାଇଁ ବାଚସ୍ପତିଙ୍କ ରୁଲିଂ ଦାବି କଲେ ବାବୁ । ସେହିପରି ଶ୍ରୀ ବିଜୁଳି କହିଛନ୍ତି, ଯାତ୍ରାରେ ନଗ୍ନ ଅଙ୍ଗ ପ୍ରଦର୍ଶନ କରାଯାଉଛି । ଫଳରେ ପରିବାର ଦେଖିବା କୁଣ୍ଠାବୋଧ କରୁଛନ୍ତି । ସେମାନଙ୍କ ଉପରେ ଲଗାମ ରହୁ ।

## ୧୩, ୩୭୩ ପୋଲିସ ପଦବୀ ଖାଲି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ୧୩ ହଜାର ୩୭୩ ପୁଲିସ ପଦବୀ ଖାଲି ପଡ଼ିଛି । ଅଗ୍ନିଶମ ବିଭାଗରେ ପଦବୀ ମଧ୍ୟ ଖାଲି ରହିଛି । ସେହିପରି ହୋମଗାର୍ଡ ପଦବୀ ଖାଲି ପଡ଼ିଛି ।

ବିଜେପି ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦର୍ଶାଇଛନ୍ତି ଯେ ରାଜ୍ୟ ପୋଲିସ ବିଭାଗରେ ୧୩ ହଜାର ୩୭୩ ପଦବୀ ଖାଲି ପଡ଼ିଛ । ସେହିପରି ଅଗ୍ନିଶମ ବିଭାଗରେ ୪୮୧ ପଦବୀ ଖାଲି ରହିଥିବାବେଳେ ୨୪୧୬ ହୋମଗାର୍ଡ ପଦବୀ ମଧ୍ୟ ଖାଲି ରହିଛି । କାରାଗାର ଏବଂ ଉପକାରାଗାରଗୁଡ଼ିକରେ ୮୬୨ ପଦବୀ ଖାଲି ପଡିଛି । ତେଣୁ ପଦବୀ ଗୁଡିକରେ ନିଯୁକ୍ତି ପାଇଁ ଚୟନ ଓ ପଦୋନ୍ନତି ଭିତ୍ତିରେ ପଦବୀ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ।

ପୁଲିସ ଆଧୁନିକୀକରଣ, ମାଓବାଦୀ ଦମନ, ଅପରାଧ ନିରାକରଣ, ପାଇଁ କେନ୍ଦ୍ର ସରକାର ୨ ବର୍ଷରେ ରାଜ୍ୟ ପୁଲିସ ବିଭାଗକୁ ବିଭିନ୍ନ ଯୋଜନାରେ ମୋଟ ୧୬୬.୪୯୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ମାଓବାଦୀ ପ୍ରଭାବିତ ଇଲାକାରେ ଭିତ୍ତିଭୂମି ନିର୍ମାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ନିରାପତ୍ତା, ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ପୁନଃଥଇଥାନ ବାବଦରେ ଏହା ଖର୍ଚ୍ଚ କରାଯାଉଛି । ପୋଲିସ ବିଭାଗର ଆଧୁନୀକିକରଣ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ହେଉଛି । ସେହିପରି ଟ୍ରାଫିକ୍ ନିୟନ୍ତ୍ରଣ ସମାଗ୍ରୀ ଯୋଗାଯୋଗ ସାମଗ୍ରୀ, ଗୁଇନ୍ଦା ସୁରକ୍ଷା ଉପକରଣ ଆଦି କିଣିବାରେ ମଧ୍ୟ ଅର୍ଥ ବ୍ୟୟ କରାଯାଉଥିବା ନେଇ ମୁଖ୍ୟମନ୍ତ୍ରୀ ତଥ୍ୟ ଉପସ୍ଥାପନ କରିଛନ୍ତି ।

## ୫୦୧୪ ଡାକ୍ତର ପଦବୀ ଖାଲି



ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ୫,୦୧୪ଟି ଡାକ୍ତର ପଦବୀ ଖାଲି ପଡିଛି । ବିଧାନସଭାର ଶୀତକାଳୀନ ଅଧିବେଶନରେ ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି ।

ରାଜ୍ୟରେ ଡାକ୍ତର ନିଯୁକ୍ତି ହେଉନଥିବାବେଳେ ଏକାଧିକ ଡାକ୍ତର ଛୁଟିରେ ରହିବା ସ୍ୱାସ୍ଥ୍ୟସେବା ସଙ୍କଟରେ ପଡ଼ିଛି । ତେଣୁ ଏନେଇ କ'ଣ ପଦକ୍ଷେପ ନିଆଯାଉଛି ବୋଲି ବିଜେଡି ବିଧାୟକ ଶ୍ରୀ ବେହେରାଙ୍କ ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି । ରାଜ୍ୟରେ ୧୧୧୪ ସ୍ପେଶାଲିଷ୍ଟ ଡାକ୍ତରଙ୍କ ସହିତ ମୋଟ ୫ ହଜାର ୧୪ ପଦବୀ ଖାଲି ପଡିଛି । ରାଜ୍ୟର ୩୦ଟି ଜିଲ୍ଲାରେ ୩୭୫ଟି ସିଏଚସିରେ ଡାକ୍ତର ନାହାନ୍ତି ।

ସେହିପରି ସର୍ବାଧିକ ଗଞ୍ଜାମରେ ୪୫୦ ଡାକ୍ତରଙ୍କ ପଦବୀ ଖାଲି ପଡିଛି । ସେହିପରି ମୟୂରଭଞ୍ଜରେ ୩୦୯ ପଦବୀ ଖାଲି ପଡିଛି । ଖୋର୍ଦ୍ଧାରେ ୧୨, କଟକ ଏସସିବିରେ ୨୮୧ ଡାକ୍ତର ପଦବୀ ଖାଲି ପଡିଛି । ମୟୂରଭଞ୍ଜ ଓ ଗଞ୍ଜାମରେ ସର୍ବାଧିକ ୮୭ ଲେଖାଏଁ ସ୍ପେଶାଲିଷ୍ଟ ଡାକ୍ତର ପଦବୀ ଖାଲି ରହିଛି । ଖୋର୍ଦ୍ଧାରେ ୨୯, କଟକରେ ୪୩ ସ୍ପେଶାଲିଷ୍ଟ ଡାକ୍ତର ପଦବୀ ଖାଲି ପଡିଛି । ସରକାର ଡାକ୍ତରୀ ପଦବୀ ପୂରଣ ଦିଗରେ କାମ କରୁଛନ୍ତି । ପର୍ଯ୍ୟାୟକ୍ରମେ ଏସବୁ ପଦବୀ ପୂରଣ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି ।

### ନକ୍ସଲ ମୂଳପୋଛ ଟାର୍ଗେଟ

## ନକ୍ସଲ ଦମନ ପାଇଁ ହେଲିକପ୍ଟର ମାଗିଛୁ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ଶାନ୍ତିରେ ଚାଲିଛି। ଆଇନଶୃଙ୍ଖଳା ସ୍ଥିତି ଶାନ୍ତିରେ ଅଛି। ୩/୪ ମାସ ହେବ ରାଜ୍ୟରେ ପାର୍ବଣ ଋତୁ ଚାଲିଥିଲା। ପାର୍ବଣ ଋତୁ ଶାନ୍ତିଶୃଙ୍ଖଳାର ସହ ପାଳନ ହୋଇଛି। ବାତ୍ୟା ଦାନା ମୁକାବିଲାରୁ ନେଇ ନକ୍ସଲ ଦମନ ପର୍ଯ୍ୟନ୍ତ, ସବୁ ଲକ୍ଷ୍ୟକୁ ସଫଳତାର ସାମ୍ନା କରାଯାଉଛି। ଆନ୍ତର୍ଜାତିକସ୍ତରରୁ ଧମକ ଆସିଥିଲେ ବି ଓଡ଼ିଶାରେ ୩ ଦିନ ଧରି ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ଉପସ୍ଥିତିରେ ଡିଜିପି ସମ୍ମିଳନୀ ସଫଳତାର ସହ ସମାପନ ହୋଇଛି। ଆଗକୁ ପ୍ରବାସୀ ଭାରତୀୟ ସମ୍ମିଳନୀ ବି ସଫଳତାର ସହ ଆୟୋଜନ ହେବ। ଗୃହ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ରଖି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ନକ୍ସଲ ଦମନ ନେଇ ବ୍ୟାପକ ପଦକ୍ଷେପ ନିଆଯାଉଛି। ଗତ ୪ ମାସରେ ୬ ମାପବାଦୀଙ୍କ ମୃତ୍ୟୁ ହୋଇଛି। ୪ ଗିରଫ ହୋଇଥିବାବେଳେ ୨୪ ଆତ୍ମ ସମର୍ପଣ କରିଛନ୍ତି। ମାପ ଦମନ ପାଇଁ ପଏସ୍‌ଏସ୍ ବାହିନୀରେ ୩ ହଜାର ୯ଟି ପଦବୀ ପୂରଣ ପାଇଁ ଅନୁମୋଦନ ଦିଆଯାଇଛି। ଓଡ଼ିଶାରୁ ନକ୍ସଲକୁ ମୂଳପୋଛ କରାଯିବ। ଏଥିପାଇଁ ହେଲିକପ୍ଟର ମାଗିଛୁ। କେନ୍ଦ୍ରକୁ ଚିଠି ଲେଖିବା ସହ ଗୃହ ମନ୍ତ୍ରୀଙ୍କୁ ଅନୁରୋଧ କରିଛୁ। ଗଞ୍ଜେଇ ଚାଷରୁ ନକ୍ସଲଙ୍କ ପାଖକୁ ଅର୍ଥ ଯାଉଛି। ଗଞ୍ଜେଇର ମୂଳୋତ୍ପାଟନ ପାଇଁ ଡ୍ରୋନ୍ ବ୍ୟବହାର କରାଯାଉଛି। ହଜାର ହଜାର ହେକ୍ଟର ଗଞ୍ଜେଇ ଚାଷ ନଷ୍ଟ କରାଯିବା ସହ ୧୨୬୮ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି।

ପୋଲିସ ବିଭାଗକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରାଯାଉଛି। ରାଜ୍ୟରେ ଦଣ୍ଡବିଧାନ ହାର କମ୍ ଥିବାରୁ ତ୍ୱରିତ ଫଇସଲା କରି ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି। ଖାଲି ଥିବା ୨ ହଜାର ୯୨୨ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇଛି। ଏସ୍‌ଆଇ, ସିପାହୀ, ଡ୍ରାଇଭର ପଦବୀରେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ମହିଳା ଓ ଶିଶୁ ଡେସ୍କକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆମ ସରକାର କାର୍ଯକ୍ରମ ହାତକୁ ନେଇଛନ୍ତି। ପୋଲିସ ଥାନାକୁ ସଶକ୍ତ କରାଯିବ। ପ୍ରତି ଥାନାରେ ୧ଟି ଲେଖାଏଁ ମଟର ସାଇକେଲ ଥିଲା। ପ୍ରତି ଥାନାକୁ ଆଉ ୬ଟି ଲେଖାଏଁ ମଟର ସାଇକେଲ ଦିଆଯିବ। ଅର୍ଥାତ୍ ପ୍ରତି ଥାନାକୁ ୭ଟି ଲେଖାଏଁ ମଟର ସାଇକେଲ ଓ ଆଇଆଇସିଙ୍କ ପାଇଁ ଗୋଟିଏ ଚାରିଚକିଆ ଯାନ ଦିଆଯିବ। ଅପରାଧୀଙ୍କୁ ଧରିବା ପାଇଁ ହାଇସ୍ପିଡ୍ ଗାଡ଼ି ଦିଆଯିବ। ରାଜ୍ୟରେ ୬୪୯ଟି ଥାନାକୁ ଶୀଘ୍ର ହାଇସ୍ପିଡ୍ ଗାଡ଼ି ଦିଆଯିବ। ଏଣିକି ଚୋର ଡାଳେ ଡାଳେ ଗଲେ, ପୋଲିସ ପତରେ ପତରେ ଯିବେ। ସାଇବର ସେଲ୍‌କୁ ସମୃଦ୍ଧ କରାଯାଉଛି। ଇତିମଧ୍ୟରେ ସାଇବର ଲୁଟ ଶିକାର ପୀଡ଼ିତମାନଙ୍କର ୩ କୋଟି ୫୭ ଲକ୍ଷ ଟଙ୍କା ଫେରସ୍ତ ଆଣି ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଉର ରଖିବାବେଳେ ପ୍ରଥମେ ବିଜେଡି ପ ପରେ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

### ଦୀର୍ଘଦିନ ଛୁଟିରେ ଅଛନ୍ତି ୧୯୬ ଡାକ୍ତର

## ଦୋଷୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ସବ୍ୟୁ): ଦୀର୍ଘଦିନ ଧରି ଛୁଟିରେ ଥିବା ୧୯୬ ଡାକ୍ତରଙ୍କ ବିରୋଧରେ ରାଜ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ବିଭିନ୍ନ କ୍ୟାଡରର ୧୯୬ ଡାକ୍ତର ଭିନ୍ନଭିନ୍ନ କାରଣ ଦର୍ଶାଇ ଛୁଟିରେ ରହିଛନ୍ତି ।

ସେମାନଙ୍କ ଛୁଟିର କାରଣ ଯଥାର୍ଥ ନଥିଲେ ସେମାନଙ୍କ ବିରୋଧରେ ସରକାରୀ ନିୟମ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଦର୍ଶାଇଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, ରାଜ୍ୟରେ ଡାକ୍ତର ବହୁ ଡାକ୍ତର ପଦବୀ ଖାଲି ପଡିଛି ।

## ୫ ମାସରେ ୯୦ ସରକାରୀ ବାବୁଙ୍କ ବିରୋଧରେ ଭିଜିଲାନ୍ସ ମାମଲା

ଭୁବନେଶ୍ୱର(ସବ୍ୟୁ): ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ୫ ମାସ ମଧ୍ୟରେ ୯୦ ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି ।

ବିଜେଡି ବିଧାୟକ ପ୍ରତାପ କେଶରୀ ଦେବଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଶ୍ରୀ ମାଝୀ ଦର୍ଶାଇଛନ୍ତି ଯେ ୨୦୨୪ ଜୁନ୍‌ରୁ ଅକ୍ଟୋବର ମଧ୍ୟରେ ସରକାର ଦୁର୍ନୀତିଖୋରଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ରୁଜୁ ହୋଇଥିବା ମାମଲା ମଧ୍ୟରେ ରାଜସ୍ୱ ବିଭାଗରେ ସର୍ବାଧିକ ୨୦ ଅଧିକାରୀ ଅଛନ୍ତି । ସେହିପରି ପଞ୍ଚାୟତିରାଜ ବିଭାଗର ୧୮ ଜଣ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ।

## ଜୀ ସାର୍ଥକ ଏବେ ପହଞ୍ଚିବ ଆପଣଙ୍କ ସହରରେ, ଆପଣଙ୍କ ପାଖକୁ

ଭୁବନେଶ୍ୱର (ସବ୍ୟୁ): ଓଡିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିଆଗରେ ରଖି ଭେଟିଦିଏ ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ । ସବୁଥର , ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ହେଉ ବା କୌଣସି ଫିଲ୍ମ ଦର୍ଶକେ ତାହାକୁ କେମିତି ନିଜ ଦୈନନ୍ଦୀନ ଜୀବନ ସହିତ ଯୋଡିବା ସହିତ କିଛି ଶିକ୍ଷା ପାଇବେ ତାହା ପ୍ରଥମ ଲକ୍ଷ । ଏବେ ଏହି ପଦ୍ଧତିରେ ଆସିବାକୁ ଯାଉଛି ନୂତନତ୍ୱ । ଯେଉଁଠାରେ ଆପଣ ନିଜେ ରଖିପାରିବେ ଆପଣଙ୍କ ମତ । ଆପଣଙ୍କ ମତକୁ ନେଇ କାର୍ଯ୍ୟକ୍ରମ କେମିତି ଆହୁରି ସରସ ଓ ସୁନ୍ଦର ହୋଇପାରିବ ତାହା ରହିବ ଆମର ଲକ୍ଷ । କେବଳ ଏତିକି ନୁହଁ ଜୀ ସାର୍ଥକର ଭ୍ୟାନ ଆପଣଙ୍କ ପାଖକୁ ଯାଇ ବିଭିନ୍ନ ଖେଳ , ପ୍ରତିଯୋଗିତା ଆୟୋଜନ କରାଇବ ଯାହାଦ୍ୱାରା ଲୋକେ ମନୋରଞ୍ଜନର ଖୋରାକ ସହିତ ବିଭିନ୍ନ ପୁରସ୍କାର ପାଇପାରିବେ । ଏହା ସହିତ ଦିଦି ନମ୍ବର ୧ ରୟାଲିଟି ସୋ ପାଇଁ ଆପଣ ସିଧାସଳଖ ଭ୍ୟାନ ପାଖରୁ ବୁଝି ନିଜ ନାମ ପଞ୍ଜୀକୃତ କରିପାରିବେ । ଦୁଇଟି ଭ୍ୟାନ୍ ମାଧ୍ୟମରେ ଓଡିଶାର ସମସ୍ତ ଜିଲ୍ଲାକୁ ବୁଲିବ ଜୀ ସାର୍ଥକର ଦଳ । ତେବେ ଜୀ



କାହାଣୀରେ ନୂତନତ୍ୱ ଓ ରୋମାଞ୍ଚ ଭରିଦିଏ ଜୀ ସାର୍ଥକ । ଏବେ ସମୟ ହୋଇଛି ଆଉ ପାଦେ ଆଗକୁ ବଢିବାର । ଏବେ ଜୀ ସାର୍ଥକ ପହଞ୍ଚିବ ଆପଣଙ୍କ ପାଖକୁ । ଦର୍ଶକ ହିଁ ଭଗବାନ । ଏହି ସିଦ୍ଧାନ୍ତକୁ ସର୍ବ ପ୍ରଥମେ ପ୍ରାଧାନ୍ୟ ଦେଇ ଜୀ ସାର୍ଥକ ଧାରାବାହିକ ହେଉ ଜୀ ସାର୍ଥକରେ ଦେଉଥିବା କାର୍ଯ୍ୟକ୍ରମ ବିଷୟରେ ଆପଣଙ୍କ ମତ ଜାଣିବା ନିହାତି ଗୁରୁତ୍ୱପୂର୍ଣ୍ଣ ବିଷୟ । ତେଣୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଆପଣେଇଛି ଜୀ ସାର୍ଥକ । ଏବେ ଆପଣଙ୍କ ସହରକୁ ଭ୍ୟାନ୍ ମାଧ୍ୟମରେ ପହଞ୍ଚିବ ଜୀ ସାର୍ଥକର ଦଳ । ସାର୍ଥକର ଏହି କାର୍ଯ୍ୟକ୍ରମ ସହିତ ନିଜକୁ ଯୋଡି ମନୋରଞ୍ଜନ ହେବା ସହିତ ବିଭିନ୍ନ ଆକର୍ଷଣୀୟ ପୁରସ୍କାର ଜିତନ୍ତୁ ଓ ସବୁଠୁ ମୂଲ୍ୟବାନ ଆପଣଙ୍କ ମତ ରଖନ୍ତୁ ବୋଲି ଅନୁରୋଧ କରିଛନ୍ତି ଜୀ ସାର୍କର ଚିଫ ଚ୍ୟାନେଲ ଅଫିସର୍ ପ୍ରତୀକ ସିଲ୍ ।

## ଓଡ଼ିଶା ପ୍ରେସ ଆଣ୍ଡ ମିଡିଆ ଟ୍ରଷ୍ଟ ତରଫରୁ ଏଡସ୍ ସଚେତନତା

କଟକ, (ସବ୍ୟୁ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ପ୍ରେସ ଆଣ୍ଡ ମିଡିଆ ଟ୍ରଷ୍ଟ ତରଫରୁ ବିଶ୍ ଏଡସ୍ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ପଟରା ସାହି, କଲେଜ ଛକ ଠାରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ କର୍ପୋରେଟର ଶୁଭାଶିଷ କୁମାର ପଟ୍ଟନାୟକ ଓ ମୁଖ୍ୟବକ୍ତା ରୂପେ ସମାଜସେବୀ ଅଜୟ କୁମାର ମହାନ୍ତି ଯୋଗଦେଇ ଏଡସ୍ ସଚେତନତାଉପରେ ଗରୁତ୍ୱ ଦେଇ ନିଜ ନିଜର ଅଭିଭାଷଣ ଉପସ୍ଥାପନ କରିଥିଲେ । ଅନୁଷ୍ଠାନର ସଭାପତି କିଶୋର କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରିୟ ରଂଜନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ପାତ୍ର, ବିମଳ ଜେନା, ସିଦ୍ଧାନ୍ତ ସାହୁ, ଓଁକାର ରାଉତ, ପ୍ରଶାନ୍ତ କୁମାର କାନୁନଗୋ, ସନ୍ତୋଷ କୁମାର ଭୋଳ, ରମେଶ୍ୱରୀ ସାହୁ, ତାନୁଶ୍ରୀ ବାରିକ ଓ ପ୍ରେମ ବାହାଦୂରଙ୍କ ସହିତ ଅନେକ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନା ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନର ସହସମ୍ପାଦକ ରାକେଶ କୁମାରଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଖିଳ ଭାରତୀୟ ପୂର୍ବ ସୈନିକସେବା ପରିଷଦର ବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର, (ସବ୍ୟୁ) : ଅଖିଳ ଭାରତୀୟ ପୂର୍ବ ସୈନିକସେବା ପରିଷଦର ତିନିଦିନିଆ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କେରଳ ରାଜ୍ୟର କନ୍ନର ଠାରେ ୨୫ତମ ବାର୍ଷିକ ସାଧାରଣ ଅଧିବେଶନ ନଭେମ୍ବର ୨୯ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ତିନି ଧରି ଅନୁଷ୍ଠିତ ହୋଇଥିଲା । ପରିଷଦର ଜାତୀୟ ଅଧକ୍ଷ ଜେନେରାଲ୍ ବିଷ୍ଣୁକାନ୍ତ ଚତୁର୍ବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଦେଶର କୋଣ ଅନୁକୋଣରୁ ୭୫୦ସଦସ୍ୟ (ସୈନ୍ୟ) ଓ ମାତୃଶକ୍ତିର ସଦସ୍ୟମାନେ ଯୋଗ ଦେଇଥିଲେ । ସମ୍ମିଳନୀରେ ଦେଶର ସୁରକ୍ଷା, ଦେଶସେବା ଏବଂ ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇବା (ଏକ ପେଡ୍ ମା'କେ ନାମ୍) ସହିତ ଦେଶ କିପରି ସବୁଥିରେ ଆତ୍ମ ନିର୍ଭରଶୀଳ ହୋଇପାରିବ ସେନେଇ ସଙ୍କଳ୍ପ ପାରିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶାରୁ ସଭାପତି ବିଗ୍ରେଡ ଅଭିମନ୍ୟୁ ରାଉତ, ସାଧାରଣ ସମ୍ପାଦକ କନ୍ନର ଦେବରାଜ ମଲ୍ଲିକ୍, ସାଙ୍ଗଠନିକ ସମ୍ପାଦକ କଂଗ୍ରେସ ପ୍ରଧାନ, ସମ୍ପାଦକ ସଂଗ୍ରାମ ବରାଳ ଓ ପାଞ୍ଚଜଣ ମାତୃଶକ୍ତିଙ୍କ ସହିତ ଭାଇସ୍ ପ୍ରେସିଡେଣ୍ଟ କମାଣ୍ଡର ଅଭିଜିତ୍ ତ୍ରିପାଠୀ ମଧ୍ୟ ଯୋଗ ଦେଇଥିଲେ ।

## ପରିତ୍ୟକ୍ତ କୂଅରୁ ମୃତଦେହ ଉଦ୍ଧାର

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡୁ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ଜଣଙ୍କ ନଗୁଡୁ ଗ୍ରାମର ମୁନା ନନ୍ଦ (୪୦) ବୋଲି ଜଣା ପଡିଛି । ଆଜି ଉକ୍ତ କୂଅରେ ମୃତଦେହ ଭାସୁଥିବା ଦେଖି ବୁଗୁଡ଼ା ଦମକଳ କେନ୍ଦ୍ରକୁ ସନ୍ଧ୍ୟାରେ ଖବର ମିଳିବା ପରେ ଅଗ୍ନିଶମ ବାହିନୀ କୂଅ ଭିତରୁ ମୃତଦେହ ଉଦ୍ଧାର କରିଥିଲେ। ତେବେ ପ୍ରାୟ ଦୁଇ ଦିନ ତଳୁ କୂଅରେ ଏହି ଶବ ପଡିରହିଥିବା ଅନୁମାନ କରାଯାଉଛି। ମୃତ ମୁନା ସୁରତରେ କାମ କରୁଥିବା ବେଳେ ସେ ଅବିବାହିତ ଥିଲେ । ତେବେ ସେ କେବେ ଗ୍ରାମକୁ ଆସିଥିଲେ ଏବଂ କେଉଁ ପରିସ୍ଥିତିରେ ଓ କେମିତି କୂଅରେ ପଡିଲେ ତାହା କେହି କହି ପାରୁନାହାନ୍ତି ।

## ଡ୍ରିମ୍ସ ପଲିଟେକ୍ନିକରେ ରୋବୋଟିକ୍ ସଂକ୍ରାନ୍ତ କର୍ମଶାଳା




କଟକ, (ସ୍ୱପ୍ର): ରାଜ୍ୟର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡ୍ରିମ୍ସ ପଲିଟେକ୍ନିକରେ ରୋବୋଟିକ୍ ଉପଯୋଗ ସଂକ୍ରାନ୍ତ ତିନିଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାନୁଷ୍ଠାନର ଅଧକ୍ଷା ଡ. ତପସ୍ୱିନୀ ସାହୁଙ୍କ ପୌରହିତ୍ୟରେ ଆୟୋଜିତ କର୍ମଶାଳାରେ ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି ରୋବୋଟିକ୍ର ଉପଯୋଗ ଦ୍ୱାରା କିଭଳି ବାସ୍ତବ ଜୀବନର କାର୍ଯ୍ୟଶୈଳୀ ସହଜ ଓ ସରଳ ହୋଇପାରୁଛି ସେ ସଂପର୍କରେ ବର୍ଣ୍ଣନା କରି ଏକ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ବୈଷୟିକ ଜ୍ଞାନ କୌଶଳ ପ୍ରଶଂସନୀୟ ବୋଲି କହିଥିଲେ । ଇନ୍ଷ୍ଟିଚ୍ୟୁସନ୍ ଇନୋଭେସନ କାଉନ୍ସିଲ ଓ ରୋବୋଟିକ୍ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ସତ୍ୟବ୍ରତ ଜେନା, ଅଭିକ୍ ଶର୍ମା ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ରୋବୋଟିକ୍ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ । କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂର ୩ୟ ବର୍ଷ ଛାତ୍ରୀ ଆକାଂକ୍ଷା ବେହେରା ସ୍ୱାଗତ ସୂଚନା ଓ ଛାତ୍ର କେ. ରାଜତିଲକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ପ୍ରୋଜେକ୍ଟ ପ୍ରଦର୍ଶନ ଦ୍ୱାରା ରୋବୋଟିକ୍ କୌଶଳ ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ ।

## ସ୍କୁଲ ବସ୍‌କୁ ଧକ୍କା ଦେଲା ଟ୍ରକ୍, ବର୍ତ୍ତିଲେ ୩୦ରୁ ଅଧିକ ଛାତ୍ରଛାତ୍ରୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ରଣପଶି ଠାରେ ଥିବା ସେଣ୍ଟ ଜାଭିୟର୍ସ ସ୍କୁଲ ବସକୁ ଏକ ଟ୍ରକ ଧକ୍କା ଦେବା ଫଳରେ ବସରେ ଥିବା ୩୦ରୁ ଅଧିକ ଛାତ୍ରଛାତ୍ରୀ ଅଳ୍ପକେ ବଡଧରଣର ବିପଦରୁ ବର୍ତ୍ତି ଯାଇଥିବା ବେଳେ ୧୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଆହତ ହୋଇଥିବାର ଜଣାପଡିଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ସୋମବାର ସକାଳ ୭ଟା ସମୟରେ ରଣପଶି ଠାରେ ସେଣ୍ଟ ଜାଭିୟର୍ସ ସ୍କୁଲର ୧୪ ନମ୍ବର ବସ୍ ନମ୍ବର ଓଡ଼ି୦୬ଡି-୭୦୧୫ ସହରରୁ ୩୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ବସାଇ ସ୍କୁଲ ଯାଉଥିଲା। ୫୫ ନମ୍ବର ଜାତୀୟ ରାଜପଥ ଆଇପିଏଲ୍ କମ୍ପାନୀ ନିକଟରେ ଅନୁଗୁଳ ପଟୁ ଆସୁଥିବା ଟିଙ୍କଡ ବୋଝେଇ ହୋଇ ଛତିଶଗଡ ଅଞ୍ଚଳରୁ ଆସୁଥିବା ଟ୍ରକ୍



ନମ୍ବର ସିଜି୦୪- ପିଏଲ୍-୮୩୨ ଆଠଗଡରେ ଥିବା ଶ୍ରୀ ଲକ୍ଷ୍ମୀ ସିମେଣ୍ଟ କମ୍ପାନୀକୁ ଯାଉଥିଲା । ଉଭୟ ଜାତୀୟ ରାଜପଥରେ ଘସି ହୋଇ ଯିବା ଫଳରେ ଗାଡିରେ ଥିବା ୩୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭ ଜଣ ଆହତ ହୋଇଥିଲେ। ବସଟି ନିଜ ରୁଟରେ ନଯାଇ ବିପରୀତ ରାସ୍ତାରେ ଯାଉଥିବା ବେଳେ ସେ ଦିଗରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକକୁ ଦେଖି ବସ ଡ୍ରାଇଭର ପଙ୍କଜ ଲୋଚନ ସାହୁ ବସକୁ ରାସ୍ତା ପାର୍ଶ୍ୱରେ ଅଟକାଇ ଦେଇଥିଲେ। ଘଟଣା ସ୍ଥଳରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସମସ୍ତଙ୍କୁ ଅନ୍ୟ ଏକ ବସରେ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ଜଣଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଛାଡି ଦିଆଯାଇଥିବା ବେଳେ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ରଖା ଯାଇଥିଲା। ଜାଭିୟର୍ସ ସ୍କୁଲର ପ୍ରିନ୍ସିପାଲ ପ୍ରତାପ ପାଣିଗ୍ରାହୀ ମେଡିକାଲକୁ ଯାଇ ପିଲାଙ୍କର ଅବସ୍ଥା ପଚାରି ବୁଝିଥିଲେ। ଏହି ଦୁର୍ଘଟଣା ୫୫ ନମ୍ବର ଜାତୀୟ ରାଜପଥ କୋରିଆଁଛକ ନିକଟରେ ହୋଇଥିବା ବେଳେ ସ୍ଥାନୀୟ ଲୋକ ଦୁର୍ଘଟଣା ଘଟାଇଥିବା ଟ୍ରକଟିକୁ ଜବତ କରାଯାଇଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି । ପର ମୁହୂର୍ତ୍ତରେ ଟାଉନ୍ ଥାନା ହାତରେ ଧରାପଡି ଅଟକ ରହିଛି। ସ୍କୁଲ ବସ ଗୁଡିକ ଟ୍ରାଫିକ ନିୟମ ନମାନିବା ସହିତ ଛାତ୍ରଛାତ୍ରୀଙ୍କୁ ଓହ୍ଲାଇବା ଏବଂ ଚଢାଇବା ସମୟରେ ରାସ୍ତା ଉପରେ ରଖୁଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବାର ଆଲୋଚନା ହେଉଛି । ତେଣୁ ସ୍କୁଲ୍ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

## ସାଇବର ଗ୍ୟାଙ୍ଗର ନୂଆ ଫଣ୍ଡା ଏପିକେ ଫାଇଲ୍
# ଡାଉନଲୋଡ ନକରିବାକୁ ପରାମର୍ଶ

ବ୍ରହ୍ମପୁର, (ସବ୍ୟୁ): ସାଇବର ଠକ ମାନେ ଏବେ ଏପିକେ ଫାଇଲ ଡାଉନଲୋଡ କରିବାକୁ ଲୋକଙ୍କ ପାଖକୁ ମେସେଜ ପଠାଉଛନ୍ତି । ଏହି ଫଣ୍ଡା ସାଧାରଣ ଲୋକ ନବୁଝିପାରି ସାଇବର ଗ୍ୟାଙ୍ଗ ଜାଲରେ ଫସିଯାଉଛନ୍ତି । ଉକ୍ତ ଗ୍ୟାଙ୍ଗ ଦିନକୁ ଦିନ ନୂଆ ନୂଆ କୌଶଳ ପ୍ରୟୋଗ କରି ଲୋକଙ୍କୁ ଠକିବାରେ ଲାଗିଛନ୍ତି । ସଚେତନତାର ଅଭାବରୁ ଉକ୍ତ ଅଦୃଶ୍ୟ ଗ୍ୟାଙ୍ଗ ସବୁ ବର୍ଗର ଲୋକଙ୍କୁ ଟାର୍ଗେଟ କରି କୋଟି କୋଟି ଟଙ୍କା ଠକି ନେବାରେ ଲାଗିଛନ୍ତି। ପୋଲିସ ପକ୍ଷରୁ ଲଗାତର ଭାବେ ଲୋକଙ୍କୁ ସାଇବର ଠକଙ୍କ ଶିକାର ନହେବା ପାଇଁ ପ୍ରୟାସ ଜାରି ରହିଛି । ବର୍ତ୍ତମାନ ମୋବାଇଲର ହ୍ୱାର୍ଟସଆପକୁ ଆସୁଥିବା ଏପିକେ ଫାଇଲ ଡାଉନଲୋଡ ନକରିବାକୁ ପରାମର୍ଶ ଦେଇଛି ବ୍ରହ୍ମପୁର ସାଇବ ଥାନା ପୋଲିସ । ଆଜିକାଲି ସାଇବର ଠକମାନେ ଲୋକଙ୍କ ମୋବାଇଲକୁ ଏପିକେ ଫାଇଲ ପଠାଇ ଟଙ୍କା ଠକି ନେଉଥିବା ଘଟଣା ସାମ୍ନାକୁ ଆସୁଛି । ଅଜଣା ନମ୍ବରରୁ ଆସୁଥିବା ଏହି ଏପିକେ ଫାଇଲକୁ ଯଦି କୌଣସି ବ୍ୟକ୍ତି ନିଜ ମୋବାଇଲର ହ୍ୱାର୍ଟସଆପ କିମ୍ବା ଅନ୍ୟ କୌଣସି ଆପରେ ଖୋଲି ଦେଖନ୍ତି ତେବେ କିଛି ସମୟ ମଧ୍ୟରେ ତାଙ୍କ ଆକାଉଣ୍ଟରୁ ସମସ୍ତ ଟଙ୍କା ଗାଏବ ହୋଇଯାଉଛି ବୋଲି ସାଇବର ଥାନା ପକ୍ଷରୁ ଏକ ଭିଡିଓ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି । ତେଣୁ ଜନସାଧାରଣ ଏ ଦିଗରେ ସତର୍କ ରହି ସାଇବର ଠକଙ୍କ କବଳରୁ ବର୍ତ୍ତିବାକୁ ପରାମର୍ଶ ଦିଆଯାଇଛି ।

## ମହିଳାଙ୍କୁ ନିର୍ଯାତନା, ଦୁଇ ଝିଅ ଓ ନାତି ଗିରଫ

ବ୍ରହ୍ମପୁର, (ସବ୍ୟୁ) : ନିଜ ଜନ୍ମକଲା ମାଆକୁ ତାଙ୍କ ଦୁଇ ଝିଅ ଓ ନାତି ନିର୍ଯାତନା ଦେବା ଓ ଲୁହା ରୋଡ଼ରେ ଆକ୍ରମଣ କରିଥିଲେ। ମହିଳା ଜଣଙ୍କ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକାରୀଙ୍କ ଦୁଇ ଝିଅ ଓ ନାତିକୁ ଗିରଫ କରିଛି। ଝିଅ ସସ୍ମିତା ଦେବୀ, ସାନ ଝିଅ ବସ୍ମିତା ଦେବୀ ଓ ନାତି ସମୀର କୁମାର ବେହେରା। ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଲାଞ୍ଜିପଲ୍ଲୀ ଯାତ୍ରାପଡ଼ିଆ ନିକଟରେ ଅର୍ଥାତ ଟୋଟା ସାହିରେ କାନ୍ତବେହେରା(୭୧)ଙ୍କ ଘର ରହିଛି । ଗତକିଛି ମାସ ହେବ ତାଙ୍କୁ ତାଙ୍କର ଦୁଇ ଝିଅ ସସ୍ମିତା ଓ ବସ୍ମିତା ବିଭିନ୍ନ ନିର୍ଯାତନା ଦେବା ସହ ଉକ୍ତ ଘରକୁ ଜବର ଦଖଲ କରିରହି ଆସୁଛନ୍ତି । ନିର୍ଯାତନା ସହି ନପାରି କାନ୍ତବେହେରା ଆମ୍ବପୁଆ ସୁରକ୍ଷା ନଗରରେ ଘର ଭଡ଼ା ନେଇ ରହିଆସୁଥିଲେ। ସେ ଗୁରୁବାର ପୂଜା ପାଇଁ ଟୋଟା ସାହିରେ ଥିବା ନିଜ ଘରକୁ ଆସିଥିଲେ । ଏଠାରେ ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ଗାଳି ଗୁଲଜ କରିଥିଲେ। ପୁଅ ଅମିତ ତାଙ୍କୁ ପ୍ରତିବାଦ କରିବାରୁ ମାଆ କାନ୍ତ ଓ ଭାଇ ଅମିତକୁ ଅଭିଯୁକ୍ତମାନେ ଲୁହା ରୋଡ଼ରେ ଆକ୍ରମଣ କରିଥିଲେ। ଏପରି କି ପୁଅ ଅମିତର ସ୍କୁଟିକୁ ବାଡେଇ ଭାଙ୍ଗିଥିବା ନେଇ କାନ୍ତ ବେହେରା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଗଞ୍ଜାମ ଜିଲ୍ଲା ରିଟେଲର ସଂଘ ପକ୍ଷରୁ ବିକ୍ଷୋଭ

ଛତ୍ରପୁର, (ସବ୍ୟୁ) : ଅନ୍ୟ ରାଜ୍ୟ ସରକାରଙ୍କ ପରି କ୍ୱିଣ୍ଟାଲ ପ୍ରତି ୨୦୦ ଟଙ୍କା ପାରିଶ୍ରମିକ ପ୍ରଦାନ କରିବା, କରୋନା ମହାମାରୀ ସମୟରୁ ଆଜି ପର୍ଯ୍ୟନ୍ତ ବକେୟା ସମସ୍ତ ପାରିଶ୍ରମିକ ଏକ କାଳୀନ ପ୍ରଦାନ କରିବା, ପରିବହନ ଠିକାଦାର ମାନଙ୍କ ଦ୍ୱାରା ସାମଗ୍ରୀ ପହଞ୍ଚାଣ ସମୟରେ ହୋଇଥିବା ବ୍ୟାପକ ଅନିୟମିତତା ବନ୍ଦ କରିବା ପାଇଁ ସ୍ଥଗିତ ରହିଥିବା ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରି ଧାର୍ଯ୍ୟ ଓଜନ ମାପ ଅନୁସାରେ ସାମଗ୍ରୀ ପହଞ୍ଚାଣ ବ୍ୟବସ୍ଥା କରାଯିବା, କାର୍ଯ୍ୟରତ ଖୁଚୁରା ବିକ୍ରେତା ମାନଙ୍କୁ ଇ- କେୱାଇସି ବାବଦ ପାରିଶ୍ରମିକ ଅର୍ଥ ତୁରନ୍ତ ପ୍ରଦାନ କରାଯିବା ସମେତ ବିଭିନ୍ନ ଦାବି ନେଇ ସର୍ବ ଭାରତୀୟ ଡିଲର୍ସ ଫେଡ଼ରେସନର ଡାକରାରେ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲାର ଶାଖାର ସଭାପତି ଈଶ୍ୱର ଚନ୍ଦ୍ର ମହାନ୍ତି, ଉପସଭାପତି ଏସ. ତ୍ରିନାଥ ରେଡ୍ଡୀ, ସମ୍ପାଦକ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ସମେତ ବହୁ ରିଟେଲର ମାନେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ । ପ୍ରାରମ୍ଭରେ ନୂତନ ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରରେ ରିଟେଲର ମାନେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚିଥିଲେ ।

## ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ, ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଷ୍ଟାଡିୟମ, ତକତପୁର ପରିସରରେ ଡିସେମ୍ବର ୨ ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୧୭ ବର୍ଷରୁ କମ ଉଭୟ ବାଳକବାଳିକା ବର୍ଗର ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା, ୨୦୨୪-୨୫ ଉଦଘାଟିତ ହୋଇଯାଇଛି । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର ର ସହ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତିପ୍ରସାଦ ପରିଡାଙ୍କ ମାର୍ଗଦର୍ଶନରେ ଓ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସାଙ୍ଗଠନିକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ମୟୂରଭଞ୍ଜର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ମୟୂରଭଞ୍ଜ ଜିଲ୍ଲା ପରିଷଦର ଅଧକ୍ଷା ଭାରତୀ ହାଁସଦାଃ ଯୋଗଦେଇ କ୍ରୀଡାବିତ୍‌ମାନଙ୍କ ର ସୃଜନଶୀଳତା ବିକାଶ ସୁଦୃଢ଼ ମନୋବଳ, ଉନ୍ନତ ଚିନ୍ତାଧାରାର ପରିପ୍ରକାଶ କରି ରାଜ୍ୟ ଓ ଜାତୀୟ ସ୍ତରରେ ଉନ୍ନତମାନର କ୍ରୀଡା ପରିଦର୍ଶନ କରି ଓଡିଶା ରାଜ୍ୟର ନାମ ରଖିବା ପ୍ରତ୍ୟେକ ଛାତ୍ରଛାତ୍ରୀ ସଂକଳ୍ପ ନେବା ପାଇଁ କହିଥିଲେ । ସ୍ୱତନ୍ତ୍ର ଅତିଥିରୂପେ ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳସଚିବ ସହଦେବ ସମାଧିଆ, ସମ୍ମାନିତ ଅତିଥିଭାବେ ମୟୂରଭଞ୍ଜ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ, ବାରିପଦା ଷ୍ଟାଡିୟମର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜ ଦୀପ୍ତି ନାୟକ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜ ଶଶୀଧର ସିଂହ ପ୍ରମୁଖ ଯୋଗ ଦେଇ କ୍ରୀଡ଼ାବିତ ମାନଙ୍କର ଖେଳୁଆଡ଼ ମନୋଭାବ ଓ ଚିନ୍ତାଧାରା ବିକାଶ ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ରାଜ୍ୟର ୩୦ ଟି ଜିଲ୍ଲା ଓ ଭୁବନେଶ୍ୱର ରୁ ୪୮୯ ଜଣ ବାଳକ ଓ ୧୫୩ ବାଳିକା ଏବଂ ୭୩ ଜଣ ଟିମ ମ୍ୟାନେଜର ଯୋଗ ଦେଇ ଥିବା ବେଳେ ରାଜ୍ୟ ଅଫିସିୟାଲ ୮୫,ଜିଲ୍ଲା ଅଫିସିୟାଲ ୯୮ଜଣ ଯୋଗ ଦେଇଛନ୍ତି । ଅତିଥି ପରିଚୟ ଓ ମଞ୍ଚପରିଚାଳନା ଶିକ୍ଷକ ରଞ୍ଜନ କୁମାର ନନ୍ଦ କରିଥିବାବେଳେ ଶିକ୍ଷକ ନିରଞ୍ଜନ ଶତପଥି ସହଯୋଗ କରିଥିଲେ । ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଗୁଡ଼ା ବସଷ୍ଟାଣ୍ଡରୁ ହରିଣ ଛୁଆ ଉଦ୍ଧାର

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ନୂଆଁ ବସଷ୍ଟାଣ୍ଡ ଭିତରୁ ଗୋଟିଏ ହରିଣ ଛୁଆକୁ ବନ ବିଭାଗ ପକ୍ଷରୁ ଉଦ୍ଧାର କରିବା ପରେ ପ୍ରାଥମିକ ଚିକିତ୍ସା କରି ପୁଣି ଛାଡି ଦେଇଥିବା ଜଣା ପଡିଛି । ଆଜି ସକାଳ ପ୍ରାୟ ୧୧ଟା ସମୟରେ କୁକୁର ହାବୁଡ଼ରୁ ରକ୍ଷା ପାଇବା ପାଇଁ ଏକ ୩ ବର୍ଷର ହରିଣ ଛୁଆ ଶକ୍ତି ନଗର କେନାଲ ପଟୁ ଭୟରେ ଦୌଡି ଆସି ବସଷ୍ଟାଣ୍ଡର ଶୌଚାଳୟ ଭିତରକୁ ପଶି ଯାଇଥିଲା । ଖବର ପାଇ ବନ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ହରିଣ ଛୁଆଟିକୁ ଉଦ୍ଧାର କରି ବନ ବିଭାଗ କାର୍ଯ୍ୟାଳୟକୁ ନେଇଥିଲେ। ହରିଣ ଛୁଆଟିକୁ ସାମାନ୍ୟ ଆଘାତ ଲାଗିଥିବାରୁ କ୍ଷତ ସ୍ଥାନରେ ମଲମ ଲଗାଇ ପୁଣି ବିଲମାଳରେ ଛାଡି ଦିଆଯାଇଥିଲା ।

## ନୀତି ଓ ସଂସ୍ଥାଗତ ସଂସ୍କାର ମାଧ୍ୟମରେ ଭାରତରେ ସମବାୟ ଆନ୍ଦୋଳନର ପ୍ରଗତି

### ସାଜି କେ.ଭି.

ସହଭାଗୀ ଆର୍ଥିକ ପ୍ରଗତି ପାଇଁ 'ସହକାର ସେ ସମୃଦ୍ଧି' (ସମବାୟରୁ ସମୃଦ୍ଧି)କୁ ସମାବେଶୀ ବିକାଶଧାରାର ରଣନୀତି ଭାବରେ ଗ୍ରହଣ କରାଯାଇଛି ଏବଂ ତାହା ଏବେସୁଦ୍ଧା ଭାରତରେ ଉଲ୍ଲେଖନୀୟ ସଫଳତା ପ୍ରଦାନ କରିଛି। ଭାରତରେ ସମବାୟ ଆନ୍ଦୋଳନର ଇତିହାସ ଉପରେ ଦୃଷ୍ଟିପାତ କଲେ ଜଣାଯାଏ ଯେ ପ୍ରାକ୍- ସ୍ୱାଧୀନତା କାଳରେ, କୃଷି ଉପରେ ମୁଖ୍ୟତଃ ନିର୍ଭରଶୀଳ ଦେଶବାସୀଙ୍କ ଠାରୁ ଦାରିଦ୍ର୍ୟକୁ କିପରି ଭାବରେ ଦୂର କରାଯାଇପାରିବ ତାହା ଥିଲା ସବୁଠାରୁ ବଡ଼ ଚାଲେଞ୍ଜ । ଏପରିକି ସେତେବେଳେ ବାରମ୍ବାର ଘଟୁଥିବା ମରୁଡ଼ି ଏବଂ ସାହୁକାରମାନଙ୍କ ଦ୍ୱାରା ଅତି ନିର୍ମମ ଭାବରେ କରାଯାଉଥିବା ଶୋଷଣ ଠାରୁ ସୁଦ୍ଧା ଏହା ଅଧିକ ତୀବ୍ର ଥିଲା। ଏହା ଅତ୍ୟନ୍ତ ଆନନ୍ଦର ବିଷୟ ଯେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ନିରବଚ୍ଛିନ୍ନ ଓ ସମ୍ପୂର୍ଣ୍ଣ ରୂପେ ଲକ୍ଷ୍ୟ ବିନିର୍ଦ୍ଦିଷ୍ଟ ଆର୍ଥିକ ସମାଯୋଜନ ଉପକ୍ରମ ତଥା ଗ୍ରାମାଞ୍ଚଳର ସମବାୟ ଋଣ ପ୍ରଦାନକାରୀ ଅନୁଷ୍ଠାନ ବଳରେ, ସାଧାରଣ ଗ୍ରାମୀଣ ଲୋକମାନଙ୍କର ସାହୁକାର କିମ୍ବା ଜମିଦାରମାନଙ୍କ ଉପରେ ନିର୍ଭରଶୀଳତା ହ୍ରାସ ପାଇଛି ଏବଂ ତାହା ଏବେ ଆସି ୪.୨ ପ୍ରତିଶତରେ ପହଞ୍ଚିଛି (ଏନ.ଏ.ଏଫ.ଆଇ.ଏସ.ର ୨୦୨୧-୨୨ ରିପୋର୍ଟ ଅନୁସାରେ)।

ଭାରତରେ ସମବାୟ ଆନ୍ଦୋଳନକୁ ପ୍ରାରମ୍ଭିକ ଅବସ୍ଥାରେ ଶକ୍ତି ପ୍ରଦାନ ପୂର୍ବକ ଆଗକୁ ଆଗେଇ ନେବାର ସବୁଠାରୁ ବଡ଼ ଶକ୍ତିଟି ଯଦିଚ ଏବେ ତା'ର ବେଗ ହରାଇଛି, ଏବଂ ଗ୍ରାମାଞ୍ଚଳ ଅର୍ଥନୀତି ପାଇଁ ଅନେକ ନୂଆ ନୂଆ ଓ ଜଟିଳ ଚାଲେଞ୍ଜମାନ ମୁଣ୍ଡ ଟେକିଛନ୍ତି ଯାହାର ମୁକାବିଲା ଓ ସମାଧାନ ନିମନ୍ତେ ନୂଆ ଦିଗ ଓ ଉପାୟର ଆବଶ୍ୟକତା ରହିଛି ତଥାପି ସମବାୟ ଆନ୍ଦୋଳନ ଉପରୁ କଦାପି ଧ୍ୟାନ ହଟିନାହିଁ । ଏହା ଫଳରେ ଭାରତ ଯେତେବେଳେ ୨୦୪୭ ମସିହା ସୁଦ୍ଧା ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପିତ 'ବିକଶିତ ଭାରତ' ଲକ୍ଷ୍ୟ ହାସଲ ଦିଗରେ ଆଗକୁ ଅଗ୍ରସର ହେଉଛି ସେତେବେଳେ ଗ୍ରାମାଞ୍ଚଳ ଅର୍ଥନୀତି ସହିତ ଜଡ଼ିତ ସମସ୍ତଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟତ ସୁନିଶ୍ଚିତ କରାଯାଇପାରିଛି ।

ଅଧୁନା ଯେଉଁ ନୂଆ ନୂଆ ଚାଲେଞ୍ଜମାନ ମୁଣ୍ଡ ଟେକିଛନ୍ତି । ସେଗୁଡ଼ିକ ମଧ୍ୟରେ କୃଷକମାନଙ୍କ ଉପାର୍ଜନ ବୃଦ୍ଧି ଠାରୁ ନେଇ ଗ୍ରାମାଞ୍ଚଳ ଯୋଗାଣ ଶୃଙ୍ଖଳାକୁ ସକ୍ରିୟ ତଥା ସଫଳ କରାଇବା, ଖାଦ୍ୟ ମୁଦ୍ରାସ୍ଫୀତିକୁ ଦୀର୍ଘସ୍ଥାୟୀ ଭାବରେ ହ୍ରାସ କରିବା, ଅଣ- କୃଷି ନିଯୁକ୍ତି ସୁଯୋଗମାନ ସୃଷ୍ଟି କରିବା, କୃଷି ଉତ୍ପାଦିକା ଓ ଜଳବାୟୁ ସହନଶୀଳତା ବୃଦ୍ଧି କରିବା, ଏବଂ ଏକ ଡିଜିଟାଲ ଦୁନିଆରେ ଅନ୍ୟାନ୍ୟ ଆବଶ୍ୟକ ସୁବିଧାସୁଯୋଗମାନ ସୃଷ୍ଟି କରିବା ଆଦି ଅନ୍ୟତମ । ସମ୍ଭବତଃ ସମବାୟ ଅନୁଷ୍ଠାନ ହିଁ ଏହିସବୁ ଚାଲେଞ୍ଜଗୁଡ଼ିକର ସମାଧାନ ନିମନ୍ତେ ସମ୍ପୂର୍ଣ୍ଣ ରୂପେ ସକ୍ଷମ । କାରଣ ଏହି ସଂସ୍ଥାର ସ୍ଥାନୀୟ ସମସ୍ୟା ଓ ସୁଯୋଗ ସମ୍ପର୍କରେ ଜ୍ଞାନ ସର୍ବାଧିକ । ଅପର ପକ୍ଷେ, ଛାମୁଆ ତଥା ପଛୁଆ କାରଣମାନଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ସମାଧାନ ପନ୍ଥାକୁ ସୁଦୃଢ଼ କରିବା ଓ ନୂଆ ନୂଆ ବ୍ୟବସାୟିକ ବାତାବରଣ ସୃଷ୍ଟି ଏବଂ ଏହା ସହ ନିଜକୁ ତାଳମିଳାଇ କାର୍ଯ୍ୟ କରିବାର କ୍ଷମତା । କେବଳ ସମବାୟ ଅନୁଷ୍ଠାନମାନଙ୍କ ନିକଟରେ ହିଁ ମହଜୁଦ ରହିଛି । ଏହି ପରିପ୍ରେକ୍ଷୀରେ ମିଳିତ ଜାତିସଂଘ ସାଧାରଣ ପରିଷଦର ମହାସଚିବଙ୍କ ସାମାଜିକ ବିକାଶ ସମ୍ପର୍କିତ ରିପୋର୍ଟ (ଜୁଲାଇ ୨୦୨୩)ର ମର୍ମକୁ ଉପଯୋଗୀ ବୋଲି ବିବେଚନା କରାଯାଇପାରେ । ଏହି ରିପୋର୍ଟରେ ଗୁରୁତ୍ୱର ସହିତ ଉଲ୍ଲେଖ ରହିଛି, 'ସମବାୟ ସଂସ୍ଥାମାନେ ବଜାର ବିଫଳତା ଭଳି ଚାଲେଞ୍ଜର ମୁକାବିଲା କରି, ସ୍ୱଳ୍ପସଂଖ୍ୟକ ଦୁର୍ବଳ ଲୋକମାନଙ୍କୁ ସଶକ୍ତ କରି, କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ତଥା ପୋଷଣୀୟ ବିକାଶ ଧାରାକୁ ସମର୍ଥନ ଜଣାଇ ଜାତୀୟ ଅର୍ଥନୀତିକୁ ମହତ୍ୱପୂର୍ଣ୍ଣ ଅବଦାନ ଯୋଗାଇ ପାରିବେ ।' ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହି ରିପୋର୍ଟ ସମବାୟ ସଂସ୍ଥାମାନଙ୍କ ସକାଶେ ଔଦ୍ୟୋଗିକ ବାତାବରଣ ନିମନ୍ତେ ଦୃଢ଼ ଭାବରେ ସୁପାରିଶ କରେ ଯାହା ଏହା ସହିତ ସଂଶ୍ଳିଷ୍ଟ ସମସ୍ତ ହିତଧାରକମାନଙ୍କୁ ପରସ୍ପର ସହିତ ଯୋଡ଼େ ଏବଂ ଏକ ଆନ୍ତଃ-ସଂଯୋଗୀ ନେଟୱାର୍କ ଓ ସ୍ଥାନୀୟ ବାତାବରଣ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ପ୍ରୟାସ କରେ।

ଭାରତରେ ଦୁଗ୍ଧ ଏବଂ ଚିନି କ୍ଷେତ୍ରରେ ସମବାୟ ବ୍ୟବସ୍ଥାର ସଫଳତାର କାହାଣୀ କେବଳ ସମନ୍ୱିତ ଆଭିମୁଖ୍ୟ ଉପରେ ହିଁ ଆଧାରିତ। ଆଉ ଗୋଟିଏ ପ୍ରମୁଖ ସଫଳତାର ଉଦାହରଣ ହେଲା ଭାରତର ସର୍ବପ୍ରାଚୀନ ଶ୍ରମିକ ସମବାୟ ସଂସ୍ଥା – ଉରାଲୁଙ୍ଗାଲ ଶ୍ରମିକ ଚୁକ୍ତି ସମବାୟ ସମିତି ଯାହା ଏହି ସଂସ୍ଥାକୁ ସାଂଗଠନିକ ସୁଯୋଗ ପ୍ରଦାନ କରେ । ଏହି ସମିତି ୨୦୨୪ ମସିହାରେ ତା'ର ଶତବାର୍ଷିକୀ ବର୍ଷ ପାଳନ କରୁଛି ଏବଂ ଔଦ୍ୟୋଗିକ କ୍ଷେତ୍ରରେ ଏହା ଏକ ବିକଳ୍ପ ମଡେଲର ଅନୁପମ ଉଦାହରଣ ଭାବେ ବିବେଚନା କରାଯାଇପାରେ। ଏହି ସମବାୟ ସମିତିର ଦୁଇଟି ପ୍ରମୁଖ ବୈଶିଷ୍ଟ୍ୟ ସମ୍ପର୍କରେ ବିଶେଷ ଭାବରେ ଉଲ୍ଲେଖ କରାଯାଇପାରେ। ପ୍ରଥମତଃ, 'ସମବାୟ ସଂସ୍ଥାମାନଙ୍କ ମଧ୍ୟରେ ସହଯୋଗ'ର ଗୁରୁତ୍ୱ – ଯେତେବେଳେ କି ଏକ ସଡ଼କ ପ୍ରକଳ୍ପ ନିମନ୍ତେ ନିଆଯାଇଥିବା ଏକ ବିରାଟ ଋଣ ରାଶିକୁ ଉରାଲୁଙ୍ଗାଲକୁ ପରିଶୋଧ କରିବାକୁ ପଡ଼ିଥିଲା। ତେଣୁ ଉରାଲୁଙ୍ଗାଲ ୩୮ଗୋଟି ପ୍ରାଥମିକ ସମବାୟ ସଂସ୍ଥାଙ୍କୁ ନେଇ ଗୋଟିଏ ମହାସଂଘ ଗଠନ କରିଥିଲେ ଏବଂ ସେମାନଙ୍କଠାରୁ ଏକ ବଡ଼ ରାଶି ସଂଗ୍ରହ କରିଥିଲେ ଯାହା ଫଳରେ ନିଜର ଋଣ ପରିଶୋଧ କ୍ଷମତାକୁ ବଜାୟ ରଖିବା ସହିତ ସଫଳତାର ଶିଡ଼ିରେ ଆଗକୁ ବଢ଼ିଚାଲି ପାରିଥିଲେ। ଦ୍ୱିତୀୟରେ, କର୍ମନିଯୁକ୍ତି ସୁରକ୍ଷା ଏକ ଶ୍ରମିକ ସମବାୟକୁ ସୁନିଶ୍ଚିତ କରିପାରେ,ଏପରିକି ସଂକଟର ଘଡ଼ିରେ ସୁଦ୍ଧା, ଯାହାକି ବେସରକାରୀ ସଂସ୍ଥାରେ କ୍ୱଚିତ୍ ଦେଖିବାକୁ ମିଳିଥାଏ।

ସମ୍ପ୍ରତି ଭାରତର ସମବାୟ ନୀତିକାରମାନେ କେନ୍ଦ୍ରରେ ଶ୍ରୀ ଅମିତ ଶାହାଙ୍କ ସମବାୟ ମନ୍ତ୍ରଣାଳୟ ରୂପେ ଏକ ନୂତନ ମନ୍ତ୍ରିମଣ୍ଡଳ ଗଠିତ ହେବା ପରେ ଦେଶର ଗ୍ରାମାଞ୍ଚଳ ଅର୍ଥନୀତିରେ ଦେଖା ଦେଇଥିବା ବିବିଧ ତଥା ଜଟିଳ ସମସ୍ୟାବଳୀକୁ ଦୃଷ୍ଟିରେ ରଖି ସେସବୁର ସମାଧାନ ନିମନ୍ତେ ନାନା ପ୍ରକାର ନୀତିକୁ ସ୍ୱରୂପ ପ୍ରଦାନ କରିଛନ୍ତି । ଏହି ନୀତିକୁ ସଫଳତାର ସହିତ ରୂପାୟନ ସକାଶେ ମଧ୍ୟ ଲକ୍ଷ୍ୟ ନିର୍ଦ୍ଧାରିତ କାର୍ଯ୍ୟପନ୍ଥାମାନ ଗ୍ରହଣ କରାଯାଇଛି । ଏଥିରେ ସକ୍ରିୟତା ଏବଂ ସଫଳତା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ସେହିସବୁ ପ୍ରମୁଖ ଉପକ୍ରମମାନଙ୍କ ମଧ୍ୟରେ ପ୍ରାଥମିକ କୃଷି ଋଣ ସମିତି (ପି. ଏ. ସି. ଏସ.)କୁ ସାଧାରଣ ସେବା କେନ୍ଦ୍ର ଭାବେ କାର୍ଯ୍ୟକାରୀ କରିବା, ପି.ଏ.ସି.ଏସ.ର କମ୍ପ୍ୟୁଟରୀକରଣ, କୃଷକ ଉତ୍ପାଦନ ସଂଗଠନ (ଏଫ. ପି.ଓ.) ଏବଂ ଖୁଚୁରା ପେଟ୍ରୋଲ /ଡିଜେଲ ଆଉଟଲେଟ୍/ ପି.ଏ.ସି.ଏସ.ମାନଙ୍କ ପାଇଁ ଏଲ. ପି.ଜି. ବିତରଣ ବ୍ୟବସ୍ଥା ସମବାୟ କ୍ଷେତ୍ର ନିମନ୍ତେ ବଡ଼ ବଡ଼ ୱେର୍‌ହାଉସ୍‌ର ନେଟୱାର୍କ ଗଠନ ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ (ଏଫ.ଏଫ.ପି.ଓ.) ସମ୍ପ୍ରସାରିତ ହୋଇ ନଥିବା ପଞ୍ଚାୟତମାନଙ୍କରେ ନୂତନ ବହୁମୁଖୀ ପି.ଏ.ସି.ଏସ./ ଡାଏରୀ/ ମତ୍ସ୍ୟ ସମବାୟ ସମିତି ଗଠନ ଏବଂ ପି.ଏ.ସି.ଏସ.ମାନଙ୍କ ନିମନ୍ତେ ମଡେଲ୍ ଉପ ଆଇନ୍ ପ୍ରଣୟନ ଆଦି ସାମିଲ।

ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ), ଏହାର ସମବାୟ ସଂସ୍ଥାମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିବିଧ ପର୍ଯ୍ୟାୟଯୁକ୍ତ ତଥା ସକ୍ରିୟ ପ୍ରତିକ୍ରିୟାକ୍ଷମ ସହାୟକ ଢାଞ୍ଚା ସହିତ କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ମାର୍ଗଦର୍ଶନରେ ଏଭଳି କାର୍ଯ୍ୟରେ ନୀତି ନିର୍ଦ୍ଧାରକ ଏବଂ ଏହାର ପ୍ରବର୍ତ୍ତନକାରୀମାନଙ୍କ ସକାଶେ ଶକ୍ତି ପ୍ରଦାନ କରୁଛି । ଏହିସବୁ ନୀତି ନିର୍ଦ୍ଧାରକମାନେ ମୁଖ୍ୟତଃ (କ) ଗ୍ରାମାଞ୍ଚଳର ସମବାୟ ବ୍ୟାଙ୍କଗୁଡ଼ିକର ବ୍ୟବସ୍ଥାକୁ ସଂଶୋଧନ କରି ଅଧିକ କାର୍ଯ୍ୟକ୍ଷମ କରିବା, କୃଷି, ତତ୍‌ସଂକ୍ରାନ୍ତ କାର୍ଯ୍ୟ ଏବଂ ଗ୍ରାମୀଣ ଅଣ- କୃଷି କାର୍ଯ୍ୟ ସ୍ୱଳ୍ପ-କାଳୀନ ଏବଂ ଦୀର୍ଘ- କାଳୀନ ଋଣ ଯୋଗାଣ ମାଧ୍ୟମରେ ସେମାନଙ୍କର ସଂପଦ ବୃଦ୍ଧିକୁ ସହାୟତା ଯୋଗାଣ (ଖ) ସମବାୟ ବିକାଶ ପାଣ୍ଠି ମାଧ୍ୟମରେ ବିକାଶମୂଳକ ସହାୟତା ଏବଂ ଆର୍ଥିକ ସମାଯୋଜନ ପାଣ୍ଠି ମାଧ୍ୟମରେ ଗ୍ରାମାଞ୍ଚଳରେ ଆର୍ଥିକ ସମାଯୋଜନାକୁ ପ୍ରୋତ୍ସାହନ ଯୋଗାଣ (ଗ) ପି.ଏ.ସି.ଏସ.ର କମ୍ପ୍ୟୁଟରୀକରଣ ଭଳି ନୀତିଗତ ଓ ପ୍ରବର୍ତ୍ତନ ସହାୟତା ଏବଂ ପି.ଏ.ସି.ଏସ.କୁ ସାଧାରଣ ସେବା କେନ୍ଦ୍ର ଭାବେ ପ୍ରବର୍ତ୍ତନ କରି ପ୍ରାୟ ୩୦୦ରୁ ଅଧିକ ଇ- ସେବା ଯୋଗାଣ ଏବଂ (ଘ) ଆର୍ଥିକ ସ୍ଥିରତା ଏବଂ ସଂଯମତାକୁ ସୁରକ୍ଷିତ ରଖିବା ସକାଶେ ନିରୀକ୍ଷଣ ବ୍ୟବସ୍ଥା ଆଦି କାର୍ଯ୍ୟ ସଂପାଦନ କରିବା ସାମିଲ।

'ନାବାର୍ଡ' ମଧ୍ୟ 'ସମବାୟ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା'କୁ ପ୍ରୋତ୍ସାହନ ଯୋଗାଇବା କାର୍ଯ୍ୟରେ ନିୟୋଜିତ ରହିଛି ଯାହା ଫଳରେ ଏହି ଆନ୍ଦୋଳନ ଅଧିକ ସୁଦୃଢ଼ ହୋଇପାରିବ । ସେଥି ନିମନ୍ତେ ନାବାର୍ଡ ପ୍ରତିଟି ତୁଳନାତ୍ମକ ସୁଯୋଗରୁ ସୁବିଧା ହାସଲ ନିମନ୍ତେ ସମବାୟ ସଂସ୍ଥାମାନଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଉଛି ଏବଂ ଏହା ଆର୍ଥିକ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଧନ । ଏହି ଉପକ୍ରମ ସମବାୟ ସଂସ୍ଥାମାନଙ୍କର ବର୍ତ୍ତମାନର ବ୍ୟାଙ୍କ୍ ଜମାଖାତାକୁ ସୁସଂଗତ ତଥା ସୁଦୃଢ଼ କରିବ। ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କମାନଙ୍କରେ ସେମାନଙ୍କ ସଂଖ୍ୟାକୁ ମଧ୍ୟ ବୃଦ୍ଧି କରିବ ଏବଂ ସେମାନଙ୍କୁ ନିଜ ନିଜର କେନ୍ଦ୍ରୀକୃତ ଜିଲ୍ଲା ସମବାୟ/ ରାଜ୍ୟ ସମବାୟ ଅଧୀନରେ ରଖିବ। ଏହା ଫଳରେ ଗୋଟିଏ ବ୍ୟବସ୍ଥା ମଧ୍ୟରେ ସମବାୟ ସଂସ୍ଥାମାନଙ୍କ ଅର୍ଥ ରହିପାରିବ ।

ସମବାୟ ସଂସ୍ଥାମାନଙ୍କର କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ଅଧିକ ନୀତିଗତ ଦୃଷ୍ଟିର ଅପେକ୍ଷା ରଖେ ଏବଂ ତାହା ଏବେ କାର୍ଯ୍ୟକାରୀ କରାଯାଉଛି ଏବଂ ସଂସ୍ଥାମାନ ଆଗକୁ ଆଗେଇ ଚାଲିଛନ୍ତି । ନିକଟ ଅତୀତର ବର୍ଷମାନଙ୍କରେ ଖାଦ୍ୟ ମୁଦ୍ରାସ୍ଫୀତିରେ ବୃଦ୍ଧି ଦୃଷ୍ଟିରୁ, ବିଶେଷ କରି ଟମାଟୋ, ଆଳୁ ଏବଂ ପିଆଜ ଭଳି ସାମଗ୍ରୀର ମୂଲ୍ୟବୃଦ୍ଧି ଫଳରେ, ଅଧିକରୁ ଅଧିକ କୃଷକ ଉତ୍ପାଦକ ସଂଗଠନ ଏହି ତିନୋଟି ସାମଗ୍ରୀକୁ ଏବଂ ସମନ୍ୱିତ ଭାବେ ଯୋଗାଣ ଶୃଙ୍ଖଳାରେ, କ୍ଷୀର ଭଳି ଧାରା ଅନୁସରଣ କରିବାକୁ ଆଗ୍ରହ ପ୍ରକଟ କରିଛନ୍ତି ଯାହା ସେମାନଙ୍କୁ ସହାୟକ ହେବ ବୋଲି ସେମାନେ ବିଶ୍ୱାସୀ। ଆଭ୍ୟନ୍ତରୀଣ ପୁଞ୍ଜି ସୃଷ୍ଟି କିମ୍ବା ସମବାୟ ସଂସ୍ଥାମାନଙ୍କ ମଧ୍ୟରେ ଉପାର୍ଜନକୁ ଧରି ରଖିବା ସକାଶେ ପ୍ରୟାସ କରାଯାଉଛି ଯାହା ଫଳରେ ଏହା ଯୋଜନାର ସମ୍ପ୍ରସାରଣ ଏବଂ ସମବାୟ ସଂସ୍ଥାମାନଙ୍କର ଆଧୁନିକୀକରଣ ଉପକାରସିଦ୍ଧ ସାବ୍ୟସ୍ତ ହୋଇପାରିବ। ଏହା ଫଳରେ ଉତ୍ପାଦିକାର ଗୁରୁତ୍ୱ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଜଳବାୟୁ ସହନଶୀଳତା ମଧ୍ୟ ବଢ଼ିପାରିବ। ଉଦ୍ୟାନକୃଷି ଶସ୍ୟର ମାତ୍ରା ବୃଦ୍ଧି ଜରିଆରେ ଆର୍ଥିକ ଲାଭର ଉପକାର ହାସଲ ସକାଶେ, ବିଶେଷ କରି ଯେତେବେଳେ କୃଷିକ୍ଷେତର ଉପଲବ୍ଧତା ମଧ୍ୟ ଦିନକୁ ଦିନ ବିଭାଜିତ ହେବାରେ ଲାଗିଛି, ବହୁବିଧ ସମବାୟ ସଂସ୍ଥାମାନେ ଏବେ ଉତ୍ପାଦକମାନଙ୍କର ବ୍ୟାପକ ନେଟୱାର୍କ ଗଠନ କରିବାକୁ ଆଗ୍ରହୀ ହୋଇପାରନ୍ତି ଯାହାକି ସେମାନଙ୍କର ଉତ୍ପାଦନ ମୂଲ୍ୟ ହ୍ରାସ କରିବା ସହିତ ସେମାନଙ୍କୁ ବର୍ଦ୍ଧିତ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ପାଇଁ ସେମାନଙ୍କୁ ଶକ୍ତି ଯୋଗାଇବ । ଚାଷଜମିର ସଂଗ୍ରହ ଓ ଏକତ୍ରିକରଣ, ଯେଉଁଥିରେ ଜମି ମାଲିକାନା ପ୍ରତି କୌଣସି ପ୍ରକାର ବିପଦର ଆଶଙ୍କା ନଥିବ, ଏବଂ ସେଥିରୁ ଅଧିକ ଆର୍ଥିକ ଫାଇଦା ହାସଲ ନିମନ୍ତେ ସମବାୟ ସଂସ୍ଥାମାନେ ଅଧିକରୁ ଅଧିକ ନୂଆ ନୂଆ ମାର୍ଗମାନ ଉନ୍ମୋଚନ କରିବା ଲାଗି ପ୍ରୟାସ କରିବା ଉଚିତ।

ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁ.ଟି.ଓ.) ସ୍ୱୀକୃତ ପ୍ରକ୍ରିୟାକୃତ ଉତ୍ପାଦ କୃଷି- ରପ୍ତାନୀ ଉତ୍ପାଦର ସୁଦୃଢ଼ ଧାରା ଗଠନ ଏବଂ ଇଜ୍ ଅଫ୍ ଡୁଇଂ ବିଜିନେସ୍ ମାଧ୍ୟମରେ ପ୍ରଯୁକ୍ତି ଆହରଣ ଏବଂ ବ୍ୟାପକ ସ୍ୱଚ୍ଛତା ରକ୍ଷା ଦିଗରେ ମଧ୍ୟ ସହାୟକ ହୋଇପାରିବ ଏବଂ ତାଲିମ କାର୍ଯ୍ୟକ୍ରମ ଓ କୃଷି ଷ୍ଟାର୍ଟ- ଅପ୍‌ମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ ମାଧ୍ୟମରେ ଦକ୍ଷତା ବୃଦ୍ଧିରେ ସହାୟକ ହେବ ଯାହାକି ଔଦ୍ୟୋଗିକ ବାତାବରଣର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରାଯାଇଥାଏ। ଏଥିପାଇଁ ଉପରୋକ୍ତ ପ୍ରୟାସ ପ୍ରୋତ୍ସାହନ ଯୋଗାଇବ। ସେହିଭଳି ଆର୍ଥିକ ସାଧନ ପର୍ଯ୍ୟନ୍ତ ପହଞ୍ଚକୁ ମଧ୍ୟ କାର୍ଯ୍ୟକାରିତା ସହିତ ଅଧିକ ମାତ୍ରାରେ ସଂଯୋଗ କରାଯିବା ଆବଶ୍ୟକ । ଏହା ଫଳରେ ଏକ ସୁଦୃଢ଼ ଡାଟା ବେସ୍ ନିର୍ମିତ ହେବ ଏବଂ ସେହି ସୂଚନାକୁ ସଂପଦ ସୃଷ୍ଟି ଏବଂ କାର୍ଯ୍ୟକ୍ରମର ସୁଫଳରେ ରୂପାନ୍ତରୀତ କରାଯାଇପାରିବ । ବର୍ତ୍ତମାନ କୃଷି ଋଣ ନିମନ୍ତେ ଯୋଗାଣ ଆଧାରିତ କାର୍ଯ୍ୟପନ୍ଥା ଯାହାକି ଋଣ ସାମର୍ଥ୍ୟ ଆକଳନ ଉପରେ ପର୍ଯ୍ୟବସିତ, ତାହାକୁ ସମୟକ୍ରମେ ପରିବର୍ତ୍ତନ କରାଯାଇ ଏକ ଚାହିଦା ଭିତ୍ତିକ ଋଣ ଯୋଗାଣ ବ୍ୟବସ୍ଥାରେ ପରିଣତ କରାଯାଇପାରିବ । ଏହି ଚାହିଦା ଭିତ୍ତିକ ଋଣ ବ୍ୟବସ୍ଥା ଉପଯୋଗ ଏବଂ ଫଳାଫଳ ପ୍ରତି ଅଧିକ ପ୍ରତିବଦ୍ଧତା ଯୋଗାଇବ।

ସମବାୟ ବ୍ୟବସ୍ଥାକୁ ଏଭଳି ଏକ ବ୍ୟବସ୍ଥାରେ ଅବସ୍ଥାପନ କରାଯିବାର ଆବଶ୍ୟକତା ରହିଛି ଯାହା ନୂଆ ନୂଆ ନିବେଶକଙ୍କୁ ଏହି କ୍ଷେତ୍ର ପ୍ରତି ଆକୃଷ୍ଟ କରିବ ଏବଂ ଏହା ସହିତ ନୂଆ ନୂଆ ବ୍ୟବସାୟିକ ଚିନ୍ତାଧାରାକୁ ଜନ୍ମ ଦେବ। ଏଥିରେ ଆର୍ଥିକ ଆବଶ୍ୟକତା ସହିତ ସେବା ମଧ୍ୟ ସାମିଲ। ଏହା ନବସୃଜନର ଗୁରୁତ୍ୱକୁ ବିମୁଦ୍ରିକରଣ ମାଧ୍ୟମରେ ସଚେତନ କରାଇବାରେ ମଧ୍ୟ ସହାୟକ ହୋଇପାରିବ। ଦେଶରେ ସମବାୟ ବ୍ୟବସ୍ଥାର ପୁନର୍ଜାଗରଣ ନୀତିଗତ ପ୍ରୋତ୍ସାହନ ମାଧ୍ୟମରେ ଏବେ କାର୍ଯ୍ୟକାରୀ ହେଉଛି । ଆଗାମୀ ଦିଗରେ ଏହା ଅଧିକ ସୁଫଳର ବାର୍ତ୍ତାବହ ହେବା ସହିତ ଗ୍ରାମାଞ୍ଚଳର ସମାବେଶୀ ଅର୍ଥନୀତି ତଥା ଭାରତର ସମୃଦ୍ଧିକୁ ସହଜସାଧ୍ୟ କରିବ।

**ଅଧ୍ୟକ୍ଷ, ନାବାର୍ଡ**

-୦-୦-

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ବାରିପଦା, (ସବ୍ୟୁ) : ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ସୋମବାର ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ଜନଶୁଣାଣୀ ବୈଠକରେ ଯୋଗଦାନ କରି ବାରିପଦା ଉପଖଣ୍ଡର ୧୦ଟି ବ୍ଲକ ଏବଂ ସଦରମହକୁମାର ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି। ଏହି ଜନଶୁଣାଣୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶାନ୍ତନୁ କୁମାର ନାୟକ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି ଶିବିରରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡାଃ ବିଜୟ କୁମାର ଦାଶ ଯୋଗଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡ ଅନ୍ତର୍ଗତ ଚାରୋଟି ବ୍ଲକର ସର୍ବମୋଟ ୨୦୫ଟି ଅଭିଯୋଗ ଶୁଣାଣି ହୋଇଥିଲା। ସମସ୍ତ ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମିପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ୧୭୫ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୨୩ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା । ସେଥିମଧ୍ୟରୁ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ, ସର୍ବମୋଟ ୫ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୨ହଜାର ଟଙ୍କା ପ୍ରଦାନ କରାଯାଇଥିଲାବେଳେ ରେଡକ୍ରସ ପାଣ୍ଠିରୁ ୨ଜଣଙ୍କୁ ୮୧୫୦ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଭିନ୍ନକ୍ଷମ ଦମ୍ପତି ବିନାଶ ଦିଗର ଓ କୁନି ନାଏକଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨ଲକ୍ଷ ୫୦ହଜାରଟଙ୍କା ଆର୍ଥିକ ସହାୟତା, ଭିନ୍ନକ୍ଷମ ସନ୍ତାନ ଅଶ୍ୱିନୀ କୁମାର ଘୋଷ, ବଡ଼ସାହି ବ୍ଲକ କୁ ୨୬ହଜାର ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ପ୍ରକାଶ କରିଥିଲେ ।

# ଉଚ୍ଛେଦ ନୁହେଁ ସ୍ଥାୟୀ ପ୍ରତିକାର ଦାବି



ସମ୍ବଲପୁର,(ସବ୍ୟୁ): ପୂର୍ବତଟ ରେଳପଥ ପକ୍ଷରୁ ଗୋଶାଳା ଅଞ୍ଚଳକୁ ଉଚ୍ଛେଦ କରିବାକୁ ନୋଟିସ୍ କରାଯାଇଛି । ଫଳରେ ଦୀର୍ଘ ୭୦ବର୍ଷ ହେବ ରହି ଆସୁଥିବା ଲୋକେ ବେଶ ଚିନ୍ତିତ ହୋଇ ପଡିଛନ୍ତି । ସେମାନଙ୍କ ଜୀବନ ଓ ଜୀବିକା ଉପରେ ଏହା ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି । ଏନେଇ ଅଞ୍ଚଳବାସୀ ସୋମବାର ପୂର୍ବତନ ବିଧାୟକ ନାଉରୀ ନାୟକଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଏହାର ସ୍ଥାୟୀ ପ୍ରତିକାର କରିବାକୁ ଦାବି କରିଛନ୍ତି । ଅଞ୍ଚଳର ନିରାପତ୍ତା ଓ ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ କରିବାକୁ ଅନୁରୋଧ କରିଥିଲେ । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଧନକଉଡା ବ୍ଲକ ଅନ୍ତର୍ଗତ ଗୋଶାଳା, ଗୌଡପଡା, ମେହେରପଡା, କଦମପଡା, କଳପଡା, କୁଡାପଡା, ଝାରମୁଣ୍ଡା, ଏଗ୍ରୀକଲଚର ଫାର୍ମ, ଗୋଶାଳା ବିଦ୍ୟୁତ୍ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ନିୟନ୍ତ୍ରିତ ବଜାର, ହରିଓଁ ଅନନ୍ତ ବନ ଗୋଶାଳା ଆଦି ରେଲୱେ ଜମିରେ ଗଢି ଉଠିଛି । ଗତ ୧୪ନଭେମ୍ବର, ୨୦୨୪ରେ ରେଳବାଇ ପକ୍ଷରୁ ଏହି ସ୍ଥାନ ଗୁଡିକ ଖାଲି କରିବାକୁ ନୋଟିସ୍ ଜାରି କରାଯାଇଛି । ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ଅଞ୍ଚଳବାସୀଙ୍କୁ ଉଚ୍ଛେଦ କରାଗଲେ ଅଞ୍ଚଳର ବହୁ କ୍ଷତି ହେବ । ଏହାକୁ ଦୃଷ୍ଟିରେ ରଖି ଏହି ସ୍ଥାନ ଗୁଡିକରେ କୌଣସି ପ୍ରକଳ୍ପ କରାନଗଲେ ଅଞ୍ଚଳବାସୀ ବେଶ ଉପକୃତ ହେବେ । ପୂର୍ବରୁ ୨୦୨୦ ମସିହାରେ ମଧ୍ୟ ରେଳବାଇ ପକ୍ଷରୁ ଉଚ୍ଛେଦ ନୋଟିସ୍ ଜାରି କରାଯାଇଥିଲା । ଏଥିରେ ସରପଞ୍ଚ ସୁଷମା ସାହୁ, ମନୋଜ ସାହୁ, ମୁନୁ ମେହେର, ପୀତବାସ ସାହୁ, ପ୍ରତାପ ମିଶ୍ର, ବୁଲୁ ପରିଡା, ଭାବଗ୍ରାହୀ ସାହୁ, ମାର୍କଣ୍ଡ ବାଗ, ତ୍ରିନାଥ ମେହେରା, ବାବୁନା ବାଗ, କୁନୁ ମେହେର, ପିଣ୍ଟୁ ସେଟ୍, ବଂଶୀଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଗ୍ରୀଡ଼ରୁ ଚୋରି ଘଟଣା : ୪ ଗିରଫ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଚାରମାଳରେ ନୂତନ ଭାବେ ତିଆରି ହେଉଥିବା ସବ୍ ଇଲେକ୍ଟ୍ରିଗ୍ରୀଡରୁ ଫିଲ୍ମ ଷ୍ଟାଇଲରେ ଚୋରି ହୋଇଥିବା ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଛି ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨୧ତାରିଖ ରାତିରେ କାର୍ ଓ ବୋଲେରୋ ଗାଡ଼ିରେ ୨୦ ରୁ ୨୫ ଜଣ ଦୁର୍ବୃତ୍ତ ଆସି ଏଠାରେ କାମ କରୁଥିବା ୮ଜଣ ଶ୍ରମିକ ସମେତ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ରାତି ଅଧରେ ସମସ୍ତଙ୍କୁ ଏକ କୋଠରୀରେ ବନ୍ଦ କରି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଥିଲେ । ଏହାକୁ ନେଇ ଗ୍ରିଡ ବିଭାଗ ପକ୍ଷରୁ ଚାରମାଳ ଥାନାରେ ଗତ ୨୨ତାରିଖ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ଏହି ସବୁ ଦୁର୍ବୃତ୍ତ ମାନେ ପାଖା ପାଖି ୨୩ଲକ୍ଷ ର ସାମଗ୍ରୀ ଚୋରି କରିନେଇଥିବା ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ପରେ ପୋଲିସ କେସନଂ ୧୫୦/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ତ୍ୱାବଧାନରେ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଥାନା, ଜୁଜୁମୁରା ଥାନା, ନାକଟିଦେଉଳ ଥାନା, ସମ୍ବଲପୁର ଟାଉନ ଥାନା, ଅଇଁଠାପାଲି ଥାନା ସହ ଜିଲ୍ଲା ର ସମସ୍ତ ଥାନା ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଏହି ଦୁର୍ବୃତ ମାନଙ୍କୁ ଏହି ସ୍ୱତନ୍ତ୍ର ଟିମ୍ ମାଧମରେ ଟେକ୍ନୋଲୋଜି ସାହାଯ୍ୟରେ ପୋଲିସ ଧରିବାରେ ସକ୍ଷମ ହୋଇଛି ।ଏଥିରେ ସାମିଲ ଥିବା ୪ଜଣ ଅଭିଯୁକ୍ତ ଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ରାଞ୍ଚି ଜିଲ୍ଲା ପାହାଡି ମନ୍ଦିର ଚୁନାଭଟା ଗାଁର ଏହାର ମାଷ୍ଟର ମାଇଣ୍ଡ ଆଲୋକ ସାହୁଙ୍କୁ ଝାରସୁଗୁଡା ଜିଲ୍ଲା ତେଲିଭଙ୍ଗାରୁ ଗିରଫ କରାଯାଇଥିଲା । ଏଥିସହ ସୁନ୍ଦର ଗଡ଼ ଜିଲ୍ଲାର ଦରଲିପାଲି ବରବଘାରରୁ ମିଜାନ୍ ଏସକେ(୨୪) (ନନ୍ଦିଆ ୱେଷ୍ଟ ବେଙ୍ଗଲ), ସେହି ଜିଲ୍ଲା ବସରଖୋଲା ଗାଁର ହସନ ଏସକେ(୨୦)କୁ ପୋଲିସ ଗିରଫ କରିଥିଲା । ଚୋରି ସାମଗ୍ରୀକୁ କିଣିଥିବା ଏପିସି ରୋଡ, କୋଲକାତା( ୱେଷ୍ଟବେଙ୍ଗଲ୍) ର ଅମିତ୍ ଜୈସ୍ୱାଲ୍ (୪୦)କୁ ମଧ୍ୟ ପୋଲିସ ଗିରଫ କରିଛି । ଏଥିସହ ଏମାନଙ୍କ ଠାରୁ ଚୋରିରେ ବ୍ୟବହୃତ ହୋଇଥିବା ୭୦୯ଟ୍ରକ୍ ନଂ (ଓଡି୨୩ଜି୧୦୯୨) , ସହ ଚୋରି ହୋଇଥିବା ସାମଗ୍ରୀ ଯଥା ୫ଟନ୍ ଆଲୁମିନିୟମ କଣ୍ଡକ କେବୁଲ, ସିଲିଂ ଫେନ୍,ଡ୍ରିଲ ମେସିନ୍ ,ୱେଲଡିଂ ମେସିନ୍ , ସ୍କ୍ରୁ ଡ୍ରାଇଭର, ଟେଷ୍ଟର୍ , ଆଇରନ କଟର୍ ମେସିନ୍ , ପ୍ଲାଷ୍ଟିକ କେବୁଲ କଭର, ତିନୋଟି ମୋବାଇଲ ଫୋନ୍ ଆଦିକୁ ପୋଲିସ ଜବତ୍ କରିଥିଲା । ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ରେଢ଼ାଖୋଲ ଏସ୍ ଡି ପି ଓ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇଛନ୍ତି ।

# ଦିବ୍ୟାଙ୍ଗ ରାକେଶଙ୍କ ଗୁହାରୀ କେହି ଶୁଣୁନାହାନ୍ତି



ରାୟଗଡା,(ସବ୍ୟୁ): ଦିବ୍ୟାଙ୍ଗ ମାନଙ୍କ ପାଇଁ ସରକାରଙ୍କ ଅନେକ ଯୋଜନା । କିନ୍ତୁ ଅନେକ ସମୟରେ ଅବହେଳିତ ହୋଇ ଗୋଟିଏ ଘର ଖଣ୍ଡିଏ ପାଇଁ ଆବାସ ଯୋଜନାରେ ପାଇବା ପାଇଁ ୫ ବର୍ଷ ଧରି ବ୍ଲକ କର୍ଯ୍ୟାଳୟଠାରୁ ଜିଲ୍ଲାପାଳଙ୍କ ଶୁଣାଣୀ କକ୍ଷ ପର୍ଯ୍ୟନ୍ତ ଗୁହାରି କରି ନୟାନ୍ତ ହୋଇଥିବା ବେଳେ କେହି ଶୁଣୁନାହାନ୍ତି ଗୁହାରୀ। ଜିଲ୍ଲା ବିକଳାଙ୍ଗ ସଙ୍ଘର ସଭାପତି ତଥା ଜିଲ୍ଲା ସକ୍ଷମ ଶାଖାର ଉପ ସଭାପତି ରାକେଶ ହିମିରିକା। ସେ ବିଷମକଟକ ବ୍ଲକ ଭାତପୁର ଗ୍ରାମରେ ଜନ୍ମ ହୋଇଥିବା ବେଳେ ସେ ମାଁ ଗର୍ଭରୁ ହିଁ ଦୁଇ ଆଖି ହରାଇଥିବା ବ୍ୟକ୍ତି ସର୍ବଦା ଦିବ୍ୟାଙ୍ଗ ଭାଇ ଭଉଣୀଙ୍କ ପାଇଁ ସମାଜରେ ସରକାରଙ୍କ ସମସ୍ତ ସୁବିଧା ଯୋଗାଇ ଦେବାକୁ ନିରନ୍ତର ପ୍ରୟାସ କରୁଛନ୍ତି। କିନ୍ତୁ ନିଜର ସରକାରୀ ସୁବିଧା ସମସ୍ୟା ପାଇଁ ସେ ଛନ୍ଦି ହୋଇଥିବା ବେଳେ ଶେଷରେ ରାଜ୍ୟପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସେଠାରୁ ଏକ ଚିଠି ପି -୧-୪୯/୨୦୨୩ ରାଜ୍ୟ ରାଜଭବନରୁ ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଛ। କିନ୍ତୁ ଏହାକୁ ମଧ୍ୟ ଉପେକ୍ଷିତ କରିଛି ପ୍ରଶାସନ। ଏହା ସତ୍ତ୍ୱେ ଶ୍ରୀ ହିମିରିକା ବିଷମକଟକ ବ୍ଲକ ପ୍ରଶାସନ ନାମରେ ଏକ ଏତଲା ମଧ ବିଷମକଟକ ଥାନାରେ ରୁଜୁ କରିଛନ୍ତି। ଯେଉଁ ଏତଲାରେ ସେ ଦର୍ଶାଇଛନ୍ତି ଯେ ସାମ୍ବିଧାନିକ ନୀତି ନିୟମ ଅନୁଯାୟୀ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କ ନିମନ୍ତେ ଯେଉଁ ସବୁ ସରକାରୀ ସୁବିଧା ଯୋଜନା ଗୁଡିକ ରହିଛି ତାହା ପ୍ରଶାସନର ବେପରୁଆ ଓ ଅବହେଳା ଯୋଗୁଁ ଦିବ୍ୟାଙ୍ଗ ଭାଇ ଭଉଣି ମାନେ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଏ ନେଇ ତଦନ୍ତ କରି ନ୍ୟାୟ ଦେବା ପାଇଁ ଗୁହାରୀ କରିଛନ୍ତି। ଏହା ଛଡା ଆଜି ରାୟଗଡା ଜିଲ୍ଲାପାଳ ଅଭିଯୋଗ ଶୁଣାଣୀ କକ୍ଷରେ ଯାଇ ପୁଣି ଜିଲ୍ଲାପାଳଙ୍କ ଆଗରେ ଗୁହାରି କରିଛନ୍ତି। ଦିବ୍ୟାଙ୍ଗଙ୍କୁ ସରକାର ଯେଉଁ ସବୁ ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ରହିଛି ସେଗୁଡିକ ଜିଲ୍ଲାରେ କାର୍ଯ୍ୟକ୍ଷମ ହେଉନଥିବା ଭଳି ଜଣା ପଡୁଥିବା ବେଳେ ଶ୍ରୀ ହିମିରିକା ଏ ନେଇ କ୍ଷୁବ୍ଧ ପ୍ରକାଶ କରିଛନ୍ତି। ସରକାର ଦିବ୍ୟାଙ୍ଗ ମାନଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ଦେବା ପାଇଁ ନିର୍ଦ୍ଦେଶ ଥିଲେ ମଧ ପ୍ରଶାସନ ଏମାନଙ୍କୁ ବାରମ୍ବାର ପ୍ରତାରଣା କରିବା ସହ ଅଣଦେଖା କରୁଥିବା ଅଭିଯୋଗ ଆଣିଛନ୍ତି ଶ୍ରୀ ହିମିରିକା।

# ଦୋଷୀ ସାବ୍ୟସ୍ତ ପରେ କୋର୍ଟରୁ ଚମ୍ପଟ ମାରିଲେ ଦୁଇ ଲୁଟେରା

ନବରଙ୍ଗପୁର,(ସବ୍ୟୁ): ଏଟିଏମ୍ ଲୁଟ୍ ମାମଲାରେ ଦୋଷୀ ସାବ୍ୟସ୍ତ ହେବାରୁ କୋର୍ଟ ରୁମରୁ ଚମ୍ପଟ ମାରିଲେ ଦୁଇ ରାଜ୍ୟ ବାହାର ଲୁଟେରା। ସୋମବାର ଅପରାହ୍ନରେ ନବରଙ୍ଗପୁର ଜିଲ୍ଲା ସଦର ମହକୁମାରେ ଏଭଳି ଘଟଣା ଘଟିଛି। ଚମ୍ପଟ ମାରିଥିବା ଦୁଇ ଦୋଷୀଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚେକିଂ ଓ ବ୍ଲକିଂ କରି ଯାଞ୍ଚ କରୁଛି। ହେଲେ ସେମାନଙ୍କୁ ଧରିବାରେ ସଫଳ ହୋଇନାହିଁ। ୨୦୨୪ ମସିହା ଜାନୁଆରୀ ୩୧ ତାରିଖରେ ନବରଙ୍ଗପୁର ବ୍ଲକ ସମ୍ମୁଖରେ ଥିବା ଏସବିଆଇ ଏଟିଏମରୁ ଲୁଟ୍ ହୋଇଥିଲା। ଏହି ମାମଲାରେ ନବରଙ୍ଗପୁର ଟାଉନ୍ ଥାନା ପୁଲିସ୍ ହରିଆଣାର ସକିଲ ଖାଁ, ଶାହାରୁଖ ଖାଁ, ଫଜଲ ଖାଁ, ଜାହୁଲ ଖାଁ ଓ ବିହାର ନିଖିଲ କୁମାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ଭିତରୁ ସକିଲ ଖାଁ ଓ ଶାହାରୁଖ ଖାଁ ବେଲରେ ଆସିଥିଲେ। ସୋମବାର ଲୁଟ୍ ମାମଲାରେ ରାୟ ପ୍ରକାଶ ପାଇବାର ଥିଲା। ତେଣୁ ଜାମିନରେ ଥିବା ଦୁଇ ଅଭିଯୁକ୍ତ ସକିଲ ଓ ଶାହାରୁଖ କୋର୍ଟରେ ହାଜର ଥିଲେ। ନିର୍ଦ୍ଧାରିତ ସମୟରେ ବିଚାର ଆରମ୍ଭ ହୋଇଥିଲା। ଜବାଲ ସବାଲ୍ ପରେ ସାକ୍ଷ୍ୟ ପ୍ରମାଣ ଆଧାରରେ ନବରଙ୍ଗପୁର ସିଜେଏମ କୋର୍ଟ ରାୟ ଶୁଣାଇଥିଲେ। ଏଟିଏମ୍ ଲୁଟ୍ ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ କୋର୍ଟ। ସମସ୍ତ ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ କୋର୍ଟ ।

ରାୟ ଶୁଣିବା ପରେ ସମସ୍ତ ଅଭିଯୁକ୍ତଙ୍କ ଅକଲ ଗୁଡୁମ ହୋଇଯାଇଥିଲା। ଜାମନରେ ଥାଇ କୋର୍ଟରେ ହାଜର ହୋଇଥିବା ସକିଲ ଖାଁ ଓ ଶାହାରୁଖ ଖାଁ ଚମ୍ପଟ ମାରିବାରେ ସଫଳ ହୋଇଥିଲେ। ଦୁଇ ଦୋଷୀ ଚମ୍ପଟ ମାରିବା ପରେ ପୁଲିସର ଚେତା ପଶିଲା। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଜିଲ୍ଲା କାର୍ଯ୍ୟାଳୟରେ ମହାସମାଧାନ ଶିବିର

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସପି ସ୍ମିତ ପି ପରମାର , ଆଇ ଏ ଏସ୍ ପ୍ରବେଶନର ସର୍ବାନନ ସି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ,ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ତହସିଲଦାର ସଦାକର କୁମ୍ଭାର ,ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୫୧ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୩୫ଟି ବ୍ୟକ୍ତିଗତ ଓ ୧୬ଟି ସାମୁହିକ। ଶିବିରରେ ଭାସ୍କର ସୂତା କଳ ରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପେନସନ, ବେହେରାମାଲ ନୂଆପଡ଼ା ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଓ ସ୍କୁଲ ଗୃହ ନିର୍ମାଣ, ଭୂମିହୀନଙ୍କୁ ସ୍ଥାୟୀ ଜମି ଯୋଗାଣ, ସମରବଗା ପଞ୍ଚାୟତରେ ପ୍ରକଳ୍ପ ସକାଶେ ଖଣିଜ ପାଣ୍ଠିରୁ ଅର୍ଥ ମଞ୍ଜୁରୀ, ଜିଲ୍ଲାରେ ଖୁଚୁରା ବିକ୍ରେତାଙ୍କ ବିଭିନ୍ନ ସମସ୍ୟା, କୋଲାବିରା ପୋଖରାସାଲେ ପଞ୍ଚା ୟତରେ ଧାନ ଫସଲ କ୍ଷତି ପୂରଣ , ବ୍ରଜରାଜନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗ ଶିକ୍ଷକ ନିଯୁକ୍ତି, ଜାତୀୟ ରାଜପଥ ୪୯ରୁ ବୁଢ଼ୀପଦର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମରାମତି, ଦେବାଡ଼ିହିରେ ସର୍ବସାଧାରଣ ରାସ୍ତା ଅବରୋଧ ଓ ଦୁଲଗାରେ ଜଙ୍ଗଲ ଜମି ଚିହ୍ନଟ ତଥା ଜମି ଚିହ୍ନଟ ସମ୍ପର୍କିତ ସାମୁହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ସେହିପରି ଶିବିରରେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ଶିବିରରେ ରେଡକ୍ରସ ତରଫରୁ ଦୁଇ ଜଣଙ୍କୁ ୨୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଜଣକୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଛି। ଅଭିଯୋଗ ସମ୍ବନ୍ଧରେ ତର୍ଜମା ପୂର୍ବକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଆସନ୍ତା ୪ରେ ୯ ଘଣ୍ଟିଆ ବିଦ୍ୟୁତ୍ କାଟ

ସମ୍ବଲପୁର,(ସବ୍ୟୁ): ଆସନ୍ତା ୪ତାରିଖରେ ଓଡିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ ପକ୍ଷରୁ ୧୩୨/୩୩ କେଭି ସମ୍ବଲପୁର ଗ୍ରୀଡ ସବ୍ଷ୍ଟେସନର ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ । ଏଥିପାଇଁ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେବ । ଏହି ସମୟରେ ଅଇଁଠାପାଲି, ରେମେଡ, ବୁଢାରଜା, କ୍ଷେତରାଜପୁର, ଫାର୍ମରୋଡ, ବଡବଜାର, ଧନୁପାଲି, କମିଶନର କଲୋନୀ, ପିଏଚ୍ଡି, ମୁଦିପଡା, ଭାଲୁପାଲି, ଫାର୍ମରୋଡ, କାଇଁସିର, ମାଝିପାଲି, ଗୋପାଳପାଲି, ଶାସନ, ସମଲେଶ୍ୱରୀ ମନ୍ଦିର ଓ ନେଲସନ ମାଣ୍ଡେଲା ଆଦି ତଥା ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ।

# ସୋଲାର୍ ପିଭି ଇନଷ୍ଟଲର୍ ଭୋକେସନାଲ୍ ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା

ସମ୍ବଲପୁର,(ସବ୍ୟୁ): ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସମ୍ବଲପୁର ଜିଲ୍ଲା କୁଚିଣ୍ଡାଠାରେ ଏକ ସୋଲାର୍ ପିଭି ଇନଷ୍ଟଲର୍ ଭୋକେସନାଲ୍ ଟ୍ରେନିଂ ସେଣ୍ଟର (ସୂର୍ଯ୍ୟମିତ୍ର) ପ୍ରତିଷ୍ଠା କରାଯାଇଛି । କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଏହି ଟ୍ରେନିଂ ସେଣ୍ଟରର ଉଦଘାଟନ ନଭେମ୍ବର ୨୭ରେ ହୋଇଥିଲା । ଉଦଘାଟନୀ ସମାରୋହରେ ଓଡ଼ିଶା ନବୀକରଣ ଯୋଗ୍ୟ ଶକ୍ତି ବିକାଶ ଏଜେନ୍ସି , ସମ୍ବଲପୁରର ସହକାରୀ ନିର୍ଦ୍ଦେଶକ ମିଟୁ ପଣ୍ଡା ଏବଂ କୁଚିଣ୍ଡା ବ୍ଲକର ଅଧକ୍ଷ ଭୁବନେଶ୍ୱର କିଶନ ଯୋଗ ଦେଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ସୌରଜ୍ଞ ସ୍ଥାପନ, ଏହାର ରକ୍ଷଣାବେକ୍ଷଣ ଏବଂ ଏହାର ମରାମତି କ୍ଷେତ୍ରରେ ତାଲିମ ଏବଂ ସାର୍ଟିଫିକେଟ୍ ପ୍ରଦାନ କରିବା ଦିଗରେ ପରିକଳ୍ପନା କରାଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଏକ କୁଶଳୀ ଏବଂ ନିଯୁକ୍ତି ଯୋଗ୍ୟ କାର୍ଯ୍ୟାବଳୀ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି । ଏହି ସୁବିଧା ଦ୍ୱାରା ସ୍ଥାନୀୟ ଯୁବକ, ଆକାଂକ୍ଷୀ ପେସାଦାର ଏବଂ ସୌର ଶକ୍ତି ପ୍ରଣାଳୀରେ ବିଶେଷଜ୍ଞ ହେବାକୁ ଚାହୁଁଥିବା ଟେକ୍ନିସିଆନ ଉପକୃତ ହେବେ । ସ୍ଥାନୀୟ ଶ୍ରମଶକ୍ତିକୁ ଉପକୃତ କରିବା ବ୍ୟତୀତ, ଟିପିଡବ୍ଲ୍ୟୁଓଡିଏଲ୍ ଆଶା କରେ ଯେ ଏହି ତାଲିମ କେନ୍ଦ୍ର ଅକ୍ଷୟ ଶକ୍ତି କ୍ଷେତ୍ରରେ ବର୍ଦ୍ଧିତ ଚାହିଦା ପାଇଁ ଏକ କୁଶଳୀ କାର୍ଯ୍ୟାବଳୀ ସୃଷ୍ଟି କରି ଏହି ଅଞ୍ଚଳର ଅର୍ଥନୈତିକ ବିକାଶରେ ମଧ ଯୋଗଦାନ କରିବ ।

# 'ଜନଜାତିୟ ଜୀବନ କଳା ଓ ପାରମ୍ପରିକ ନୃତ୍ୟ' ଶୀର୍ଷକ ଆଲୋଚନାଚକ୍ର

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା ସ୍ଥିତ 'ପ୍ରତିଭା' ଅନୁଷ୍ଠାନ ପକ୍ଷରୁ ଜାତୀୟ ଲୋକ/ଜନଜାତି ଓ ପାରମ୍ପରିକ ନୃତ୍ୟ, ସଙ୍ଗୀତ ଓ ଗୀତ ଉତ୍ସବ 'ନୃତ୍ୟ ସଂଗମ' ଅବସରରେ ସ୍ଥାନୀୟ ସମ୍ପ୍ରସାରଣ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ 'ଜନଜାତିୟ ଜୀବନ କଳା ଓ ପାରମ୍ପରିକ ନୃତ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛିଛ ଏଥିରେ ବିଶିଷ୍ଟ ଲେଖିକା ତଥା ଗବେଷିକା ଦେବହୂତି କର ଭିତ୍ତି ପ୍ରବନ୍ଧ ପାଠ କରିଥିବା ବେଳେ ଗବେଷକ ସମୀର ମହାପାତ୍ର, ଅଶୋକ ପଟ୍ଟନାୟକ, କଳ୍ପନା ରଥ, ଡିଲେଶ୍ୱର ରଣା, ସ୍ୱାଧୀନ ପାତ୍ର ଓ କୀର୍ତ୍ତନ ନାୟକ ବକ୍ତବ୍ୟ ରଖିଥିଲେଛ ବିଶିଷ୍ଟ ଶିକ୍ଷାବିତ୍ ତଥା ସଂଗଠକ ଡ. ଅଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଅନୁଷ୍ଠାନର ସମ୍ପାଦକ ଚିଣ୍ଟୁ ପ୍ରସାଦ ନାଏକ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସଭାପତି ଧ୍ୟାନାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେଛ ଏଥିରେ ବହୁ ସଂଖ୍ୟାରେ ଦର୍ଶକ ଓ କଳାପ୍ରେମୀ ଯୋଗ ଦେଇଥିଲେ।

# ଘରୋଇ ହିଂସା ମୁକାବିଲା ସମ୍ବନ୍ଧୀୟ ସଚେତନତା କର୍ମଶାଳା




ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଘରୋଇ ହିଂଶା ମୁକାବିଲା ସମ୍ବନ୍ଧୀୟ ସଚେତନତା କାର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ମହିଳାଙ୍କ ସହ ହେଉଥିବା ଘରୋଇ ହିଂଶା, ମାନସିକ ତଥା ଶାରୀରିକ ଅତ୍ୟାଚାର ବିରୋଧରେ ସଚେତନତା ସୃଷ୍ଟି କରିବା ,ବାଲ୍ୟ ବିବାହ, ଶିଶୁ ଶ୍ରମିକ ନିରାକରଣ, ଡାହାଣୀ ପ୍ରଥା ପ୍ରତି ସଚେତନତା ଇତ୍ୟାଦି ମୁଖ୍ୟ ବିଷୟ ବସ୍ତୁ ଗୁଡିକୁ ଆଲୋଚନା କରାଯାଇଥିଲା। କାର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ତ୍ରିଲୋଚନ ଜେନା , ଜିଲ୍ଲା ଶିଶୁ ସୁରକ୍ଷ୍ୟା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଶିଶୁ ମଙ୍ଗଳ କମିଟି ଅଧକ୍ଷ ରୁପେଶ ହୋତା, କିଶୋର ନ୍ୟାୟ ବୋର୍ଡ଼ ମେମ୍ବର ସ୍ୱର୍ନଲତା ମହାନ୍ତି , ପ୍ରୋଟେକଶନ ଅଫିସର ନାମିତା ପଲ୍, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ନିୟତିବାଳା ସୋରେନ ଉପସ୍ଥିତ ରହି ଅଂଶଗ୍ରହନକାରୀ ମାନଙ୍କୁ ସମଯରେ ଦେଖାଯାଉଥିବା ଘରୋଇ ହିଂଶା, ମାନସିକ ତଥା ଶାରୀରିକ ଅତ୍ୟାଚାର ଏବଂ ବାଲ୍ୟ ବିବାହ, ଶିଶୁ ଶ୍ରମିକ ନିରାକରଣ, ଡାହାଣୀ ପ୍ରଥା ଗୁଡିକ ଉପରେ ସଚେତନତା ସୃଷ୍ଟି କରିଥିଲେ । ଶକ୍ତି ଅନୁଷ୍ଠାନର କୋଡିନେଟର ସୁଜିତ ଶେଠ ବାଲ୍ୟ ବିବାହାକୁ ରୋକିବା ପାଇଁ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ପାଞ୍ଚଶହ ବାଳିକା ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ଦିବ୍ୟ ରଞ୍ଜନ ଯୋଷି ସଭା କାର୍ଯ୍ୟ ପରିଚାଳନା କରିଥିଲେ ଏବଂ ୱାନ ସ୍ଟପ ସେଣ୍ଟରର ଶଖୀ ପରିଚାଳିକା ବିନୀତ ଦାସ ଧନ୍ୟବାଦ ଜଣାଇଥିଲେ ।

# ବଡ଼ମାଳରେ ଜାତୀୟସ୍ତରୀୟ ହକି ପ୍ରତିଯୋଗିତା




ସଇଁତଲା,(ସବ୍ୟୁ): ସଇଁତଲା ବ୍ଲକ ଅନ୍ତଗତ ବଡ଼ମାଳ ଗୋଳାବାରୁଦ କାରଖାନା ପରିସର ଷ୍ଟାଡ଼ିୟମରେ ମ୍ୟୁନିସନ ଇଣ୍ଡିଆ ଲିମିଟେଡ଼ ପକ୍ଷରୁ ଦ୍ୱିତୀୟ ସର୍ବ ଭାରତୀୟ ହକି ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥ ଭାବରେ କାରଖାନାର ମହା ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ, ସମ୍ମାନୀତ ଅତିଥ କର୍ଣ୍ଣେଲ ଅମିତାଭ ରାଠୀ, ପ୍ରବନ୍ଧକ ପି.ଏଲ. ଭିଶେଖର, ସଇଁତଲା ତହସିଲଦାର ଆଶିଷ କୁମାର ଏକ୍କା,କନସଲଟାଣ୍ଟ ଏଭିଏମ ଓ.ଏସ. ମୁଣ୍ଡେ, ବରି ବରିଷ୍ଠ ସୁରକ୍ଷା ଅଧିକାରୀ କର୍ଣ୍ଣେଲ ଜନ୍ମେଜୟ ମିଶ୍ର ଯୋଗଦେଇଥିଲେ । ସଭାକାର୍ଯ୍ୟକୁ ଜନ ସମ୍ପର୍କ ଓ ସୂଚନା ଅଧିକାରୀ ଦିଲିପ ପଟ୍ଟନାୟକ ପରିଚାଳନା କରିଥିଲେ । କାରଖାନାର ମହା ପ୍ରବନ୍ଧକ ଶ୍ରୀ ଦାଶ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଟୁର୍ଣାମେଣ୍ଟରେ ମଧ୍ୟପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର ଓ ଓଡ଼ିଶା ଭଳି ରାଜ୍ୟରେ ଥିବା ଆୟୁଧ ନିର୍ମାଣ କାରଖାନାର ୭ ଗୋଟି ହକି ଟିମ ଭାଗ ନେଇଛନ୍ତି । ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଶୁକ୍ରବାର ଫାଇନାଲ ଖେଳ ଅନୁଷ୍ଠିତ ହେବ ।

ପ୍ରଥମ ମ୍ୟାଚ ଚନ୍ଦରପୁର ଓ ବଡ଼ମାଳ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ବଡ଼ମାଳ ଟିମ ୫-୦ ଗୋଲରେ ବିଜୟୀ ହୋଇଥଲା। ସେହିପରି ଦ୍ୱିତୀୟ ମ୍ୟାଚ ଆର୍ଭାନକାଡୁ ଓ ଭରାନଗାଓଁ ମଧ୍ୟରେ ହୋଇଥିବାବେଳେ ୫-୦ ଗୋଲରେ ଆର୍ଭାନକାଡୁ ଦଳ ବିଜୟୀ ହୋଇଥିଲା। ଶେଷ ମ୍ୟାଚଟି ଖମାରିଆ ଓ ଖଡ଼ଜୀ ମଧ୍ୟରେ ହୋଇଥିବାବେଳେ ଖମାରିଆ ୩-୦ ଗୋଲରେ ବିଜୟୀ ହୋଇଥିଲା । କାର୍ଯ୍ୟକ୍ରମକୁ ଜେସିଏମ, କାର୍ଯ୍ୟସମିତି, ୟୁନିୟନ ଏବଂ ଆସୋସିଏସନର କର୍ମକର୍ତା, ମହିଳା କଲ୍ୟାଣ ସମିତିର ପଦାଧିକାରୀ, କମିଟିର ସଦସ୍ୟ, ଅଧକାରୀ ଓ କର୍ମଚାରୀଙ୍କ ସହ ଜପିଲ କୁମାର ଖାଲକୋ, ରାଜେଶ ଓରାମ, ଅଶ୍ୱିନୀ ପାଢ଼ୀ, ଜୟ ସିଂ ନାଏକ. ଦେବାଶିଷ ସାହୁ, ପ୍ରଦୀପ ଜର, ମନୋଜ ପଟ୍ଟନାୟକ, ଜ୍ୟୋତିମୟ ପୂଝାରୀ, ବିରେନ୍ଦ୍ର ମୁନା, ଶତଦଳ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କୃଷକ ସଂଘର୍ଷ ସଂଘ ପକ୍ଷରୁ ଧାରଣା

ଦେବଗଡ,(ସବ୍ୟୁ): ସୋମବାର ଦେବଗଡ ଜିଲ୍ଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ପାଞ୍ଚ ଦଫା ଦାବୀ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସଂଘର ଜିଲ୍ଲା ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସ୍ଲୋଗାନ ଦେଇ ଧାରଣା ଦେଇଥିଲେ। ସଂଘ ପକ୍ଷରୁ ସରକାରୀ ଜମି ଦଖଲ କରିଥିବା ଚାଷୀମାନଙ୍କୁ ଜମିର ପଟ୍ଟା ପ୍ରଦାନ, ଆଦିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର ଓ ସ୍ଥାୟୀ ପଟ୍ଟା ପ୍ରଦାନ, ଭୂମିହୀନଙ୍କୁ ୪ ଡେସମିଲ ଘରଡିହ ପ୍ରଦାନ, ଚାଷୀମାନଙ୍କ ଜମିର କିସମ ପରିବର୍ତ୍ତନ ଓ ରେଙ୍ଗାଲୀ ନଦୀବନ୍ଧ ଦ୍ୱାରା ବାସଚ୍ୟୁତଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରାଯାଇଛି।

## ଦାଦନ ଶ୍ରମିକଙ୍କୁ ହତ୍ୟା ଘଟଣା

# ଶ୍ରମ ବିଭାଗ-ପୁଲିସ - ଦାଦନ ସର୍ଦ୍ଦାରର ମଧୁଚନ୍ଦ୍ରିକା

ପାଟଣାଗଡ଼/ବଲାଙ୍ଗିର, (ସବ୍ୟୁ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ସୋଲବନ୍ଧ ଗାଁର ଦାଦନ ଶ୍ରମିକ ଗଣେଶ ଶବରଙ୍କ ମୃତ୍ୟୁ ଘଟଣାରେ ତାଙ୍କ ମା ପୁଅକୁ ହତ୍ୟା ହୋଇଥିବା ନେଇ ଅଭିଯୋଗ ଆଣିଥିଲେ। କିନ୍ତୁ ଏହି ଘଟଣାକୁ ଶ୍ରମ ବିଭାଗ, ପୁଲିସ ଓ ଦାଦନ ସର୍ଦାର ମିଳିମିଶି ଚାପିବାକୁ ଜୋରସୋର ଉଦ୍ୟମ ଜାରିରଖିଥିବା ଅଭିଯୋଗ ହେଉଛି ଛଏହି ଘଟଣାରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ମଧ ଅଭିଯୋଗ ଉଠିଛିଛ ଏ ନେଇ ପାଟଣାଗଡ଼ ଥାନାରେ ଗଣେଶ କୁ ଦାଦନ ସର୍ଦାର ଦେବାଶିଷ ପାଣିଗ୍ରାହୀ ଓ ରବି ସେଠ ତାଙ୍କ ଘରୁ ଡାକି ନେଇ ହତ୍ୟା କରିଥିବା ଓ ଗଣେଶ କୁ ଟଙ୍କା ନ ଦେଲେ ଘରକୁ ଆଉ ନ ଫେରିବାର ଧମକକୁ ନେଇ ମୃତକଙ୍କ ମା କୁରମି ଶବର ଅଭିଯୋଗ କରିଥିଲେଛ ପରେ ହଠାତ ଗଣେଶ ର ମୃତ ସ୍ଥାନ ଟୁନି ଷ୍ଟେସନ ଠାରୁ ଫେରିବା ପରେ ଗଣେଶ ର ବାପା ବୟାନ ବଦଳେଇ ଦୁର୍ଘଟଣା ହୋଇଥିବା କହିଥିଲେଛକିନ୍ତୁ ଘରୁ ଯିବା ସମୟରେ ସୁସ୍ଥ ସବଳ ଥିବା ଗଣେଶ ହଠାତ କେମିତି ମୃତ୍ୟୁବରଣ କଲେ ଓ ଟ୍ରେନରେ ଯଦି ଦୁର୍ଘଟଣା ହୋଇଥାନ୍ତା ରେଲୱେ ପୁଲିସ ପାଖରେ ନିଶ୍ଚିତ ଖବର ରହିଥାନ୍ତା ଓ ଏନେଇ ର୍ନିଦିଷ୍ଟ ସ୍ଥାନରେ ମାମଲା ମଧ ହୋଇଥାନ୍ତାଛଅନ୍ୟପଟେ ଗଣେଶ ର ମୃତ ଦେହ ଷ୍ଟେସନ ର କିଛି ଦୂରରେ ଏକ ନିଛାଟିଆ ସ୍ଥାନରେ ପଡିଥିଲା ଓ ମୃତ ଦେହ ର ଫୋଟୋ ରୁ ପ୍ରଥମେ ମାଡ ମରାଯାଇଛି ଓ ପରେ ହତ୍ୟା କରାଯାଇ ସେଠାରେ ମୃତ ଦେହକୁ ପକାଇ ଦୁର୍ଘଟଣା ରୂପ ଦିଆଯାଇଥିବା ସନ୍ଦେହ କରାଯାଉଛି ଛଅପର ପକ୍ଷରେ ଗଣେଶ କେଉଁ ଟ୍ରେନ ରେ ଯାଉଥିଲେ, ପ୍ରକୃତରେ ଟ୍ରେନରେ ଯାଉଥିଲେ ନା ଏକ କାରରେ ଗଣେଶ କୁ ନିଆଯାଉଥିଲାଛ ଗଣେଶ ଉକ୍ତ ଦିନ କାହା କାହା ସହ ଫୋନରେ କଥା ହେଉଥିଲେ ଓ ଗଣେଶ ର ଶେଷ କଲ କାହା ସହ ଥିଲା ଏସବୁ ଘଟଣା ର ଯଦି ତଦନ୍ତ କରାଯିବ ତେବେ ଘଟଣାର ସତ୍ୟତା ଲୋକ ଲୋଚନକୁ ଆସିପାରିବ ବୋଲି ଲୋକେ କହୁଛନ୍ତିଛ ଏଥିସହ ଗଣେଶ ଙ୍କ ପରିବାର କୁ ଚାଲାଣ କରିଥିବା ଦାଦନ ସର୍ଦାର ଦେବାଶିଷ ପାଣିଗ୍ରାହୀ ଙ୍କ ଶ୍ରମିକ ଚାଲାଣ ଲାଇସେନ୍ସ ରହିଛି ନା ନାହିଁଛ ଗଣେଶ ଙ୍କ ପରିବାରର ଶ୍ରମ ବିଭାଗରେ ପଞ୍ଜିକରଣ କାହିଁକି ହୋଇନାହିଁଛ ଯଦି ବେଆଇନ ଶ୍ରମିକ ଚାଲାଣ ସର୍ଦାର ଜଣକ କରୁଥିଲେ ଏ ପର୍ଯ୍ୟନ୍ତ ଦାଦନ ସର୍ଦାର ଦେବାଶିଷ ପାଣିଗ୍ରାହୀ ଙ୍କ ବିରୋଧରେ ଶ୍ରମ ବିଭାଗ ଓ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ କାହିଁକିଛ ସମସ୍ତେ ମିଳିମିଶି ଏହି ଘଟଣାକୁ ଚାପିବାକୁ ଉଦ୍ୟମ ଘଟଣାରେ ଜିଲାପାଳ ଦୃଷ୍ଟି ଦେଇ ମୃତକଙ୍କ ପରିବାରକୁ ନ୍ୟାୟ ଦେବାପାଇଁ ଅଞ୍ଚଳବାସୀ ପକ୍ଷରୁ ଦାବି ହେଉଛି ।

# ନିଶା ସାମଗ୍ରୀ ବିକ୍ରି ଅଭିଯୋଗ, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ନିଶା ସାମଗ୍ରୀ ବିକ୍ରି ବେଳେ ଟାଉନ ଥାନା ପୋଲିସ ଚଢଉ କରି ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ମୋତିଝରନ ଅଞ୍ଚଳର ମହମ୍ମଦ ଖୁର୍ସିଦ୍(୨୦) ବୋଲି ଜଣାପଡିଛି । ତାଙ୍କ ଠାରୁ ୫୧ଟି କଫସିରପ, ୧୦ପତା ନିଶା ବଟିକା, ୫ଲିଟର ଅପମିଶ୍ରିତ କଫସିରପ ଓ ୧୦ଲିଟର ଦେଶୀ ମଦ ଜବତ ହୋଇଛି । ଏନେଇ ୪୯୬/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଟାଉନ ଥାନା ଅନ୍ତର୍ଗତ ଲକ୍ଷ୍ମୀଟକିଜ ସ୍ଥିତ ସୁଜାତା ଲଜ୍ ପଛପଟେ ନିଶା ସାମଗ୍ରୀ ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢଉ କରିଥିଲା । ଚଢଉ ବେଳେ ଉପରୋକ୍ତ ସମାଗ୍ରୀ ଜବତ ହୋଇଛି ।


**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ**

**ସମ୍ବଲପୁର, ଦୁର୍ଗାପାଲି, ସମ୍ବଲପୁର, ୭୬୮୦୦୫**

No ________________/ SDA, Dt : ____________

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦେହେରିପାଲି ହାଉସିଂ ସ୍କିମ, ବୁଢ଼ାରଜା, ସମ୍ବଲପୁରରେ ଘର ନମ୍ବର MIG-I-47 ଟିକୁ ଶ୍ରୀ ଶୈଳବାଲା ଦାସ, ସ୍ୱାମୀ–ଶ୍ରୀ ଦିଧାଂଶୁ ଭୁଷଣ ଦାସ, ନିବାସୀ–ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଖ, ବୁଢ଼ାରଜା, ଜିଲ୍ଲା–ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା, ବର୍ତ୍ତମାନ ଉକ୍ତ ଘରଟିକୁ ତୃତୀୟ ପକ୍ଷ ଆଧାରରେ ଶ୍ରୀ ଦଶରଥ ଶର୍ମା, ପିତା– ଶ୍ରୀ କିଶୋର ଶର୍ମା, ନିବାସୀ–ଏସଆରଆଇଟି କଲୋନୀ, ବୁଢ଼ାରଜା, ଜିଲ୍ଲା–ସମ୍ବଲପୁରଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବାକୁ ଶ୍ରୀ ଦଶରଥ ଶର୍ମା ଏକ ଚୁକ୍ତିନାମା ହୋଇଥିବା ନଥି ଦାଖଲ କରି ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ ମୂଳ ଆବେଦନକାରୀଙ୍କୁ ନଥିରେ ଉପଲବ୍ଧ ଠିକଣାରେ ଯୋଗାଯୋଗ କରିବାକୁ ବହୁବାର ପତ୍ର ମାଧ୍ୟମରେ ଜଣାଇ ଅଛନ୍ତି ଏବଂ ଉକ୍ତ ସମସ୍ତ ପତ୍ର ଦେଇଥିବା ଯୋଗାଯୋଗ ଠିକଣାରେ ଲୋକଙ୍କ ଅନୁପସ୍ଥିତି ଯୋଗୁଁ ଫେରସ୍ତ ହୋଇଅଛି ଏଣୁ କର୍ତ୍ତୃପକ୍ଷଙ୍କ ବକେୟା ପ୍ରାପ୍ୟ ଶ୍ରୀ ଦଶରଥ ଶର୍ମାଙ୍କ ଠାରୁ ପ୍ରାପ୍ତ ହୋଇଅଛି । ଉକ୍ତ ଚୁକ୍ତିନାମା ବିଚାରକୁ ନେଇ ଓ ସତ୍ୟପାଠ ଆଧାରରେ ଉକ୍ତ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ବିଚାରକୁ ନେଉଅଛନ୍ତି ।

ଉକ୍ତ ଘରଟିର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ

# ମନରେଗା ଯୋଜନାରେ ତିନୋଟି ପରିବାର ହେଲେ ଲକ୍ଷପତି

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସଦର ମହକୁମା ବ୍ଲକ୍ କେନ୍ଦୁ ବାହାର ଗ୍ରାମ ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି ।ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଯୁବ ଭାରତୀୟ ପୋଲିସ୍ ସେବା ଅଧିକାରୀ ଅମୃ ପାଲ୍ ସିଂ, ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ, ବିଡ଼ିଓ ରୋହିତ ଭୋଇ, ତହସିଲଦାର ପୁଷ୍ପାଞ୍ଜଳୀ ଦଣ୍ଡପାଟ,ସ୍ଥାନୀୟ ସରପଞ୍ଚ ଜାନକୀ ମାଝୀ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ । ଶ୍ରୀ ଧରୁଆ ସୂଚନା ଦେଇଥିଲେ ଯେ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଠିକ୍ ଭାବରେ ଚାଲିଥିବାରୁ ଆଉ ପ୍ରବାସୀ ଶ୍ରମିକ ହିସାବରେ ଯିବାପାଇଁ କେହି ଆଗଭର ହୁଅନ୍ତୁ ନାହିଁ ।

ଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ସମିର ମୁଦୁଲି, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଆର୍ ଟି ଓ ମାନସିଂ, ଉପ ନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପ ରଂଜନ ସାହୁ, ଲିଡ୍ ବ୍ୟାଙ୍କ ମେନେଜର ସୀତାରାମ ସାହୁ, ଖରୀଆର ରୋଡ ମେଡିକାଲ୍ ଅଫିସର୍ ବିରେନ୍ଦ୍ର କୁମାର ବାଗ ଶ୍ରମିକ କୃଷକ ତଥା ଜନସାଧାରଣଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ଉଦବୋଧନ ଦେଇ କହିଲେଯେ କେନ୍ଦୁ ବାହାର ପଞ୍ଚାୟତ ଆଜି ଜିଲ୍ଲାରେ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି । କାରଣ ଜିଲ୍ଲାରେ ପ୍ରଥମ ଥର ପାଇଁ ତିନୋଟି ଶ୍ରମିକ ପରିବାର ମନରେଗା ଯୋଜନାରେ ୩୦୦ ଦିନର କାମକରି ଲକ୍ଷେ ଟଙ୍କା ଲେଖାଏଁ ସରକାରଙ୍କ ଠାରୁ ପାଇଛନ୍ତି । ସେମାନେ ଅନ୍ୟ ଶ୍ରମିକ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବେ । ଏହି ପଞ୍ଚାୟତ ଅତିଶିଘ୍ର ଆହୁରି ଅନେକ ଶ୍ରମିକ ଲକ୍ଷପତି ସୃଷ୍ଟି କରିବ । ଲକ୍ଷପତି ଶ୍ରମିକ ଶାନ୍ତନୁ ଶବର, ଶ୍ୟାମଲାଲ ରାଉତ ଓ ଲୋପସିଂ ରାଉତଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

## କଲେଜ ଛାତ୍ରଙ୍କ ଠାରୁ ମୋବାଇଲ ଲୁଟ୍ ,ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ର ସୁଧାଂଶୁ ମହାନ୍ତିଙ୍କୁ ଛୁରି ଦେଖାଇ ମୋବାଇଲ ଲୁଟ ଘଟଣାରେ ପୋଲିସ ୧ଜଣଙ୍କୁ ଗିରଫ କରିଛି । ଏଥିସହ ସଂପୃକ୍ତ ୪ଜଣ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରିବା ସହ ରାଉରକେଲା ସ୍ୱଧାରଗୃହକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ସୁଧାଂଶୁ ଓ ତାଙ୍କ ସାଙ୍ଗ ଗତ ୨୯ ତାରିଖ ସଂନ୍ଧ୍ୟାରେ ଫାଟକ ଆଡେ ଯାଉଥିବା ବେଳେ ଅଭିଯୁକ୍ତ ମାନେ ଏମାନଙ୍କୁ ଅଟକାଇ ଛୁରି ଦେଖାଇ ଭୟଭୀତ କରିଥିଲେ । ଏଥିସହ ମୋବାଇଲ ଆଦି ଲୁଟି ନେଇଥିଲେ । ଅଭିଯୋଗ ପରେ ଟାଉନ ଥାନା ପୋଲିସ ୪୯୪/୨୪ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରିଥିଲା । ତଦନ୍ତ ବେଳେ ଠେଲକୋପଡାର ସିଜେ ଡୁଙ୍ଗୁରିଆ(୩୧)ଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ରହିଛି । ତାଙ୍କ ଠାରୁ ୩ଟି ମୋବାଇଲ, ୨ଟି ସ୍ମାଟରୱାଚ୍, ଏକ ଛୁରି ଆଦି ଜବତ ହୋଇଛି ।

## ଚତୁର୍ଥ ମାଁ ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

# ଢୋଲ, ନିଶାନ ,ତାସାରେ ଦୁଲୁକିଲା ମଞ୍ଚ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକର ପୁରୁଣାକଟକ ସ୍ଥିତ ଅଧିଷ୍ଠାତ୍ରି ଦେବୀ ମା ଭୈରବୀଙ୍କ ନାମରେ ନାମିତ ହୋଇଥିବା ଚତୁର୍ଥ ମା ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସୋମବାର ଦିନ ଥିଲା ଚତୁର୍ଥ ସନ୍ଧ୍ୟା। ସରକାରୀ ବାଳିକା ବିଦ୍ୟାଳୟ ବଡବନ୍ଧର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା । ଚତୁର୍ଥ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଶିକ୍ଷାର ବିକାଶ ହେଲେ ନିଶ୍ଚିତ ଭାବରେ ଶିକ୍ଷତ ଯୁବକ ମାନଙ୍କ ଦ୍ୱାରା ମାଙ୍କ ମହିମା ସଂପର୍କରେ ଜାଣିବା ସହ ଅନ୍ୟମାନଙ୍କୁ ଜଣାଇବାରେ ସଫଳ ହେବେ ବୋଲି କହିବା ସହ ଏହି ମହୋତ୍ସବ ଚତୁର୍ଥ ବର୍ଷରେ ପହଞ୍ଚି ପାରିଛି । ଏନେଇ ଆୟୋଜକ ମାନଙ୍କୁ ପ୍ରଶଂସା କରିବା ସହ ସମସ୍ତଙ୍କ ସହଯୋଗରେ ଆଗକୁ ଆହୁରି ଅଧିକ ମାତ୍ରାରେ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥିଭାବେ ଜିଲାପରିଷଦ ସଭ୍ୟା ତାରାମଣି ପ୍ରଧାନ, ସାମଜସେବୀ ବିଶ୍ୱଜିତ ପ୍ରଧାନ, ରେଞ୍ଜର ଜୟନ୍ତ କୁମାର ଦାସ, ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ଯୋଗ ଦେଇ ମାସୀନ ଥିଲେ । ମକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ୍ୟ ରମେଶ ଚନ୍ଦ୍ର ତାରେଣିଆ ପରିଚାଳନା କରିଥିଲେ । ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ଧାରାବାହିକ ଅଭିନେତ୍ରୀ ହିରଣମୟୀ ଦର୍ଶକଙ୍କ ଆର୍କଷଣ ପାଲଟିଥିଲେ। ସମ୍ବଲପୁରୀ ଢୋଲ , ନିଶାନ, ତାସାରେ ପୁରା ମଞ୍ଚ ଦୁଲୁକିପଡିଥିଲା । ଏହା ସହ ମାଲକାନଗିରିର ବଣ୍ଡା ଆଦିବାସୀ ନୃତ୍ୟ, ଖୋର୍ଦ୍ଧାର ଅଁଳାଇ ପାଇକ ଆଖଡା , ଫୁଲବାଣି ଟିଟିଲାପଙ୍ଗା ମାଁ ଡୁମାଦେଇ ସାଂସ୍କୃତିକ ପରିଷଦ ପକ୍ଷରୁ ଆଦିବାସୀ ନୃତ୍ୟ, ଚାରିଛକ ୟୁପି ସ୍କୁଲ, ଶୁଭ୍ରା ଡ୍ୟାନ୍ସ ଗ୍ରୁପ ପୁରୁଣାକଟକ , ବୀରନରସିଂହପୁର ୟୁପି ସ୍କୁଲ, ଆଦର୍ଶ ବିଦ୍ୟାଳୟ ମଣିପୁର, ଆଦି ସ୍ଥାନୀୟ ବିଦ୍ୟାଳୟ ଗୁଡିକ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ସୁକାନ୍ତ କୁମାର ପଟନାୟକ, ଉପସଭାପତି ସରୋଜ ପ୍ରଧାନ, ସହ ସଂପାଦକ ସୁବାସ ପ୍ରଧାନ, କୃଷ୍ଣ ସେଠି, ସାଂଗଠନିକ ସଂପାଦକ ପ୍ରାଣବନ୍ଧୁ ପ୍ରଧାନ, ସତୀଶ ବେହେରା, କୈଳାସ ଅଗ୍ରୱାଲା , ମନୋଜ ପାଢୀ, ବିଜୟ କହଁର,ଅକ୍ଷୁର ସେଠି, ଅମୁଲ୍ୟ ମିଶ୍ର, ବିକାଶ ମିଶ୍ରଙ୍କ ସମେତ କମିଟର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ମହୋତ୍ସବ ଆସନ୍ତା ୪ ତାରିଖରେ ଉଦଯାପିତ ହେବ । ମହୋତ୍ସବକୁସରସ ସୁନ୍ଦର ଆର୍କଷଣୀୟ କରିବାକୁ ମୀନାବଜାର, ରାମଦୋଳି, ବାଣିଜ୍ୟ ମେଳା ବିଭିନ୍ନ ସୁସାଦ୍ୟ ଖାଦ୍ୟ ଷ୍ଟଲ , ଘରକରଣା ସାମଗ୍ରୀର କିଣିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ମଜା ନେଇଥିଲେ । ମହୋତ୍ସବ ଦେଖିବା ପାଇଁ ପ୍ରବଳ ଗହଳି ହୋଇଥିଲା ।



## ଧାନଗଦା ପୋଡ଼ି ଘଟଣା, ଜଣେ କୋର୍ଟଚାଲାଣ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଚଣାବାହାଲ ଗାଁର ଚାଷୀ ତରଣୀ ସୁନା(୪୫) ଧାନକାଟି ଅମଳ ପାଇଁ ରଖିଥିବା ବେଳେ ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ସବୁ ଧାନ ପୋଡ଼ି ପାଉଁଶ ହୋଇଯାଇଥିଲା। ତରଣୀ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଘଟଣାରେ ପୁଲିସ ଚଣାବାହାଲ ଗ୍ରାମର ବେଣୁଧର ବରର୍ଗୀ(୬୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତରଣୀଙ୍କ ଏତଲା ଆଧାରରେ ସେ ପ୍ରତ୍ୟେକ ବର୍ଷ ସେହି ଚାଷ ଜମିରୁ ୯୦ ରୁ ୧୦୦ ପ୍ୟାକେଟ ଧାନ ବାହାର କରିଥାନ୍ତି ବୋଲି ଥାନାରେ ଏତଲା ଦେଇଥିଲେ ଚାଷୀ ତରଣୀ ସୁନା । ମୁରିବାହାଲ ପୁଲିସ କେଶ ନଂ ୩୬୨/୨୪ ରୁଜୁକରି ସବଇନ୍ସପେକ୍ଟର ଦନାର୍ଦନ ଓରାମ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଥିଲେ। ଧାନଗଦା ପୋଡ଼ି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ବେଣୁଧର ବରର୍ଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

## ଓୟୁଜେ କୋରାପୁଟ ଶାଖା ସାଧାରଣ ପରିଷଦ ବୈଠକ

# ଶଶଧର ସଭାପତି, ରଞ୍ଜନ ସଧାରଣ ସମ୍ପାଦକ

କୋରାପୁଟ, (ସବ୍ୟୁ): କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଯୋଗଦେଇ କହିଥିଲେ ଯେ ରାଜ୍ୟରେ ସାମ୍ବାଦିକମାନଙ୍କ ଲାଗି ପେନସନ ଯୋଜନା ଲାଗୁ କରିବା ସହ ସ୍ୱାସ୍ଥ୍ୟ ବୀମାର ପରିମାଣକୁ ୧୦ ଲକ୍ଷ ଟଙ୍କା ବୃଦ୍ଧି କରିବା, ଅଧିସ୍ୱୀକୃତି ନୀୟମରେ ପରିବର୍ତ୍ତନ ସହ କମିଟି ଗଠନ ଦାବିକୁ ପୂରଣ କରିବା ଓ ପୂର୍ବ ସରକାର ସମୟର କଟକଣାକୁ ତୁରନ୍ତ ପ୍ରତ୍ୟାହାର କରିବା ଲାଗି କରି ଆସୁଥିବା ଦାବିକୁ ଏଯାବତ ପୂରଣ କରାଯାଇନଥିବାରୁ ରାଜ୍ୟର ପ୍ରମୁଖ ସାମ୍ବାଦିକ ସଂଗଠନ ଓୟୁଜେ ଗଭୀର କ୍ଷୋଭ ପ୍ରକାଶ କରିଛି। ଏହାର ପ୍ରତିବାଦରେ ରାଜ୍ୟ ବ୍ୟାପି ପୁଣି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଓୟୁଜେ ନିଷ୍ପତ୍ତି ନେଇଛି। ସାମ୍ବାଦିକଙ୍କ ପ୍ରମୁଖ ଦାବିଗୁଡିକୁ ପୂରଣ କରିବା ଦିଗରେ ନୂତନ ସରକାର କୌଣସି ତତପରତା ପ୍ରକାଶ ନ କରିବା ଉଦବେଗର ବିଷୟ ବୋଲି ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି କହିଛନ୍ତି। ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ ରାଜ୍ୟରେ ସାମ୍ବାଦିକଙ୍କ ନିମନ୍ତେ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟରେ ଓୟୁଜେ ସଂଗଠନ ଏକାଧିକବାର ଦାବି ଉପସ୍ଥାପନ କରିଥିବା ବେଳେ ଓ ଅତିରିକ୍ତ ବଜେଟରେ ସାମ୍ବାଦିକଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବାକୁ ପ୍ରତିଶୃତି ଦିଆଯାଇଥିଲେ ମଧ ତାହା ପୂରଣ ନ ହେବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଶ୍ରୀ ମହାନ୍ତି କହିଥିଲେଛ ତେଣୁ ଏହାର ପ୍ରତିବାଦରେ ଓୟୁଜେ ପୁଣି ଥରେ ଆନ୍ଦୋଳନର ରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି କହିଥିଲେ। ସମ୍ମାନିତ ଅତିଥି ଭାବେ ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର, ରାଜ୍ୟ ଉପସଭାପତି ରାକେଶ ପଟ୍ଟନାୟକ, ଓୟୁଜେ ସ୍କୁଲ ଅଫ ଜର୍ଣ୍ଣାଲିଜମର ଅଧକ୍ଷ ଅଜୟ ସାହୁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ ପତି, ବରିଷ୍ଠ ସଦସ୍ୟ ଆଦିତ୍ୟ ପ୍ରସାଦ ମେକାପ ,ରାଜ୍ୟ ସାଙ୍ଗଠନିକ ସମ୍ପାଦକ ମନୋଜ ପଟ୍ଟନାୟକ ଯୋଗ ଦେଇ ସାମ୍ବାଦିକ ସୁରକ୍ଷା ଆଇନ ଏବଂ ସଂଗଠନ ଉପରେ ଆଲୋଚନା କରିଥିଲେ। କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ର ସଭାପତି ଦିଲୀପ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ସଭାପତି ଭାବେ ଶଶଧର ରାଉତ, ଉପସଭାପତି ମୁରଲୀଧର ବରାଡ଼, ଜଗତ ଜୀବନ କଟିମ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ସଂଗଠନ ସମ୍ପାଦକ ପରମେଶ୍ୱର ସାହୁ, କୋଷାଧକ୍ଷ ଅରୁଣ ଦାସଙ୍କୁ ଅପ୍ରତିଦ୍ୱନ୍ଦି ଭାବରେ ନିର୍ବାଚିତ କରାଯାଇଥିଲା। ସେହିପରି ଆଇନ ପରାମର୍ଶଦାତା ଜୟନ୍ତ ମିଶ୍ର, ଲାଲା ରାୟ, ଟ୍ରିବ୍ୟୁନାଲ ଅଧକ୍ଷ ପଙ୍କଜ ପାତ୍ର ଏବଂ ଉପଦେଷ୍ଟା ଭାବେ ପରୀକ୍ଷିତ ବିଶ୍ୱାଳ, ଅଜୟ ସାହୁ, ଭବାନୀ ମିଶ୍ର, ମନୋଜ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା ବୋଲି ନିର୍ବାଚନ ଅଧିକାରୀ ଜୟନ୍ତ ମିଶ୍ରଙ୍କ ପକ୍ଷରୁ ମନୋଜ ପଟ୍ଟନାୟକ ଘୋଷଣା କରିଥିଲେ। ପୂର୍ବତନ ସଭାପତି ଦିଲୀପ ମହାନ୍ତି, ପୂର୍ବତନ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼ ନୂତନ ସଭାପତି ଶଶଧର ରାଉତ ଏବଂ ସାଧାରଣ ସମ୍ପାଦକ ରଞ୍ଜନ ଦାସଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

## ରବି ଚାଉଳ ଫେରାଇବା ଅବଧି ଶେଷ

# ମିଲର୍ସଙ୍କ ପାଖରେ ୯ ଲକ୍ଷ ୮୮ ହଜାର କ୍ୱିଣ୍ଟାଲ ବାକି

ସୋନପୁର,(ସବ୍ୟୁ): ସୋନପୁର ଜିଲ୍ଲାରେ ରବି ଚାଉଳ ଫେରାଇବା ଅବଧି ଶେଷ ହୋଇଥିବାବେଳେ ମିଲର୍ସଙ୍କ ପାଖରେ ୯ ଲକ୍ଷ ୮୮ ହଜାର କ୍ୱିଣ୍ଟାଲ ଚାଉଳ ବାକି ରହିଛି। ସୂଚନା ଅନୁସାରେ ରାଜ୍ୟର ଅଧିକ ଧାନ ଅମଳ ହେଉଥିବା ଜିଲ୍ଲା ମଧରେ ସୁବର୍ଣ୍ଣପୁର ଜିଲ୍ଲା ଅନ୍ୟତମ। ଜିଲ୍ଲାର ଡୁଙ୍ଗୁରିପାଲି, ବିନିକା ବ୍ଲକ ଅଞ୍ଚଳ ହିରାକୁଦ କେନାଲରୁ ଓ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର କେତେକ ଅଂଶ ଠେଙ୍ଗା ଡ୍ୟାମରୁ ତଥା ଉଠାଜଳସେଚନ ପଏଣ୍ଟରୁ ଜଳସେଚିତ ହୋଇଥାଏ। ଏହା ବାଦ ଅଙ୍ଗ କେନାଲରୁ ସୋନପୁର ବ୍ଲକର କିଛି ଅଂଶ ଓ ଉଠା ଜଳସେଚନରୁ ତରଭା ବ୍ଲକର କିଛି ଅଂଶରେ ଜଳସେଚନ ହେଉଥିବାରୁ ଜିଲ୍ଲାରେ ଧାନ ଚାଷ ଖୁବ ଭଲ ହୋଇଥାଏ।

ଉଭୟ ଖରିଫ ଓ ରବି ଋତୁରେ ମିଶି ପ୍ରାୟ ୮୦ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ ଅମଳ ହୋଇଥାଏ । ଏହି ଧାନକୁ ଯୋଗାଣ ନିଗମଠାରୁ ଜିଲ୍ଲାର ୫୦ଟି ମିଲର୍ସ ଓ ସମ୍ବଲପୁରର କିଛି ମିଲର୍ସ କଷ୍ଟମ ମିଲିଂରେ ନେଇ ଚାଉଳ ଫେରାଇଥାନ୍ତି। ରବି ଚାଉଳ ଫେରାଇବାର ଶେଷ ତାରିଖ ନଭେମ୍ବର ୩୦ ଥିବାବେଳେ ଏହି ନିର୍ଦ୍ଧାରିତ ତାରିଖ ମଧରେ ମିଲର୍ସ ମାନେ ଚାଉଳ ଏଫସିଆଇ କିମ୍ବା ଯୋଗାଣ ନିଗମର ଆର.ଆର.ସି.ରେ ଫେରାଇବା କଥା । କିନ୍ତୁ ଜିଲ୍ଲାରେ ରବି ଋତୁରେ ନେଇଥିବା ଧାନର ଚାଉଳ ଫେରିନାହିଁ। ଜିଲ୍ଲା ଯୋଗାଣ ନିଗମ କାର୍ଯ୍ୟାଳୟର ସୂଚନା ଅନୁସାରେ ଜିଲ୍ଲାର ପ୍ରାୟ ମିଲର୍ସଙ୍କ ପାଖରେ ୯ ଲକ୍ଷ ୮୮ ହଜାର କ୍ୱିଣ୍ଟାଲ ଚାଉଳ ଆଜି ପର୍ଯ୍ୟନ୍ତ ବାକି ରହିଥିବାବେଳେ ମିଲର୍ସମାନେ ମାତ୍ର ୨୮.୬୫% ଚାଉଳ ଫେରାଇଛନ୍ତି । ରବି ଋତୁରେ ଜିଲ୍ଲାରେ ଅମଳ ହୋଇଥିବା ୨୦,୩୨,୩୧୯ କ୍ୱିଣ୍ଟାଲ ଧାନକୁ ୫୦ ମିଲର୍ସ କଷ୍ଟମ ମିଲିଂରେ ନେଇଥିଲେ। ଏଥିପାଇଁ ସେମାନଙ୍କ ଠାରୁ ରାଜ୍ୟ ଯୋଗାଣ ନିଗମ ମୋଟ ୧୩,୮୧,୯୯୭ କ୍ୱିଣ୍ଟାଲ ଚାଉଳ ଫେରିପାଇବା କଥା। କିନ୍ତୁ ଆଜି ପର୍ଯ୍ୟନ୍ତ ମାତ୍ର ୩,୯୭,୧୩୧ କ୍ୱିଣ୍ଟାଲ ଚାଉଳ ଫେରିଥିବାବେଳେ ପ୍ରାୟ ୭୧% ଚାଉଳ ରାଜ୍ୟ ଯୋଗାଣ ନିଗମ ପାଇବାର ଅଛି। ଚଳିତ ବର୍ଷ ସମସ୍ତ ୫୦ଟି ଯାକ ମିଲର୍ସ ଚାଉଳ ଫେରାଇ ପାରିନାହାଁନ୍ତି। ଯୋଗାଣ ବିଭାଗ କହୁଛି ଯେ ଡୁଙ୍ଗୁରିପାଲି ଏଫ.ସି.ଆଇ.ରେ ଶ୍ରମିକମାନଙ୍କ ସମସ୍ୟା ଯୋଗୁଁ ଚାଉଳ ଡେଲିଭରି ହୋଇପାରିଲା ନାହିଁ । ଏଠାରେ ପ୍ରଶ୍ନ ଉଠୁଛି ରାଜ୍ୟ ଯୋଗାଣ ନିଗମ ଚାହିଁଥିଲେ ଅନ୍ୟ ଜିଲ୍ଲାର ଏଫସିଆଇ ଗୋଦାମକୁ ଚାଉଳ ପଠାଇ ପାରିଥାନ୍ତା। କିନ୍ତୁ ଚାଉଳ ପରିଚାଳନାରେ ଯୋଗାଣ ନିଗମ ଫେଲ୍ ମାରିଲା । ଆଉ ମଧ୍ୟ ଶୁଣିବାକୁ ମିଳୁଛି ଯେ ମିଲର୍ସମାନେ କଷ୍ଟମ ମିଲିଂରେ ନେଇଥିବା ଧାନକୁ ସର୍ଟେକ୍ସ ରାଇସ କରି ଚଢା ଦରରେ ଖୋଲା ବଜାରରେ ବିକ୍ରି କରିଦେଇ କୋଟି କୋଟି ଟଙ୍କାର ଲାଭ ପାଇଛନ୍ତି। ଏବେ ମଲିରେ ସେହି ପରିମାଣର ଧାନ ନଥିବା କାରଣରୁ ଚାଉଳ ଫେରାଇ ପାରୁନାହାଁନ୍ତି। ସୋନପୁର ଜିଲ୍ଲାରେ ଯୋଗାଣ ବିଭାଗରେ ମହାଦୁର୍ନିତୀ କାହାକୁ ଅଛପା ନାହିଁ । ପୂର୍ବରୁ ଏହି ବିଭାଗର ଆକାଉଣ୍ଟ୍ ଭିଜିଲାନ୍ସର ଧରାପଡିଥିବା ବେଳେ ଏବେ ଏବେ ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ବେଆଇନ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଛନ୍ତି । କେବଳ ସେତିକି ନୁହେଁ ରାଜ୍ୟରେ ନୂଆ ଭାଜପା ସରକାର ଆସିଲା ପରେ ଖୋଦ ଯୋଗାଣ ବିଭାଗର ମନ୍ତ୍ରୀ ଓ ବଲାଙ୍ଗୀର ସାଂସଦ ଆସି ଜିଲ୍ଲାର କେତେକ ମଲିକୁ ସିଲ୍ କରାଇ ତଦନ୍ତ କରାଉଛନ୍ତି। ଏହାର ବିବଦ୍ଧ ତଦନ୍ତ ହେଲେ ବିରାଟ ଦୁର୍ନୀତି ପର୍ଦ୍ଦାଫାଶ ହେବ। ସେପଟେ ମିଲର୍ସଙ୍କ ଗୋଦାମରେ ଧାନ କିମ୍ବା ଚାଉଳ ଅଛି ନା ନାହିଁ ତାହାର ଯାଞ୍ଚ ଏଫସିଆଇ ପକ୍ଷରୁ କରାଯାଉଛି। କେଉଁ ମିଲର୍ସଙ୍କ ପାଖରେ କେତେ ଚାଉଳ ଓ ଧାନ ଗଚ୍ଛି ରହିଛି ଓ କଣ ଯାଞ୍ଚ ହେଉଛି ସେନେଇ କେହି କୌଣସି ତଥ୍ୟ ଦେଉନାହାଁନ୍ତି । ଏବେ ଚଳିତ ଖରିଫର ଧାନ କିଣା ଆରମ୍ଭ ହେବାକୁ ଯାଉଛି। ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକର ୧୨ ଦିନ ବିତି ଯାଇଥିଲେ ମଧ ଧାନ କ୍ରୟ କେନ୍ଦ୍ର ସ୍ଥିର ହୋଇ ନ ପାରିବା ସମସ୍ତଙ୍କୁ ତାଜୁବ କରିଛି । ଜିଲ୍ଲାର ସମସ୍ତ ମିଲର୍ସ ରବି ଋତୁର ଚାଉଳ ଫେରାଇ ନଥିବା ବେଳେ ଖରିଫ ଧାନ ଉଠାଇବାକୁ ଚୁକ୍ତି କରିବେ କିପରି। ଯଦି ଜିଲ୍ଲାର ମିଲର୍ସ ଖରିଫ ଧାନ ନ ଉଠାଇବେ ତାହେଲେ ଜିଲ୍ଲାରେ ଧାନ କିଣାଯିବ କିପରି। ଏଭଳି ଦ୍ୱନ୍ଦ୍ୱରେ ଜିଲ୍ଲାର ଯୋଗାଣ ବିଭାଗ ରହିଛି। ଜିଲ୍ଲାରେ ଧାନ କିଣା ନେଇ ଡି ଏଲପିସି ବୈଠକ ବସି ସାରିଛି। ହେଲେ କେମିତି ଧାନ କିଣାଯିବ ତାହା କେହି ସ୍ୱଷ୍ଟ କରୁନାହାଁନ୍ତି । ଏ ନେଇ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ କହୁଛନ୍ତି ସମସ୍ୟାର ସମାଧାନ କରାଯିବ ଓ ଧାନ କିଣା ଆରମ୍ଭ କରାଯିବ।


ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
(At/Po-Ambapua, Near Income Tax Office, Berhampur-760011, Ganjam, Odisha
(E-Mail : serwbpr2004@yahoo.com Tel No. : 0680-2404287)

O-760

**No. e-tender //3923// RWC// BAM // Dated. 30.11.24**

**2nd Corrigendum to Bid Identification No. Online Tender/II-2024-25/BPR**

1) The partial modification of Road works under **MMSY-CUVDA** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | : | **20.12.2024 to 03.01.2025 upto 5.30 PM** instead of 02.12.2024 to 16.12.2024 upto 5.30 PM. |
| 2 | Last Date & Time of seeking tender clarification | : | **01.01.2025 at 5.30 PM** instead of 13.12.2024 at 5.30 PM |
| 3 | Date of opening of Technical Bid. | : | **04.01.2025 at 11.00 AM** instead of 17.12.2024 at 11.00 AM |
| 4 | Date of opening of Financial Bid | : | Will **be intimated** later **on.** |

**All other contents will remain unchanged.**

OIPR : 25071/11/0021/2425

Sd/- Chief Engineer, R.W. Circle, Berhampur

OFFICE OF THE EXECUTIVE ENGINEER
RURAL WORKS DIVISION, BARGARH

Email: rd_bgh@yahoo.co.in
Gmail: rwd.bgh@gmail.com

O-762

**e-Procurement Notice No. ONLINE-BGH- 11 OF 2024-25**

| | | | |
|---|---|---|---|
| 1 | Name of the Work | : | **Road works during 2024-25 in the district of Bargarh.** |
| 2 | EMD | : | **@ 1% of the estimated cost put to tender** |
| 3 | Other details | : | **As per DTCN** |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2024-25 | 06.12.2024 at 11.00 A.M. | 16.12.2024 upto 5.00 P.M. | 16.12.2024 upto 4.00 P.M. | 17.12.2024 at 11.00 A.M. |

Further details can be seen from the website **www.tendersorissa.gov.in.**

OIPR : 25062/11/0011/2425

Sd/- Executive Engineer
R.W. Division, Bargarh

Government Of Odisha
OFFICE OF THE PANCHAYAT SAMITI, KOTPAD
Bid Identification No. KTP 01 of 2024-25- Panchayat Samiti Office. Kotpad

**Tender Call Notification**

**No. 4012/2024-25 & date. 28/11/2024**

**i-329 :** The Block Development Officer, Kotpad on behalf of Government of Odisha Invites **Percentage Rate Bids Insingle cover for "Const, of Additional Class Rooms of Listed Pry. Schools and UP Schools** under Kotpad Block from C& D Class Civil Contractor's. The detailed tender papers, terms and conditions are available on both website (http://www.koraput.nic.in). https://tendersodisha.gov.in. Please visit website for more information. The online bidding process shallstarts from Dt. 03/12/2024upto 5:30 P.M of Dt. 18/12/ 2024.

**The bidders are invited for participate following project.**

| Sl. No. | Name of the Work | Total Project Cost | Amount put to Tender (Approx. Rs.) |
|---|---|---|---|
| 1 | 2 | 3 | 4 |
| 1 | Construction of additional classroom at Primary School, Patraguda | Rs. 1,547,000 | Rs. 11,88,979/- |
| 2 | Construction of additional classroom at Primary School, Sindhigam | Rs. 1,547,000 | Rs. 11,88,979/- |
| 3 | Construction of Additional classroom at Upgraded Govt.High School, Ghumar | Rs. 1,692,000 | Rs. 12,57,295/- |
| 4 | Construction of additional classroom at Nuaguda PUPS, Kotpad | Rs. 1,182,000 | Rs. 944,033/- |
| 5 | Construction of additional classroom at Jamal UPS, Kotpad | Rs. 1,182,000 | Rs. 944,033/- |

Sd/- Block Development Officer,
Kotpad

OIPR : 19074/11/0001/2425

Phone No. (06854) 241159 / 232717
Email: ceo@koraputccb.com

KORAPUT CENTRAL CO-OPERATIVE BANK LTD.,
HEAD OFFICE N.K.T. ROAD. JEYPORE - 764003: DIST: KORAPUT (ODISHA)
Letter No. 3759 / P&S / 2024-25 / Date : 02.12.2024

**QUOTATION CALL NOTICE**

Sealed quotations are invited from the Authorised dealer with supported valid GST & PAN are requested to submit their sealed quotations before the undersigned on or before Dt. 10.12.2024 by 5.30 P.M latest as per following specification along with 2% security deposit of quotation value in favour of Secretary. Koraput Central Cooperative Bank Ltd., Jeypore at the time of submission of tender The sealed tender notice should be highlighted as Invertor & Battery on envelop

The tender will be opened on Dtd. 13.12.2024 at 11.30 A.M in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | Qty. required approximately | Proposed installation Sight/Place |
|---|---|---|---|
| 1. | **Inverter (UPS) Machine:** Luminous Optimus 2800VA UPS Sine Double Battery Wave Inverter (SW) **or** Microtek Sinewave Jumbo UPS Model 2500 (24V) SW **or** Su-Kam Falcon-2500/24v with Pure Sine Wave Inverter | 3 | KCCB Ltd., Borigumma, Semiliguda & Rayagada branch |
| | Warranty: 2 years or more | | |
| 2. | **Battery:** Make: Luminous ILTT20060 (Tabular model 200AH) **or** Amaron (150TT) **or** Sukam (180TT) | 6 | |
| | Warranty: 2 years or more | | |
| 3 | Including GST, transportation, installation charges, supply & any other expenses at the branch Bank sight. | | |

The above items should be quoted including GST, Transportation, Installation charges and supply at any branch bank of the Koraput Central Cooperative Bank Ltd., Jeypore (within undivided Koraput District). The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount. For any queries, please contact to Sri Jaya Pradeep Patnaik, Manager. P&S, KCC Bank Ltd., Head Office, Jeypore. Mobile No.: 9777519964.

Sd/- Secretary
K.C.C. Bank Ltd., Jeypre

GOVERNEMENT OF ODISHA
DEPARTMENT OF PANCHYATIRAJ & DRINKING WATER
Office of the Block Development Officer, Panchayat Samiti,
Jeypore, Koraput-764056

E-Mail ID-ori-jeypore@nic.in

**NOTICE INVITING TENDER**

**e - Procurement Notice No.- 01/2024**

**PERCENTAGE RATE e-TENDER**

**i-328 : The Block Development Officer, Pnnchnyat Samiti.Jeypore, Koraput, Odihsa, Pin-764001 on behalf or governor of Odisha invites "PERCENTAGE RATE Bids IN SINGLE COVER SYSTEM, in electronic tendering system for the construction works detailed in the table below.**

**Table - 1' Details of critical dates, Works & Bid Security.**

| Sl. No. | Name of Work | Approx. Value of works (Rs. in Rupee), (Excluding GST) | Period of Completion | Class of Contractor | Bid Security/ EMD (in Rs.) | Cost of Bid Document (in Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const, of Additional Classroom at Primary School. Rauliguda | Rs. 1194304/- | 04(Four) Calendar Months | 'C'&'D' | Rs. 12000/- | Rs.6000/- |
| 2 | Const, of Additional Classroom at Primary School, Padmapur | Rs. 1195076/- | 04(Four) Calendar Months | 'C'&'D' | Rs. 12000/- | Rs.6000/- |
| 3 | Const, of Additional Classroom at Primary School, Bamunigaon Dimila Cluster | Rs. 1195076/- | 04(Four) Calendar Months | 'C'&'D' | Rs. 12000/- | Rs.6000/- |
| 4 | Const, of Additional Classroom at Primary School, Bhajiguda | Rs. 1195076/- | 04 (Four) Calendar Months | 'C'&'D' | Rs. 12000/- | Rs.6000/- |
| 5 | Const of Additional Classroom at Primary School, Dumuripadar | Rs.1195076/- | 04(Four) Calendar Months | 'C'&'D* | Rs. 12000/- | Rs.6000/- |
| 6 | Const, of Additional Classroom at Primary School, Jayantigiri | Rs. 1313040/- | 04(Four) Calendar Months | 'C'&'D' | Rs. 13200/- | Rs.6000/- |
| 7 | Const of Additional Classroom at Primary School, Kaliagam | Rs. 1313040/- | 04 (Four) Calendar Months | 'C'&'D' | Rs. 13200/- | Rs.6000/- |
| | (07 Nos of Work) | | | | | |

| | |
|---|---|
| Tender documents available on website | Can be downloaded from Website **(http://www.tendersodisha.gov.in)** |
| Bid documents available Date and Time | **30.11.2024 at 10.00 Hrs. to 12.12.2024** |
| Bid clarification start date & closing date. | **30.11.2024 to 12.12.2024 during office hours** |
| Online Bid submission closing date and time | **12.12.2024 up to mid night** |
| Date, Time and Venue of opening of bid online | **13.12.2024 at 11.00 Hrs.** Office of the Block Development Officer, Panchayat Samiti, Jeypore, Koraput, Odisha, Pin-764056 |

BLOCK DEVELOPMENT OFFICER
JEYPORE

OIPR : 19065/11/0001/2425

(ଶ୍ରୀମଦ୍ଭଗବଦ୍ ଗୀତା ୧୧/୧୬)
-ବଶ୍ୱରୂପଦର୍ଶନଯୋଗଃ-
( ଅର୍ଜ୍ଜୁନ ଉବାଚ )

**ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ॥୧୬॥**

(ଯେହେତୁ ତୁମ ଅଭିବ୍ୟକ୍ତି ତୁମେ ଜାଣ, ଦେବତାମାନେ ସୁଦ୍ଧା ଜାଣନ୍ତି ନାହିଁ, ଅତଏବ) ତୁମେ ଯେଉଁ ଯେଉଁ ବିଭୂତିଦ୍ୱାରା ଏହି ସମସ୍ତ ଲୋକଙ୍କୁ ବ୍ୟାପି ରହିଛ, ସେହି ଅତି ଅଦ୍ଭୁତ ବିଭୂତି ସବୁ ବିସ୍ତୃତ ଭାବରେ କହ ॥୧୬॥

# ବାଂଲାଦେଶ ବ୍ୟବସ୍ଥା ଓ ଅବସ୍ଥା

**ସମ୍ପାଦକୀୟ**

ଶେଖ ହାସିନା ବହିଷ୍କୃତ ହେବା ପରେ ଏବଂ ମହମ୍ମଦ ୟୁନୁସ ବାଂଲାଦେଶର ମୁଖ୍ୟ ଭାବରେ ଦାୟିତ୍ୱ ନେବା ପରେ, ବାଙ୍ଗଲାଦେଶରେ ଅସ୍ଥିରତା ବୃଦ୍ଧି ପାଇବାରେ ଲାଗିଛି । ଦୁଇ ଦେଶର ସମ୍ପର୍କ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହେଇଛି । ଏବେ ବାଙ୍ଗଲାଦେଶ ଆମର ବନ୍ଧୁ ନୁହେଁ, ଶତ୍ରୁ ରୂପରେ ଉଭାହେଇଛି । ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଛି । ବିଶେଷ ଭାବରେ ହିନ୍ଦୁ ସମ୍ପ୍ରଦାୟ ଉପରେ ଅତ୍ୟାଚର ବଢିଚାଲିଛି । ଦେଶର ମଧ୍ୟବର୍ତ୍ତୀକାଳୀନ ମୁଖ୍ୟ ୟୁନୁସ, ଦେଶରେ ଶାନ୍ତି ଫେରାଇ ଆଣିବାରେ ସମ୍ପୂର୍ଣ୍ଣ ବିଫଳ ହେଇଛନ୍ତି । ହିଂସା ଥମିବା ନା ଧରୁନି । ହଜାର ହଜାର ମାମଲା ପଞ୍ଜିକୃତ ହେଇଛି ଏବଂ ପ୍ରାୟ ୯/୧୦ ଜଣଙ୍କର ମୃତ୍ୟୁ ମଧ୍ୟ ହେଇସାରିଛି । ମୋଟାମୋଟି ଭାବରେ ସଂଖ୍ୟାଲଘୁ ହିନ୍ଦୁଙ୍କ ସୁରକ୍ଷା ବିପନ୍ନ ହେବାରେ ଲାଗିଛି । ହିନ୍ଦୁ ସମ୍ପ୍ରଦାୟର ନେତୃତ୍ୱ ନେଉଥିବା ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫଦାରୀ ପରେ ଭାରତ ବାଙ୍ଗଲାଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ପ୍ରଭାବିତ ହେବାରେ ଲାଗିଛି । ଆଇନ୍‌ଶୃଙ୍ଖଳା ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଶାସନ, ସାମାଜିକ ସୌହାର୍ଦ୍ଦ୍ୟ, ନ୍ୟାୟ ଏବଂ ସାମ୍ପ୍ରଦାୟିକ ସମ୍ବେଦନଶୀଳତା ବିଗିଡିଯାଇଛି । ନିଜର ସୁରକ୍ଷା ପାଇଁ ହିନ୍ଦୁ ସମ୍ପ୍ରଦାୟର ହଜାର ହଜାର ଲୋକ 'ରାଜରାସ୍ତାକୁ ଆସି ହିନ୍ଦୁ, ଖ୍ରୀଷ୍ଟିଆନ ଓ ବୌଦ୍ଧ ସଂଖ୍ୟାଲଘୁ'ଙ୍କୁ ସୁରକ୍ଷା ଦେବାପାଇଁ ଦାବି କରିଛନ୍ତି । ହାସିନାଙ୍କ ଆୱାମୀ ଲିଗ୍ ଦଳର ସମର୍ଥକଙ୍କୁ ଟାର୍ଗେଟ କରି ବିରୋଧ ପ୍ରଦର୍ଶନ ମଧ୍ୟରେ, ସାମ୍ପ୍ରଦାୟିକ ତିକ୍ତତା ବଢ଼ିବାରେ ଲାଗିଛି । ଗୋଟିଏ ପଟେ, ୟୁନୁସ ସଂଖ୍ୟାଲଘୁ ପ୍ରତିନିଧୀଙ୍କ ସହ ସାକ୍ଷାତ କରି ଧାକେସ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି ଏବଂ ଅନ୍ୟପକ୍ଷରେ, ଧାରଣା, ପ୍ରତିବାଦ, ଆନ୍ଦୋଳନ ଆଇନଗତ ତଥା ଶାନ୍ତିପୂର୍ଣ୍ଣ ହୋଇଥିଲେ ମଧ୍ୟ ସମସ୍ତ ବିରୋଧକୁ ଦମନ କରିବା ପାଇଁ ବାଂଲାଦେଶ ସୁରକ୍ଷାକର୍ମୀଙ୍କୁ ଆଦେଶ ଦେଉଛନ୍ତି । ବାଙ୍ଗଲାଦେଶ ସରକାର ସଂଖ୍ୟାଲଘୁ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ସାଧାରଣରେ ଧାରଣା ସୃଷ୍ଟି ହେଉଛି । ଏହି ଧାରଣା କ୍ରମେ, ବଙ୍ଗଳାଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି କରିବ ଏବଂ ଦେଶର ଆଭ୍ୟନ୍ତରୀଣ ଶାନ୍ତି ଓ ସ୍ଥିରତାକୁ ପ୍ରଭାବିତ କରିବ, ଯାହା ଦେଶର ଅର୍ଥନୀତିକୁ ଦୁର୍ବଳ କରିଦେବ । ଏହା ଅନେକ ଦେଶ କ୍ଷେତ୍ରରେ ବାରମ୍ବାର ପ୍ରମାଣିତ ହେଇସାରିଛି । ବଙ୍ଗଳାଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ଭାରତ ସରକାର ସ୍ୱର ଉଠାଇଛନ୍ତି, ଦୃଢ ଭାବରେ ପ୍ରତିବାଦ ଜଣାଇଛନ୍ତି । ବାଂଲାଦେଶରେ ହିନ୍ଦୁ ମନ୍ଦିର ଏବଂ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ହିନ୍ଦୁ ତଥା ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ନିଶ୍ଚିତ କରିବାକୁ ବାଙ୍ଗଲାଦେଶ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି । ଖାଲି ସରକାର ନୁହେଁ, ଅନ୍ୟାନ୍ୟ ସଂଗଠନ ମଧ୍ୟ ବାଙ୍ଗଲାଦେଶରେ ହିନ୍ଦୁ ବିରୋଧୀ ଆକ୍ରମଣ ଉପରେ କ୍ଷୋଭ ପ୍ରକାଶ କରୁଛନ୍ତି । ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ତୁରନ୍ତ ବନ୍ଦ କରିବାକୁ ଆହ୍ୱାନ ଦେଇ ସ୍ୱୟଂ ସେବକ ସଂଗଠନ (ଆରଏସଏସ) ଏକ ବିବୃତ୍ତି ଜାରି କରିଛି । ଇସଲାମୀୟ ଉଗ୍ରବାଦୀଙ୍କ ଦ୍ୱାରା ହିନ୍ଦୁ ତଥା ଦେଶର ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣ, ହତ୍ୟା, ଲୁଟ୍, ଅତ୍ୟାଚର ଏବଂ ଅମାନୁଷିକ କାର୍ଯ୍ୟକୁ ଆରଏସଏସ ନିନ୍ଦା କରିଛି । ଅନ୍ୟପକ୍ଷରେ, ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ଭାରତର ବିବୃତ୍ତିରେ ଅସନ୍ତୋଷ ପ୍ରକାଶ କରିଛି ଏବଂ ଭାରତ ପରିସ୍ଥିତିକୁ ଭୁଲ ଉପସ୍ଥାପନ କରିଛି ବୋଲି ଅଭିଯୋଗ କରିଛି । କିନ୍ତୁ ପ୍ରତ୍ୟକ୍ଷ ଭାବରେ ବାଙ୍ଗଲାଦେଶ ସରକାର ହିନ୍ଦୁ ବିରୋଧୀ ଅଭିଯାନକୁ ସମର୍ଥନ ଜଣାଇଛନ୍ତି । ଏହା ଆହୁରି ଦୁଃଖଦାୟକ । ସରକାର ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ସାମାଜିକ ସମନ୍ୱୟ ରକ୍ଷା କରିବା ପାଇଁ ପ୍ରୟାସ କରିବା ପରିବର୍ତ୍ତେ, ସଂଖ୍ୟାଲଘୁ ବିରୋଧରେ ଅଭିଯୋଗକୁ ସମର୍ଥନ କରିବା ଦ୍ୱାରା, ଦୁଇ ଦେଶର ସମ୍ପର୍କ ବହୁମାତ୍ରାରେ ପ୍ରଭାବିତ ହେଇଛି । ଶାନ୍ତି ପାଇଁ ୟୁନୁସଙ୍କ ଆହ୍ୱାନ ସମୟାନୁବର୍ତ୍ତୀ, କିନ୍ତୁ ଏହା ବାସ୍ତବ କିମ୍ବା କଳ୍ପିତ, ତାହା ସ୍ପଷ୍ଟ ନୁହେଁ । ଶାସନ ଦୃଷ୍ଟିକୋଣରୁ, ଏହି ଘଟଣା ବାଂଲାଦେଶର ସାମାଜିକ-ରାଜନୈତିକ ବ୍ୟବସ୍ଥା କେତେ ଦୁର୍ବଳ, ତାହା ଦର୍ଶାଉଛି । ଏହିଭଳି ପରିସ୍ଥିତିରୁ ଦେଶକୁ ଯଥାଶୀଘ୍ର ମୁକୁଳାଇବା ପାଇଁ ୟୁନୁସ ସରକାର ପ୍ରୟାସ କରିବା ଆବଶ୍ୟକ, ନଚେତ ଦେଶରେ ଅରାଜକତା ବୃଦ୍ଧିପାଇବ ଏବଂ ପାକିସ୍ତାନ ପରିସ୍ଥିତି ସୃଷ୍ଟି ହେବ । ବର୍ତ୍ତମାନର ରାଜନୈତିକ ଶୂନ୍ୟସ୍ଥାନ ଏବଂ ନିର୍ବାଚନକୁ ନେଇ ଅନିଶ୍ଚିତତା ଯୋଗୁଁ ୟୁନୁସ ସରକାରଙ୍କ ପାଇଁ ଏହା ଗୋଟିଏ ବଡ ଚ୍ୟାଲେଞ୍ଜ ଭାବରେ ଉଭା ହେବାରେ ଲାଗିଛି । ଏକ ବିଶ୍ୱସନୀୟ ନିର୍ବାଚନ ପ୍ରକ୍ରିୟା ବିନା, ବାଂଲାଦେଶ ଏହାର ଜନସଂଖ୍ୟାକୁ ଅଧିକ ବିଭାଜିତ କରିବ ଏବଂ ବିକାଶକୁ ପ୍ରତିହତ କରିବ । ଭାରତରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ନିର୍ବାସନ ବାଂଲାଦେଶରେ ସମାଧାନ ହୋଇନଥିବା ରାଜନୈତିକ ଅଶାନ୍ତିର ପ୍ରତୀକ ତଥା ଭାରତ ପାଇଁ କୂଟନୈତିକ ସ୍ତରରେ ଏକ ଆହ୍ୱାନ ଭାବରେ ଉଭା ହେଇଛି । ଭାରତ ପାଇଁ ବାଂଲାଦେଶରେ ସଂଖ୍ୟାଲଘୁ ଅଧିକାର ପ୍ରସଙ୍ଗ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ବଙ୍ଗଳାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ଭାରତର ହସ୍ତକ୍ଷେପ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ତିକ୍ତ କରିପାରେ । ବାଂଲାଦେଶର ଦୀର୍ଘସ୍ଥାୟୀ ସ୍ଥିରତା ଏହାର ନ୍ୟାୟ ଏବଂ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ବଜାୟ ରଖିବା କ୍ଷମତା ଉପରେ ନିର୍ଭର କରେ । ଅନ୍ୟ କୌଣସି ଧର୍ମ, ଜାତି ବା ଗୋଷ୍ଠୀର ସମସ୍ୟାକୁ ଅଣଦେଖା କରି, ଗିରଫଦାରୀ, ସୁରକ୍ଷାକର୍ମୀଙ୍କ ଦ୍ୱାରା ଦମନ କରିବାର ପ୍ରୟାସ, ଦେଶକୁ ବିଭାଜିତ କରିବ, ସାମାଜିକ ଶୃଙ୍ଖଳାକୁ ନଷ୍ଟ କରିଦେବ, ଯାହା ଦେଶର ଅଗ୍ରଗତିରେ ବାଧା ସୃଷ୍ଟି କରିବ । ଏହା ବହୁବାର ପ୍ରମାଣିତ ହେଇସାରିଛି । ତେଣୁ, ବାଂଲାଦେଶ ସରକାର, କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଦେଶର ଅଖଣ୍ଡତା ଓ ସଂହତି କଥା ଚିନ୍ତା କରିବା ଆବଶ୍ୟକ ।

# ବିଶ୍ୱ ଭିନ୍ନକ୍ଷମ ଦିବସର ଅନୁଚିନ୍ତା

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆଜି ବିଶ୍ୱ ଭିନ୍ନକ୍ଷମ (ଦିବ୍ୟାଙ୍ଗ) ଦିବସ । ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ସୃଜନଶୀଳତା ଓ ପ୍ରତିଭାକୁ ଲୋକଲୋଚନକୁ ଆଣିବାର, ସ୍ମୃତିଚାରଣ ଦିବସଟିଏ ହେଉଛି ଆଜି । ସମଗ୍ର ବିଶ୍ୱରେ ପ୍ରାୟ ୧କୋଟିରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଅଛନ୍ତି, ଯେଉଁମାନେ ସମାଜର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ହେବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସାଧାରଣ ଲୋକଙ୍କ ଭଳି ସେମାନେ ଅନେକେ ସମାଜର ସୁଖସୁବିଧା ଉପଭୋଗ କରିପାରୁ ନାହାନ୍ତି । ଗମନାଗମନ, ଚାକିରି, ଶିକ୍ଷା ସହିତ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେମାନେ ପ୍ରାୟ ଭାଗ ନେଇପାରୁନାହାନ୍ତି । ଏକ ସୁସ୍ଥ ଲୋକତାନ୍ତ୍ରିକ ସମାଜରେ, ଅସମାନତା ଦୂର କରିବାକୁ ହେଲେ, ସମସ୍ତଙ୍କର ସାର୍ବଜନୀନ ଭାବେ ଜୀବନ ବଞ୍ଚିବାର ଅଧିକାର ଅତି ଆବଶ୍ୟକ । ସମସ୍ତ ପ୍ରକାର ବାଧା ବନ୍ଧନକୁ ଦୂର କରି ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜାତିସଂଘ ଆଜିର ଦିନକୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବେ ଘୋଷଣା କରିଛି ।

ଭିନ୍ନକ୍ଷମ ସଂସ୍ଥା, ସରକାରୀ ଓ ବେସରକାରୀ ସଂଗଠନ ଏକତ୍ରିତ ହୋଇ ଏହି ଦିନରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଥାନ୍ତି । ଏ ଅବସରରେ ସମାଜକୁ ଭିନ୍ନକ୍ଷମମାନଙ୍କ ଅବଦାନକୁ ସ୍ମରଣ କରିବା ସହ ସେମାନଙ୍କୁ ପୁରସ୍କୃତ କରାଯାଏ । ପ୍ରତିବର୍ଷ ଏହି ଦିବସ ଉପଲକ୍ଷେ ଜାତିସଙ୍ଘ ପକ୍ଷରୁ ଏକ ଥିମ୍ ବା ବିଷୟ ମଧ୍ୟ ଘୋଷଣା କରାଯାଇଥାଏ ।

ଆମମାନଙ୍କ ଆଖପାଖରେ ଦେଖାଯାଏ ସାଧାରଣତଃ ଭିନ୍ନକ୍ଷମମାନଙ୍କୁ ନେଇ ସମସ୍ତଙ୍କର ଏକ ଚିନ୍ତା ରହିଛି ଯେ, ସେମାନେ ପରିବାର ଓ ସମାଜ ଉପରେ ନିର୍ଭରଶୀଳ କିନ୍ତୁ ବାସ୍ତବରେ ତାହା ନୁହେଁ । ଆଜି ଭିନ୍ନକ୍ଷମମାନେ ଅଧିକାଂଶ ସ୍ୱାବଲମ୍ବୀ ହୋଇ ନିଜ ଗୋଡ଼ରେ ଛିଡ଼ା ହେବା ସହ ନିଜ ନିଜ ପରିବାର ପ୍ରତିପୋଷଣ କରିବା ସଙ୍ଗେ ସଙ୍ଗେ ସମାଜରେ ସେମାନେ ଅନେକ କିଛି ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଯାଇଛନ୍ତି । ସୃଜନଶୀଳତା ଠାରୁ ପ୍ରଯୁକ୍ତି ବିଜ୍ଞାନ, ପ୍ରଶାସନିକ ସେବା ଠାରୁ କ୍ରୀଡ଼ା କସରତ ସବୁ କ୍ଷେତ୍ରରେ ଭିନ୍ନକ୍ଷମମାନେ ନିଜର ପ୍ରତିଭାର ସ୍ୱତନ୍ତ୍ରତା ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ସେମାନଙ୍କ ପ୍ରତିଭାର ମୂଲ୍ୟାୟନ ପାଇଁ ଆମ ସମାଜରେ ସବୁ କ୍ଷେତ୍ରରେ ସହଯୋଗର ହାତ ମଧ୍ୟ ଦିନକୁ ଦିନ ଲମ୍ବୁଛି, ଯାହାକି ଖୁସିର ବିଷୟ । କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରମାନେ ସମସ୍ତେ ଏହି ଭିନ୍ନକ୍ଷମମାନଙ୍କ ଥଇଥାନ ଠାରୁ ସେମାନଙ୍କର ଶିକ୍ଷା ବ୍ୟବସ୍ଥା କରିବା ସହ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ତାଙ୍କୁ ସାମାଜିକ ସ୍ରୋତରେ ସାମିଲ ପାଇଁ ସୁଯୋଗ ସୃଷ୍ଟି କରିବାର ଦେଖାଯାଉଛି । ଭିନ୍ନକ୍ଷମମାନଙ୍କ ଥଇଥାନ ପାଇଁ କେନ୍ଦ୍ରସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଭିନ୍ନ ଭିନ୍ନ କ୍ଷେତ୍ରରେ ସେମାନଙ୍କ ପାଇଁ ଆର୍ଥିକ ସହଯୋଗ ସହଭାଗିତାର ବ୍ୟବସ୍ଥା ରଖିଛନ୍ତି । କେବଳ ସେତିକି ନୁହେଁ ସେମାନଙ୍କୁ ପାଠପଢ଼ା କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ବି ରହିଛି । ଚାକିରି କ୍ଷେତ୍ର ହେଉ ବା ସେମାନଙ୍କ ଯାତାୟତ କ୍ଷେତ୍ରରେ ସବୁଠି ଅଗ୍ରାଧିକାର ଭିତ୍ତିରେ ସେମାନଙ୍କୁ ମନୋନୀତ କରାଯିବା ସହ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି । ଆଜି ସମଗ୍ର ବିଶ୍ୱରେ ସୂଚନା ପ୍ରଯୁକ୍ତି କ୍ରାନ୍ତିର ବିକାଶ ଦେଖାଦେଇଥିବାବେଳେ ଭିନ୍ନକ୍ଷମମାନେ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହାଁନ୍ତି । ସେମାନେ ସମୟ ସହିତ ତାଳ ଦେଇ ଆଗକୁ ବଢ଼ି ଚାଲିବାର ଉଜ୍ଜ୍ୱଳ ପ୍ରଦୀପକୁ ପ୍ରତିଭାତ କରିବାରେ ସକ୍ଷମ ହେଉଛନ୍ତି ।

ସେହିଭଳି ଭିନ୍ନକ୍ଷମ ପ୍ରତିଭାବାନ କଳାକାରମାନେ ଆଜି ବିଭିନ୍ନ କ୍ଷେତ୍ରରେ ନିଜର କଳା କୌଶଳର ଅନିର୍ବାଣ ଦୀପଶିଖାଙ୍କୁ ସମସ୍ତଙ୍କ ପାଖରେ ପହଞ୍ଚାଇବାର ପ୍ରଚେଷ୍ଟାରେ ସାମିଲ ହୋଇଛନ୍ତି । କହିବାକୁ ଗଲେ ଭିନ୍ନକ୍ଷମଙ୍କ ପ୍ରତିଭାକୁ ବଣମଲ୍ଲୀ ପରି ବଣରୁ ସାଉଁଟି ଆଣି ଲୋକଲୋଚନରେ ଥୋଇବାର ଗୁରୁଦାୟିତ୍ୱ ନେଇଛନ୍ତି ଗଣମାଧ୍ୟମ । ଲୋକଲୋଚନର ଉହାଡ଼ରେ ରହିଯାଇଥିବା ଭିନ୍ନକ୍ଷମଙ୍କ ପ୍ରତିଭା ଓ ସେମାନଙ୍କ ପ୍ରତି ହେଉଥିବା ଅବହେଳା ଠାରୁ, ତାଙ୍କ ନ୍ୟାୟ ପାଇଁ ଦାବୀ ଆଦି ପ୍ରସଙ୍ଗ ଅନେକ ସମୟରେ ବିଭିନ୍ନ ଗଣମାଧ୍ୟମରେ ଲୋକଲୋଚନକୁ ଆସିଥାଏ । ବିଭିନ୍ନ ମାଧ୍ୟମରେ ସେମାନଙ୍କର ପ୍ରତିଭାର ମୂଲ୍ୟାୟନ ହୋଇପାରୁଛି । ତଥାପି ଭିନ୍ନକ୍ଷମମାନଙ୍କ ନ୍ୟାୟ ପାଇଁ ସଂଗ୍ରାମ ସରିନାହିଁ । ଏହି ଭିନ୍ନକ୍ଷମମାନେ ଅନେକ କ୍ଷେତ୍ରରେ ନ୍ୟାୟ ପାଉନାହାଁନ୍ତି । ନିଷ୍ପେସିତ ଓ ଅବହେଳିତ ଭାବରେ ଅନ୍ୟମାନଙ୍କ ସାମ୍ନାରେ ସେମାନେ ଯେପରି ଦୟାର ପାତ୍ର ! ଏହି ଲେଖକ ଅନେକ ଭିନ୍ନକ୍ଷମମାନଙ୍କୁ ସାମ୍ନା କରିଛି, ଯେଉଁମାନଙ୍କର ଧୀ ଶକ୍ତି, ପ୍ରତିଭା, ସୃଜନଶୀଳତା, ବିଜ୍ଞତା କିଛି କମ୍ ନୁହେଁ । ସେମାନେ ଘଟଣାଚକ୍ରରେ ଭଗବାନଙ୍କ ସୃଷ୍ଟିର ବିଚାରରେ ହୁଏତ ଭିନ୍ନକ୍ଷମ ହୋଇପାରନ୍ତି କିନ୍ତୁ ବାସ୍ତବରେ ସେମାନେ ଅକ୍ଷମ ନୁହଁନ୍ତି । ଆଧ୍ୟାତ୍ମିକ ଅନୁଚିନ୍ତନରେ ଉଲ୍ଲେଖ ରହିଛି - ଏ ସମାଜରେ କେହି ବି ଜଣେ ଭିନ୍ନକ୍ଷମ ନୁହଁନ୍ତି ସମସ୍ତେ ସକ୍ଷମ ଆଉ ସମସ୍ତେ ଭଗବାନଙ୍କ ସନ୍ତାନ । ଆଜି ବିଶ୍ୱ ଭିନ୍ନକ୍ଷମ ଦିବସରେ ସମସ୍ତଙ୍କ ପାଇଁ ଶପଥର ଦିନଟିଏ ହେଉ ଆମମାନଙ୍କର ହାତପାହାନ୍ତାରେ ଜଣେ ବି କେହି ଭିନ୍ନକ୍ଷମ ନ୍ୟାୟରୁ ବଞ୍ଚିତ ନ ହେଉ । ସେମାନଙ୍କ ପ୍ରତିଭା 'ବଣ ମଲ୍ଲୀ ପରି ଯେପରି ବଣରେ ଝଡ଼ି ନପଡ଼େ', ସେଥିପ୍ରତି ଆମେ ସମସ୍ତ ସଚେତନ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଆବଶ୍ୟକ । ସେମାନଙ୍କ ସ୍ୱର, ତାଙ୍କ ହୃଦୟ, ତାଙ୍କ ଆଙ୍ଗୁଠିର ସ୍ୱାକ୍ଷର ସମସ୍ତଙ୍କ ହୃଦୟକୁ ଛୁଇଁବାର ଯେଉଁ ପ୍ରୟାସ, ସେଥିରେ ସେମାନଙ୍କୁ ପ୍ରୋତ୍ସାହିତ କରିବା ସମାଜର ସବୁ ବର୍ଗର ପ୍ରଚେଷ୍ଟା ହେବା ଜରୁରୀ । ସେମାନଙ୍କ ପ୍ରତି ଥିବା ଭଲ ପାଇବାର ଟିକକରୁ କେହି ବି ଜଣେ ବଞ୍ଚିତ ନ ହୁଅନ୍ତୁ । ବିଶ୍ୱଭିନ୍ନକ୍ଷମ ଦିବସରେ ଏହି ଶପଥ ସମସ୍ତଙ୍କ ହୃଦୟରେ ସ୍ପନ୍ଦିତ ହେଉ ଯେ, ଆମ୍ଭମାନଙ୍କ ଆଖପାଖରେ ଥିବା ସମସ୍ତେ ଆମେ ଗୋଟିଏ ମାଆର ସନ୍ତାନ । ତେଣୁ ଭାଇଟିଏ ବା ଭଉଣୀଟିଏ ଭିନ୍ନକ୍ଷମ ହେଲେ ତାକୁ କ'ଣ କେହି ସ୍ନେହ ଓ ଶ୍ରଦ୍ଧାରୁ ବଞ୍ଚିତ କରିପାରିବ କି ? ସମସ୍ତଙ୍କ ଭଲପାଇବା ସମସ୍ତଙ୍କ ଆଶୀର୍ବାଦ ଆଉ ସମସ୍ତଙ୍କ ସହଯୋଗର ହାତ ସେହି ଭିନ୍ନକ୍ଷମମାନଙ୍କ ପାଇଁ ସକ୍ଷମର ବଳିଷ୍ଠ ବାହୁ ପ୍ରତୀୟମାନ ହେଉ ଏହା ହିଁ ଆଜି ଦିବସର ପବିତ୍ର ଉପଲବ୍ଧି ।

**ବାକ୍ ଶ୍ରବଣ ବିଶେଷଜ୍ଞ, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ମୋ- ୯୪୩୮୨୭୬୭୬୦**

# ଆଜୀବନ ସେବିକା ରମାଦେବୀ

ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ସ୍ୱାଧୀନତା ସଂଗ୍ରାମରେ ରମାଦେବୀଙ୍କ ଅବଦାନ ଅବିସ୍ମରଣୀୟ । ସେ କେବଳ ଓଡ଼ିଶାରେ ନୁହଁନ୍ତି, ସାରା ଦେଶରେ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ହିସାବରେ ବେଶ୍ ପରିଚିତ । କେବଳ ସ୍ୱାଧୀନତା ସଂଗ୍ରାମ ନୁହେଁ, ସେବା ଓ ପରୋପକାର ତାଙ୍କ ଜୀବନର ପରମ ବ୍ରତ ଥିଲା । ଖାଲି ସେତିକି ନୁହେଁ, ମହିଳାମାନଙ୍କ ସୁରକ୍ଷା, ନାରୀ ଶିକ୍ଷାର ବିକାଶ ଓ ମହିଳା ସଶକ୍ତିକରଣ କରିବା କ୍ଷେତ୍ରରେ ତାଙ୍କ ଯୋଗଦାନ ଅତୁଳନୀୟ । ଦୀପ୍ତିଦାତ୍ରୀ ନାରୀ ସେ, ପ୍ରଦୀପର ସଳିତା ଭଳି ତିଳ ତିଳ ଭାବେ ନିଜେ ଜଳି ନିଜକୁ ନିଃଶେଷ କରିଦେଇଛନ୍ତି, କିନ୍ତୁ ନିଜର ଦୀପ୍ତିରେ ସମଗ୍ର ମାନବ ସମାଜକୁ ଆଲୋକିତ କରିଯାଇଛନ୍ତି । ଏକାଧାରରେ ବିପ୍ଳବ-ସେବା, କରୁଣା-ଦୃଢତା, ସମ୍ବେଦନଶୀଳତା-ନୀତିବାଦିତାର ଏକ ଅନନ୍ୟ ଉଦାହରଣ ଥିଲେ ସେ ।

ଏହି ମହିୟସୀ ନାରୀନେତ୍ରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଞ୍ଚଳର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିତା ଗୋପାଳ ବଲ୍ଲଭ ଦାସ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନ ଭାଇ । ପରବର୍ତ୍ତୀ ସମୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ରବଧୂ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ । ୧୯୨୧ ମସିହା ମାର୍ଚ୍ଚ ମାସ ୨୧ ତାରିଖର କଥା ।

ରମାଦେବୀଙ୍କୁ ସେତେବେଳେ ମାତ୍ର ୨୨ ବର୍ଷ । ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା । ରମାଦେବୀ ଶାଶୁଙ୍କ ସହିତ ସେ ସଭାକୁ ଯାଇଥିଲେ । ଏହି ସଭାରେ ଗାନ୍ଧିଜୀ ଯୋଗଦେଇ ସମବେତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ । ଏସବୁ ଗହଣା ଗାଣ୍ଠିର ଆଦର ଛାଡ଼ି ଦିଅନ୍ତୁ । ଦେଶ ଓ ଜାତିର କଲ୍ୟାଣରେ ମହିଳାମାନେ ନିଜ ନିଜର ଗହଣା ଦାନ କରିବାକୁ ସେ ତାଙ୍କ ଭାଷଣରେ କହିଥିଲେ । ସଭାରେ ଯୋଗ ଦେଇଥିବା ମହିଳାମାନଙ୍କ ମଧ୍ୟରୁ କିଏ ହାତର ମୁଦି ତ କିଏ କାନଫୁଲ ଇତ୍ୟାଦି ଗାନ୍ଧିଙ୍କୁ ଦେଇଥିଲେ । ରମାଦେବୀ ନିଜ ଗହଣା ଦେବାକୁ ଇଚ୍ଛାପ୍ରକାଶ କରିଥିଲେ ହେଁ ଶାଶୁଙ୍କ କଥାମାନି ନିଜର ଗହଣା ନ ଦେଇ ନିଜ ହାତକଟା ସୂତାମୋଡାଟି ଗାନ୍ଧିଜୀଙ୍କ ହାତକୁ ବଢାଇ ଥିଲେ । ଗାନ୍ଧି ତାଙ୍କ ଆଡକୁ ଦଣ୍ଡେ ଚାହିଁରହିଲେ । ଏହି ସ୍ମରଣୀୟ ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ତା'ପରେ ରମାଦେବୀ ଦେଶ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ ।

୧୯୨୨ ମସିହା ଫେବୃଆରୀ ମାସ ଶ୍ରୀପଞ୍ଚମୀ ତିଥିରେ ଜଗତସିଂହପୁର ଅଳକା ନଦୀ କୂଳରେ ପ୍ରତିଷ୍ଠା ହେଲା 'ଅଳକାଶ୍ରମ' । ସେତେବେଳେ ଏହି ଅଳକାଶ୍ରମ ଥିଲା ସ୍ୱଦେଶୀ ଆନ୍ଦୋଳନର ଯଜ୍ଞପୀଠ ଓ ସ୍ୱାଧୀନତା ସଂଗ୍ରାମୀ ତିଆରି କାରଖାନା । ଏଇଠୁ ରମାଦେବୀଙ୍କ ରାଜନୈତିକ ଓ କର୍ମମୟ ଜୀବନର ଅୟମାରମ୍ଭ ହୋଇଥିଲା । ତାଙ୍କରି ପ୍ରରୋଚନାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡେ଼ପୁଟି କଲେକ୍ଟର ଚାକିରି ଛାଡ଼ି 'ଅଳକାଶ୍ରମ'ର ତତ୍ତ୍ୱାବଧାରକ ରୂପେ ଯୋଗ ଦେଇଥିଲେ । ସେହିଁ ଥିଲେ ଗୋପବନ୍ଧୁଙ୍କର ପ୍ରକୃତ ପ୍ରେରଣାଦାତ୍ରୀ । ସହଧର୍ମିଣୀ ଭାବେ ସେ ସବୁ ସମୟରେ ସ୍ୱାମୀଙ୍କ ପାଖେ ପାଖେ ରହି ଆଦର୍ଶ ପତ୍ନୀର ଦାୟିତ୍ୱ ନିର୍ବାହ କରିଥିଲେ । ସେତେବେଳେ ଶହ ଶହ ଛାତ୍ର ଗାନ୍ଧିଜୀଙ୍କ ଡାକରାରେ ସ୍କୁଲ, କଲେଜ ଛାଡ଼ି ସ୍ୱାଧୀନତା ଆନ୍ଦୋଳନ ସାମିଲ ହେଉଥିଲେ । ଏହିସବୁ ଛାତ୍ରମାନଙ୍କୁ ଅଳକାଶ୍ରମରେ ରଖାଯାଇ ଶିକ୍ଷାଦାନର ବ୍ୟବସ୍ଥା ହେଲା । ଏଥି ସହିତ ଅରଟରେ ସୂତା କାଟିବା, ରୋଗୀ ସେବା କରିବା, ଦୀନ ଦରିଦ୍ରଙ୍କ ଯତ୍ନ ନେବା କାର୍ଯ୍ୟରେ ତାଲିମ ଦିଆଗଲା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ । ଏହି ଆଶ୍ରମବାସୀ ଛାତ୍ରମାନଙ୍କ ଖାଇବା-ପିଇବା, ରହିବା-ଶୋଇବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷାର ଦାୟିତ୍ୱ ନେଇଥିଲେ ନିଜେ ରମାଦେବୀ । ସେଥିପାଇଁ ଅଳକାଶ୍ରମର ଅନ୍ତେବାସୀମାନେ ତାଙ୍କୁ ମା' ବୋଲି ସମ୍ବୋଧନ କରୁଥିଲେ ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମା ଗାନ୍ଧି ଲବଣ ସତ୍ୟାଗ୍ରହର ଡାକରା ଦେଲେ । ଗୁଜୁରାଟର ଦାଣ୍ଡିକୁ ଲବଣ ସତ୍ୟାଗ୍ରହ ପାଇଁ ଗାନ୍ଧିଜୀଙ୍କର ପ୍ରସିଦ୍ଧ ଦାଣ୍ଡିଯାତ୍ରା ଆରମ୍ଭ ହୁଏ । ସେହିପରି ଓଡ଼ିଶାର ବାଲେଶ୍ୱରସ୍ଥ ଇଞ୍ଚୁଡ଼ି ଠାରେ ଲୁଣମରା ହେବା ପାଇଁ ସ୍ଥିର ହୋଇଥାଏ ।

ପୋଲିସର ଦମନଲୀଳାକୁ ଭ୍ରୁକ୍ଷେପ ନ କରି ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରା କଲେ । ରମାଦେବୀ ଏଥିରେ ସାମିଲ ହୋଇଥିଲେ । ଆଖପାଖ ଗାଁରେ ବୁଲି ମହିଳାମାନଙ୍କୁ ଲବଣ ସତ୍ୟାଗ୍ରହରେ ଯୋଗ ଦେବା ପାଇଁ ଅନୁରୋଧ କଲେ । ରମାଦେବୀଙ୍କ ସାହସ ଦେଖି, ତାଙ୍କ କଥାରେ ବିଶ୍ୱାସ ରଖି ଶହ ଶହ ସଂଖ୍ୟାରେ ମହିଳା ତାଙ୍କୁ ସହଯୋଗ କଲେ । ଇଞ୍ଚୁଡ଼ିରେ ଲୁଣମରା କାର୍ଯ୍ୟ ଶେଷ କରି ରମାଦେବୀ କୁଜଙ୍ଗ ଅଭିମୁଖେ ଯାତ୍ରା କଲେ । ସେଠାରେ କୁଜଙ୍ଗର ରାଣୀଙ୍କୁ ମଧ୍ୟ ଲୁଣମରା ଅଭିଯାନରେ ସାମିଲ କରାଇଥିଲେ । ୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ଯାତ୍ରା ଆରମ୍ଭ କଲେ । ହରିଜନ ବସ୍ତି ସଫେଇ ଓ ସେମାନଙ୍କର ମନୋବୃତ୍ତି ପରିବର୍ତ୍ତନ ଏହି ଯାତ୍ରାର ମୂଳ ଲକ୍ଷ୍ୟ ଥିଲା । ଏହି ଯାତ୍ରାରେ ହଜାର ହଜାର ଲୋକଙ୍କର ସମାବେଶ ହେଲା । ଗାନ୍ଧିଜୀଙ୍କ ସହ ସେତେବେଳେ ଏହି ପଦଯାତ୍ରାରେ ଥିଲେ ମୀରାବେନ୍, ପ୍ରଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ । ଗାନ୍ଧିଜୀ ରମାଦେବୀଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ହରିଜନ ଯାତ୍ରା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ଏହା ପରେ 'ମାନବ ସେବାକୁ ମାଧବ ସେବା' ରୂପେ ଗ୍ରହଣ କରି ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛିନେଲେ ରମାଦେବୀ ।

ରମାଦେବୀ ନିଜକୁ କେବଳ ଓଡ଼ିଶା ଭିତରେ ସୀମିତ ରଖିନଥିଲେ । ୧୯୫୫ ମସିହା ବିନୋବାଜୀଙ୍କ ପଦଯାତ୍ରା, ୧୯୬୨ ମସିହା ଚୀନ୍ ଆକ୍ରମଣ, ୧୯୬୪ ମସିହା ରାଉରକେଲା ଦଙ୍ଗା, ୧୯୬୪ ମସିହା କଟକ ଛାତ୍ର ଆନ୍ଦୋଳନ, ୧୯୬୬ ମସିହା କଳାହାଣ୍ଡି ଦୁର୍ଭିକ୍ଷ, ୧୯୬୭ ମସିହା ବନ୍ୟା ଓ ବାତ୍ୟା, ୧୯୬୯ ମସିହା କଟକ ସାଂପ୍ରଦାୟିକ ଦଙ୍ଗା, ୧୯୭୧ ମସିହା ସାମୁଦ୍ରିକ ତୋଫାନ ସମୟରେ ସେ ଉଲ୍ଲେଖନୀୟ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲେ । ଏପରିକି ୧୯୬୭ ମସିହାରେ ବିହାରର ମରୁଡ଼ି ଅଞ୍ଚଳ ଓ ବଙ୍ଗଳାର ବନ୍ୟାପ୍ଳାବିତ ଅଞ୍ଚଳକୁ ସେ ଓଡ଼ିଶାରୁ ସ୍ୱେଚ୍ଛାସେବକ ପଠାଇଥିଲେ ।

ସେହିପରି ମହାରାଷ୍ଟ୍ର ଭୂମିକମ୍ପ ବେଳେ ସେ ସେତେବେଳେ ପାଞ୍ଚହଜାର ଟଙ୍କାର ଚେକ୍ ପଠାଇଥିଲେ । ୧୯୭୫ ମସିହାରେ ଜରୁରୀ ପରିସ୍ଥିତି ଘୋଷଣା ପାଇଁ କ୍ଷୋଭ ପ୍ରକାଶ କରିଥିଲେ । ତାଙ୍କ ପରାମର୍ଶ କ୍ରମେ ଏକ ପ୍ରଚାରପତ୍ର ଛପାଗଲା ଯେଉଁଥିରେ ସେ ପ୍ରଥମେ ଦସ୍ତଖତ କରିଥିଲେ । ଜରୁରୀ ପରିସ୍ଥିତି ଉଠିବାପରେ ୧୯୭୭ ମସିହା ସାଧାରଣ ନିର୍ବାଚନରେ ଅନେକ ତାଙ୍କୁ ନିର୍ବାଚନରେ ଭାଗ ନେବାପାଇଁ ଅନୁରୋଧ କରିଥିଲେ । ମାତ୍ର କ୍ଷମତା ଲାଳସା ତାଙ୍କର ନ ଥିଲା, ତେଣୁ ଏହି ଅନୁରୋଧକୁ ସେ ଏଡାଇ ଦେଇଥିଲେ । ଜୀବନବ୍ୟାପୀ କରିଥିବା ସେବା ଓ ତ୍ୟାଗ ପାଇଁ ତାଙ୍କୁ ୧୯୮୧ ମସିହାରେ 'ଯମୁନା ଲାଲ ବାଜାଜ୍' ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏଥିପାଇଁ ତାଙ୍କୁ ମିଳିଥିବା ଏକ ଲକ୍ଷ ଟଙ୍କାକୁ ସେ ଅସହାୟ ମହିଳା ଓ ଶିଶୁମାନଙ୍କ ପାଇଁ ଦାନ କରିଥିଲେ । ସେହିପରି ରମାଦେବୀଙ୍କ ଉତ୍ସର୍ଗୀକୃତ ସେବା ଓ କାର୍ଯ୍ୟକୁ ସ୍ୱୀକୃତି ଜଣାଇ ଉତ୍କଳ ବିଶ୍ୱବିଦ୍ୟାଳୟ ରମାଦେବୀଙ୍କୁ ୧୯୮୪ ମସିହାରେ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲା ।

ଆଜି ରମାଦେବୀ ଆମ ଗହଣରେ ନାହାଁନ୍ତି । ୧୯୮୫ ମସିହା ଜୁଲାଇ ୨୨ତାରିଖ ଦିନ ସେ ଚାଲିଯାଇଛନ୍ତି ଅଫେରା ରାଇଜକୁ କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ଚିର ଦିନ ପାଇଁ । ସତରେ ତାଙ୍କ ତ୍ୟାଗର ତୁଳନା ନାହିଁ । କେବଳ ନିଜେ ନୁହଁନ୍ତି, ନିଜ ପରିବାରର ଦେବର ନବକୃଷ୍ଣ, ଯାଆ ମାଳତୀ ଚୌଧୁରୀ, ପୁତ୍ର ମନମୋହନ ଚୌଧୁରୀ, କନ୍ୟା ଅନ୍ନପୂର୍ଣ୍ଣା ମହାରଣା, ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ସମସ୍ତଙ୍କୁ ତ୍ୟାଗ ଓ ସେବା ବ୍ରତରେ ଅନୁପ୍ରାଣିତ ଓ କର୍ମରତ କରିପାରିଥିଲେ ।

**ଜଗତସିଂହପୁର, ମୋ-୯୯୩୭୧୫୧୦୫୨**

# ସେବା ଓ ଜ୍ଞାନର ତତ୍ତ୍ୱ

ଗୁରୁଙ୍କ ନିକଟରେ ଜଣେ ଶିଷ୍ୟ ଦୀକ୍ଷା ଗ୍ରହଣ କରିବାକୁ ଆସିଲେ । ଯିଏକି ସ୍ୱଭାବରେ ବେଶ ଶାନ୍ତ ଓ ନମ୍ର ଥିଲେ । ନିଷ୍ଠାର ସହ ସେ ଗୁରୁଙ୍କ ସେବା କଲେ । ମାତ୍ର ଦୁର୍ବଳତା କେବଳ ଏତିକି ଥିଲା ଯେ ସେ ବିଦ୍ୟା ଅଧ୍ୟୟନ କରିବାକୁ ଆଦୌ ଚେଷ୍ଟା କରୁନଥିଲେ । ତେଣୁ ଗୁରୁ ଅଧିକାଂଶ ସମୟରେ ତାଙ୍କୁ ବିଦ୍ୟା ଅଧ୍ୟୟନ ପାଇଁ ପ୍ରେରିତ କରୁଥିଲେ । ମାତ୍ର ଫଳ ସବୁବେଳେ ନୈରାଶ୍ୟଜନକ ଥିଲା ।

ଏହାଛଡ଼ା ଶିଷ୍ୟ ଜଣଙ୍କ ସବୁବେଳେ କହୁଥିଲେ, 'ଗୁରୁଦେବ ! ଆପଣ ଜଣେ ମହାନ୍ ଜ୍ଞାନୀ ପଣ୍ଡିତ, ଯାହାଙ୍କ ସେବା କରିବାର ଅବସର ମୋତେ ମିଳିଛି । ତା'ଠାରୁ ବଡ଼ କାମ ଦୁନିଆଁରେ ଆଉ କିଛି ନାହିଁ । ତେଣୁ ବିଦ୍ୟା ଅଧ୍ୟୟନ କରି ଯେଉଁ କଲ୍ୟାଣ ଲାଭ କରିଥାଆନ୍ତି, ତାହା ଆପଣଙ୍କ ସେବାରୁ ପାଉଛି ।' ଦିନେ ଗୁରୁଦେବ ଶିଷ୍ୟକୁ ଜ୍ଞାନ ଓ ସେବାର ପ୍ରକୃତ ମୂଲ୍ୟ ସମ୍ବନ୍ଧରେ ବୁଝାଇବାକୁ ଯାଇ କହିଲେ, 'ଶିଷ୍ୟ! ସେବାର ସ୍ଥାନ ଜ୍ଞାନ କେବେ ନେଇପାରେ ନାହିଁ, କି ଜ୍ଞାନର ସ୍ଥାନ ସେବା କେବେ ନେଇପାରେ ନାହିଁ । ଯେପରି ଆଖିର ନିଜସ୍ୱ ଭୂମିକା ରହିଛି, ସେପରି ଜ୍ଞାନର ମଧ୍ୟ ନିଜସ୍ୱ ଭୂମିକା ରହିଛି । ଅନ୍ୟର ଆଖି ସବୁବେଳେ ଅନ୍ୟର ହୋଇଥାଏ ।

ସେହିପରି ମୁଁ ଯେତେ ଜ୍ଞାନୀ ହୋଇଥିଲେ ବି ମୋ ଜ୍ଞାନ ମୋ ପାଖରେ । ଯଦି ତୁମେ କେବଳ ମୋର ସେବା କରିବ, ବିଦ୍ୟାକୁ ପସନ୍ଦ କରିବ ନାହିଁ ତେବେ ମୋ ଜ୍ଞାନ ତୁମକୁ ପ୍ରାପ୍ତ ହେବନାହିଁ । କାରଣ ଅନ୍ୟର ଆଖି ପରି ଅନ୍ୟର ଜ୍ଞାନ ମଧ୍ୟ ବିପଦ ସମୟରେ କାର୍ଯ୍ୟରେ ଆସିନଥାଏ । ମାତ୍ର ଆଜିକାଲିର ଅଧିକାଂଶ ଗୁରୁ ଏଭଳି ଶିଷ୍ୟକୁ ଖୋଜି ବୁଲନ୍ତି ଯିଏ ତାଙ୍କ କଥାକୁ ଅନ୍ଧଭାବେ ବିଶ୍ୱାସ କରୁଥିବ ।'' ଗୁରୁଙ୍କ ଏପରି ବାଣୀରେ ଶିଷ୍ୟ କୌଣସି ଉତ୍ତର ଦେଲା ନାହିଁ । ତେଣୁ ଗୁରୁ ଏହା ଉପରେ ଆଧାରିତ ଏକ କାହାଣୀ ଶୁଣାଇଲେ ।

ଜଣେ ବ୍ୟକ୍ତ ରହୁଥିଲେ । ତାଙ୍କର ଚାରଟି ପୁତ୍ର ଥିଲେ । ସେମାନେ ଆଜ୍ଞାକାରୀ ଓ ନମ୍ର ସ୍ୱଭାବର ଥିଲେ । ସମସ୍ତଙ୍କ ବିବାହ ହେଲା ଓ କିଛି ବର୍ଷର ଅନ୍ତରାଳରେ ସେମାନଙ୍କ ପରିବାର ପୂର୍ଣ୍ଣ ହୋଇଗଲା । ସମୟ ବିତିବାକୁ ଲାଗିଲା । ବ୍ୟକ୍ତି ଜଣଙ୍କ ବୃଦ୍ଧ ହେଲେ। ତାଙ୍କ ଶରୀର ଶକ୍ତିହୀନ ହେବା ସହ ଦୃଷ୍ଟିଶକ୍ତି କମିଗଲା । ବୃଦ୍ଧଙ୍କ ବୋହୂମାନେ ଅନେକ ଥର ଆଖି ଅସ୍ତ୍ରୋପଚାର କରାଇଲେ, ମାତ୍ର କିଛି ଫଳ ମିଳିଲା ନାହିଁ । ବୃଦ୍ଧ ଭାବୁଥିଲେ ଆଖି ନ ରହିଲେ ବି ପୁଅ ବୋହୂ ଓ ନାତି ନାତୁଣୀଙ୍କ ଆଖିରେ ସେ ବାକି ଜୀବନ ବିତାଇବେ । ସମୟ ଆସିଲା ବୃଦ୍ଧ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ହୋଇଗଲେ ।

ପ୍ରତ୍ୟେକ କାର୍ଯ୍ୟରେ ଅନ୍ୟର ସହାୟତା ଲୋଡ଼ିଲେ । ଏହା ସତ ଯେ ପରିବାର ଲୋକେ ତାଙ୍କ ଧ୍ୟାନ ରଖୁଥିଲେ କିନ୍ତୁ ଦିନେ ରାତିରେ ଏଭଳି ସଙ୍କଟରେ ପଡ଼ିଲେ ଯେ ଯେଉଁଥିପାଇଁ ତାଙ୍କୁ ନିଜ ଜୀବନ ସବୁଦିନ ପାଇଁ ହରାଇବାକୁ ପଡ଼ିଲା । କାରଣ ରାତିରେ ହଠାତ୍ ନିଆଁ ଲାଗିବାରୁ ପରିବାର ଲୋକ କୌଣସି ଉପାୟରେ ଘରୁ ବାହାରକୁ ଚାଲିଗଲେ ମାତ୍ର ବୃଦ୍ଧ ଅନ୍ଧ ହୋଇଥିବାରୁ ଆସିବାର ବାଟ ଜାଣିପାରିଲେ ନାହିଁ । ଶେଷରେ ନିଆଁରେ ପୋଡ଼ି ହୋଇ ମରିଗଲେ । ଏହାପରେ ଗୁରୁ ଶିଷ୍ୟକୁ ପଚାରିଲେ ଯଦି ଉକ୍ତ ବୃଦ୍ଧର ନିଜସ୍ୱ ଆଖି ଥାଆନ୍ତା ତେବେ କ'ଣ ସେ ମୃତ୍ୟୁ ମୁଖରେ ପଡିଥାଆନ୍ତା । ଶିଷ୍ୟ କହିଲା ନାଁ ଗୁରୁଜୀ। ଏହାପରେ ଗୁରୁ ଜାଣିପାରିଲେ ଯେ, ଶିଷ୍ୟ କିଛି କଥା ବୁଝି ପାରୁଛି । ଏଣୁ କହିଲେ, ଜୀବନରେ ସେବା କରିବା ସହ ଜ୍ଞାନ ଆହରଣ କରିବା ନିହାତି ଆବଶ୍ୟକ, ଯାହା ଭବିଷ୍ୟତରେ ବହୁ ବଡ଼ କାର୍ଯ୍ୟରେ ଆସିଥାଏ ।

**ନିରୂପମା ଭୂୟାଁ, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,ମୋ-୯୯୩୭୪୭୦୯୮୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**



ଲେଫ୍ଟନାଣ୍ଟ ଜେନେରାଲ ପଦମ ସିଂହ ଶେଖାୱତ୍, ଏଭିଏସ୍ଏମ୍, ଏସ୍ଏମ୍, ଜେନେରାଲ ଅଫିସର କମାଣ୍ଡିଂ ମଧ୍ୟ ଭାରତ ଏରିଆ ବିଧାନସଭା ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି ।

### ବଡମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କ ବିଜେପିରେ ଯୋଗଦାନ

## ୨୪ ସମିତି ସଭ୍ୟ, ୨୦ ସରପଞ୍ଚ ବିଜେପିରେ ସାମିଲ

ଭୁବନେଶ୍ୱର, (ସବ୍ୟୁ): ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି । ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି । ଆଜି ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ତାଙ୍କ ସମର୍ଥକ ସହ ବିଜେଡ଼ି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି। ବଡ଼ମ୍ବା ବିଧାୟକ ବିଜୟ ଦଳ ବେହେରା ନେତୃତ୍ୱରେ ମାଣିଆବନ୍ଧ ୩୧ନଂ.ଜୋନ୍ ଜିଲା ପରିଷଦ ସଭ୍ୟ ନୟନା ସାହୁଙ୍କ ସମେତ ବଡମ୍ବା ବ୍ଲକରୁ ୨୪ ଜଣ ସମିତି ସଭ୍ୟ, ୧୧ ଜଣ ସରପଂଚ ଏବଂ ନରସିଂହପୁର ବ୍ଲକର ୯ ଜଣ ସରପଂଚଙ୍କ ସମେତ ବଡମ୍ବା ବ୍ଲକ ଯୁବ ବିଜେଡି ସଭାପତି ଆଲୋକ ସାହୁ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ବଡମ୍ବା ବ୍ଲକର ନିର୍ବାଚିତ ସମିତି ସଭ୍ୟ ସୀମାରାଣୀ ନାୟକ, ରାଜେଶ ଦଳେଇ, ଲିଲି ସେଠୀ, ବିଭୂତି ଭୂଷଣ ଜେନା, ମନସ୍ୱିନୀ ଜେନା, ଲକ୍ଷ୍ମୀଧର ପଣ୍ଡା, ସୁନିତା ଚୌଧୁରୀ, ହରିହର ବେହେରା, ଜ୍ୟୋତିର୍ମୟୀ ବିଶ୍ୱାଳ, ସମୀର କୁମାର ସେନାପତି, ଅକ୍ଷୟ କୁମାର ଦାଶ, ଗୋଲାପ ସାହୁ, ନାରାୟଣ ଜେନା, ମନୋଜ କୁମାର ବେହେରା, ମମତା ବେହେରା, ସମୀର କୁମାର ପ୍ରଧାନ, ରିଲି ବେହେରା, ସୁଚିତ୍ରା ପାଣିଗ୍ରାହୀ ପ୍ରମୁଖ ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ନରସିଂହପୁର ବ୍ଲକର ସରପଂଚ ଶରଚନ୍ଦ୍ର ଖଟୁଆ, ସାବିତ୍ରୀ ପ୍ରଧାନ, ଝୁନୁଲତା ପ୍ରଧାନ, ଲୁସି ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ଦଳେଇ, ବିନୋଦ କୁମାର ପଣ୍ଡା, ରଶ୍ମିତା



ପଣ୍ଡା, ସ୍ୱାଗତିକା ରାଉତ, ସନ୍ତୋଷୀ ନାୟକ ପ୍ରମୁଖ ବିଜେପିରେ ଯୋଗଦେଇଛନ୍ତି। ବିଜେପିରେ ସାମିଲ ହୋଇଥିବା ନୂତନ କର୍ମକର୍ତାମାନେ ବିଜେଡ଼ି ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଦେବୀ ମିଶ୍ରଙ୍କ ଘନିଷ୍ଠ ସହଯୋଗୀ ଥିଲେ । ଫଳରେ ତାଙ୍କୁ ବେଡ଼ ଝଟକା ଲାଗିଛି। ରାଜ୍ୟ ସଭାପତି ଶ୍ରୀ ସାମଲ କହିଥିଲେ, ସମାଜରେ ଅନେକ ସମସ୍ୟା ରହିଛି, ଏହାର ସମାଧାନ କରି ଲୋକଙ୍କ ପାଖରେ କିପରି ସରକାରୀ ଯୋଜନାଗୁଡ଼ିକ ସହଜରେ ପହଂଚିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ନୂତନ କର୍ମକର୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟ ଉପସଭାପତି ବିରଂଚି ତ୍ରିପାଠୀ,ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ,ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି,ଜିଲ୍ଲା ଉପସଭାପତି ବିଭୁଦତ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣା

## ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟକୁ ଆସିଲେ ଅଭିଯୁକ୍ତ

କଟକ,(ସବ୍ୟୁ): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ଘଟଣାରେ ଅନେକ ଅଭିଯୁକ୍ତ ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହି ଅଭିଯୁକ୍ତମାନେ ହେଲେ ବଳଭଦ୍ର ଦାସ, ବିନୟ ଭୂଷଣ ପଟ୍ଟନାୟକ, ପରେଶ ବିଶ୍ୱାଳ, ରେଣୁପ୍ରଭା ବିଶ୍ୱାଳ ପ୍ରମୁଖ । ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ଏହି ଅଭିଯୁକ୍ତମାନେ ହାଇକୋର୍ଟ ଆସିଛନ୍ତି । ଗତ କିଛିଦିନ ତଳେ ଯାଜପୁର ବିଧାୟକ ଶ୍ରୀ ସାହୁଙ୍କୁ ବିଜେଡ଼ି ନେତା ବବି ଦାସଙ୍କ ଭାଇଙ୍କ ସମେତ କିଛି ସମର୍ଥକ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ଏହି ଘଟଣାରେ ମାଳପୁର ପୁଲିସ୍ ବବିଙ୍କ ଭାଇ ଏବଂ ଉପରୋକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ଏହି ଘଟଣା ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଥିଲା। ଛ ଏବେ ବି ଏହି ଘଟଣାର ଉଷ୍ମତା ଥମିନାହିଁ ।

## ଜିନ୍ଦଲ ଷ୍ଟେନଲେସକୁ ଇଣ୍ଡିଆ ଗ୍ରୀନ ମ୍ୟାନୁଫାକ୍ଚରିଂ ଚ୍ୟାଲେରେ ସ୍ୱର୍ଣ୍ଣ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଦଶମ-ଇଣ୍ଡିଆ ଗ୍ରୀନ୍ ଉତ୍ପାଦନ ଚ୍ୟାଲେ (ଆଇଜିଏମସି)ରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ହିସାର ୟୁନିଟକୁ ସମ୍ମାନଜନକ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ମୁମ୍ବାଇର ଆଇଟିସି ମରାଠା ଠାରେ ୨୪ ନଭେମ୍ବର ୨୦୨୪ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ପରିବେଶ ଉପରେ କୁପ୍ରଭାବକୁ ହ୍ରାସ କରିବା ଏବଂ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହ ସ୍ଥାୟୀ ଅଭ୍ୟାସକୁ ଆପଣାଇବା ଦିଗରେ ଜିନ୍ଦଲ ଷ୍ଟେନଲେସର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଇଣ୍ଡିଆ ଗ୍ରୀନ୍ ଉତ୍ପାଦନ ଚ୍ୟାଲେ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀ ଏବଂ ସବୁଜ ଅଭ୍ୟାସ ଗ୍ରହଣ କରି ଉତ୍ତମ ପ୍ରଦର୍ଶନ କରିଥିବା କମ୍ପାନୀଗୁଡିକୁ ସ୍ୱୀକୃତି ପ୍ରଦାନ କରେ। କମ୍ପାନୀଗୁଡିକ ଆଇଜିଏମସି ପ୍ଲାଟଫର୍ମ ମାଧ୍ୟମରେ ସଷ୍ଟେନେବିଲିଟି ପ୍ରୟାସରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ତାଲିମ, ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ମାଧ୍ୟମରେ ନିର'ର ଉନ୍ନତି କରିବା ପାଇଁ ଚେଷ୍ଟା କରନ୍ତି । ଏହି ପୁରସ୍କାର ଉପରେ ଆଲୋକପାତ କରି ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ଏହି ସମ୍ମାନଜନକ ସଷ୍ଟେନେବିଲିଟି ପୁରସ୍କାର ପାଇ ଆମେ ଗର୍ବିତ, ଏହା ପରିବେଶ ପରିଚାଳନା ଦାୟିତ୍ୱ କ୍ଷେତ୍ରରେ ଆମର ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ଅଟେ। ଜିନ୍ଦଲ ଷ୍ଟେନଲେସରେ, ଆମେ ବିଶ୍ୱାସ କରୁ ଯେ ଅଭିବୃଦ୍ଧି ଏବଂ ଦାୟିତ୍ୱ ଉଭୟର ଆବଶ୍ୟକତା ରହିଛି ଏବଂ ଏହି ସ୍ୱୀକୃତି ନିରନ୍ତର ଉତ୍ପାଦନ ଅଭ୍ୟାସ ଦିଗରେ ଆମର ନିଷ୍ଠାକୁ ଆହୁରି ଦୃଢ଼ କରିବ । ଭବିଷ୍ୟତ ପିଢ଼ି ପାଇଁ ସୁସ୍ଥ ପରିବେଶ ନିର୍ମାଣ ଉପରେ ପ୍ରାଥମିକତା ଦେବା ସହ ଅଭିନବ ସମାଧାନ ଆପଣାଇବା ଦିଗରେ ଏହା ପ୍ରେରଣା ଦିଏ।

ସ୍ୱର୍ଣ୍ଣ ପଦକ ବ୍ୟତୀତ ଜିନ୍ଦଲ ଷ୍ଟେନଲେସ୍ ମଧ୍ୟ ୧୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକମାତ୍ର କମ୍ପାନୀ, ଯିଏକି ନେଟ୍ ଜିରୋ ଟର୍ଚ୍ଚ ବିଅରର୍ସ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର 'ଏକ୍ସେଲସିଅର' ବର୍ଗ ମାନ୍ୟତା ହାସଲ କରିଛି।

## ୧୮ ତମ ପ୍ରତିଷ୍ଠା ଦିବସ ପାଳନ କଲା ବିଜେଇଏମ୍ ସ୍କୁଲ -୨

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ -୨ ପରିସରରେ ୧୮ତମ ପ୍ରତିଷ୍ଠା ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଗହଣରେ ସଭାପତି ରଘୁନାଥ ମିଶ୍ର,ଉପସଭାପତି ଅଶ୍ୱିନୀ ତିବରୀ, ପରିଚାଳକ ପ୍ରତାପ କୁମାର ଜେନା, ଅଧ୍ୟକ୍ଷା ଡଃ ଅଳକା ମହାନ୍ତି, ଉପାଧ୍ୟକ୍ଷ ଡଃ ମନୋରଞ୍ଜନ ବେଜ୍ ଏବଂ ପ୍ରଶାସନିକ ପରାମର୍ଶ ଦାତା ବୃନ୍ଦ ବିଘ୍ନରାଜ ପ୍ରଭୁ ଗଜାନନଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚିତ୍ରକଳା , ହସ୍ତକଳା ,ଓଡ଼ିଆ, ହିନ୍ଦୀ, ସଂସ୍କୃତ ,ଇଂରାଜୀ ଓ ସାମାଜିକ ବିଜ୍ଞାନ ବିଭାଗ ଦ୍ୱାରା ସଂସ୍କୃତି ସମ୍ପୂର୍ଣ୍ଣ ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଥିଲେ । ଆଜିର ଶୁଭ ଅବସରରେ ଉପାଧ୍ୟକ୍ଷ ଡଃ ମନୋରଞ୍ଜନ ବେଜ୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ସ୍ଥଳେ ଅଧ୍ୟକ୍ଷା ବିଦ୍ୟାଳୟର ୧୭ ବର୍ଷର ସଫଳତାର କାହାଣୀ ତଥା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ଛପରିଚାଳକଙ୍କ ଇତିହାସ ପୃଷ୍ଠା ଉନ୍ମୋଚନ ଉପସ୍ଥିତ ସଭସଦ ମଣ୍ଡଳିଙ୍କୁ ବେଶ ଭାବପ୍ରବଣ କରିଥିଲା ଏବଂ ବରିଷ୍ଠ ପ୍ରଶାସନିକ ପରାମର୍ଶଦାତା ଅନସୂୟା ପୋଥାଲ ଧନ୍ୟବାଦ ଅର୍ପଣ କରିଥିଲେ । କୁନିକୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ୩ୟ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ କୌତୁକ ମେଳା, ଖାଦ୍ୟ ମେଳା ଓ ଓଡ଼ିଶାର ପାରମ୍ପାରିକ, ଐତିହ୍ୟ, ସଂସ୍କୃତି ଆଧାରିତ ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ମାନଙ୍କ ସୃଜନାତ୍ମକ ଚିନ୍ତାଧାରାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ପ୍ରସ୍ତୁତ ରଙ୍ଗାରଙ୍ଗ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲା ।

## ବାଜପୁରରେ ଏଲପିଜି ଗ୍ୟାସ ସୁରକ୍ଷା ଅଭିଯାନ



ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ ବାଜପୁର ସରକାରୀ ହାଇସ୍କୁଲ ପରିସରରେ ଏଲପିଜି ଗ୍ୟାସ ସୁରକ୍ଷା ଅଭିଯାନ ଆନୁକୁଲ୍ୟରେ ଆମ ରୋଷେଇ ଆମ ଦାୟିତ୍ୱ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତୈଳ ବିପଣନ କମ୍ପାନୀ ର ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ମହିଳାମାନଙ୍କୁ ଗ୍ୟାସ ରେ ରୋଷେଇ ସମୟରେ ଗ୍ୟାସ ଠାରୁ ନିଜର ତଥା ପରିବାରକୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ସଚେତନତା କରିଥିଲେ । ଏଥିସହିତ ଆମ ରୋଷେଇ ଆମ ଦାୟିତ୍ୱ ରନ୍ଧନ କୌଶଳକୁ ପାଳନ କରିବା ସହିତ ରୋଷେଇରେ ଏଲପିଜି ପରିଚାଳନା ଏବଂ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଏଥିରେ ଅତିଥିଭାବେ ଏଚପିସିଏଲ ର ଡେପୁଟି ଜେନେରାଲ ମ୍ୟାନେଜର ତୃପ୍ତିରଞ୍ଜନ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ହୋଇଥିବା ରୋଷେଇ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା ।

### ପୋଲାଭରମ ପ୍ରକଳ୍ପ ହେଲେ ମାଲକାନଗିରି ଜିଲ୍ଲାର ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ ହେବ: ବିଜେଡି

## ତିନିଦିନିଆ ଦିଲ୍ଲୀ ଗସ୍ତରେ ଯିବ ବିଜେଡି ଟିମ୍

ଭୁବନେଶ୍ୱର, (ସବ୍ୟୁ): ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ପ୍ରାୟ ୨୦୦ରୁ ଅଧିକ ଗ୍ରାମ ଜଳମଗ୍ନ ହେବ ଓ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ଏହି ପ୍ରକଳ୍ପ କାମ ଆଗକୁ ବଢ଼ିବା ଉଚିତ ନୁହେଁ ବୋଲି ବିଜେଡ଼ି ପକ୍ଷରୁ ସୋମବାର ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ବିଜେଡିର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ ଦଳର ସଭ୍ୟ ସଂଗ୍ରହ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଦିନ ତିନି ଦିନିଆ ଦିଲ୍ଲୀ ଗସ୍ତରେ ଯିବ ଓ ସେଠାରେ ପୋଲାଭରମ ପ୍ରକଳ୍ପ ସମ୍ବନ୍ଧୀୟ ବିଭାଗର ବିଭିନ୍ନ ଅଧିକାରୀଙ୍କୁ ଭେଟି ଏହି ପ୍ରକଳ୍ପ ହେଲେ ଓଡ଼ିଶାର ହେବାକୁ ଥିବା କ୍ଷତି ସମ୍ପର୍କରେ ଅବଗତ କରିବେ ।

ଶ୍ରୀ ମିଶ୍ର କହିଥିଲେ, ପୋଲାଭରମ ପ୍ରକଳ୍ପ ଆରମ୍ଭ ସମୟରେ ଏହାର ଡିଜାଇନ ୩୬ ଲକ୍ଷ କ୍ୟୁସେକ ଜଳ ରହିବ ବୋଲି କୁହାଯାଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହାର କ୍ଷମତା ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଥିଲା। ଏହି ପ୍ରକଳ୍ପର ଜଳ ଧାରଣ କ୍ଷମତା ବଢ଼ିଯିବା ପରେ ଏହାର ପ୍ରଭାବ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡିକରେ, ବିଶେଷ କରି ମାଲକାନଗିରି ଜିଲ୍ଲା ଉପରେ କ'ଣ ପ୍ରଭାବ ପଡିବ, ତାହାର ଆକଳନ କରାଯାଇ ନଥିଲା । ତେଣୁ, ୨୦୦୭ ମସିହାରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ । ପରେ, ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ମନ୍ତବ୍ୟ ରଖି ପ୍ରକଳ୍ପର କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏହାର ପ୍ରଭାବ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ । ଶ୍ରୀ ମିଶ୍ର କହିଥିଲେ, ଏହି ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାର ମୋଟୁ ଓ ପଡିଆ ଅଞ୍ଚଳର ପ୍ରାୟ୨୦୦ରୁ ଊର୍ଦ୍ଧ୍ୱଗ୍ରାମଓ ପଡ଼ା ଗ୍ରାମ କ୍ଷତିଗ୍ରସ୍ତ ହେବେ । ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଦିନ ଦିଲ୍ଲୀ ଯାଇ ସେଠାରେ ସିଡବ୍ଲୁସି ଅଧିକାରୀ ତଥା ସଂଲଗ୍ନ ବିଭିନ୍ନ ମନ୍ତ୍ରଣାଳୟ ଓ ନିୟାମକ ଅନୁଷ୍ଠାନର କର୍ତ୍ତୃପକ୍ଷମାନଙ୍କୁ ଭେଟିବା ସହ ପୋଲାଭରମର ଦାବିକୁ ଉପସ୍ଥାପନ କରିବେ । ଏଠାରୁ ଯାଉଥିବା ସାତଜଣ ପ୍ରତିନିଧି ମଣ୍ଡଳୀ ସହିତ ବିଜେଡିର ସାତ ଜଣ ରାଜ୍ୟସଭା ସାଂସଦ ମଧ୍ୟ ଦିଲ୍ଲୀରେ ଏହି ପ୍ରତିନିଧି ମଣ୍ଡଳୀ ସହିତ ଯୋଗଦେବେ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଥିଲେ ।

## ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ ୨୦୨୪ ରାଜ୍ୟର ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବ

ଭୁବନେଶ୍ୱର: ଆସନ୍ତା ଡିସେମ୍ବର ୭ତାରିଖରୁ ଡିସେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରାଜ୍ୟର ସର୍ବବୃହତ୍ ମେଂଟର-ନିବେଶ ସମ୍ପର୍କ ଉତ୍ସବ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ-୨୦୨୪ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଛି। ଏଆଇସି-ନାଳନ୍ଦା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଭବ୍ୟ ୧୫ ଦିନିଆ କାର୍ଯ୍ୟକ୍ରମରେ ଉଦ୍ୟୋଗୀମାନଙ୍କୁ ପ୍ରମୁଖ ଅଂଶୀଦାରଙ୍କ ସହ ଯୋଡ଼ି ଓଡ଼ିଶାର ଷ୍ଟାର୍ଟଅପ୍ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଏବଂ ଉଦ୍ଭାବନ, ସହଯୋଗ ଓ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖାଯାଇଛି। ଷ୍ଟାର୍ଟଅପଗୁଡ଼ିକୁ ସଶକ୍ତ କରିବା ପାଇଁ ପ୍ରସ୍ତୁତକରାଯାଇଥିବା କାର୍ନିଭାଲ୍ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ଉଦ୍ୟୋଗକୁ ବ୍ୟାପକ କରିବା, ପାଣ୍ଠି ହାସଲ କରିବା ଏବଂ ସେମାନଙ୍କ ବଜାର ଉପସ୍ଥିତିକୁ ବିସ୍ତାର କରିବା ପାଇଁ ଆବଶ୍ୟକ ଜ୍ଞାନ, ସମ୍ବଳ ଏବଂ ନେଟୱାର୍କ ପ୍ରଦାନ କରିବା ପାଇଁ କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମ, କର୍ମଶାଳା ଏବଂ ନେଟୱାର୍କିଂ ସୁଯୋଗର ଜୀବନ୍ତ ମିଶ୍ରଣ ସହିତ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ ୨୦୨୪ ଷ୍ଟାର୍ଟଅପ୍ ସମୁଦାୟ ପାଇଁ ଏକ ପରିବର୍ତ୍ତନଶୀଳ ଅନୁଭୂତି ହେବ ବୋଲି ପ୍ରତିଶ୍ରୁତି ଦେଇଛି। ଓଡ଼ିଶାର ଉଦ୍ୟୋଗୀମାନଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଓ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଏହି କାର୍ନିଭାଲ ପକ୍ଷରୁ ୨୦୨୪ ଡିସେମ୍ବର ୨୧ରେ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ୍ ଆୱାର୍ଡ-୨୦୨୪ ଆୟୋଜନ କରାଯିବ । ରାଜ୍ୟରେ ଥିବା ବିବିଧ ପ୍ରତିଭାକୁ ପ୍ରତିଫଳିତ କରୁଥିବା ଶ୍ରେଷ୍ଠ ପ୍ରଯୁକ୍ତି ନବସୃଜନକାରୀ, ଶ୍ରେଷ୍ଠ ମହିଳାଙ୍କ ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ଏବଂ ଶ୍ରେଷ୍ଠ ବଢୁଥିବା ଷ୍ଟାର୍ଟଅପ୍ ଭଳି ବର୍ଗକୁ ଏହି ପୁରସ୍କାର ପ୍ରଦାନ କରାଯିବ ।

## ଏଏମ୍/ଏନଏସ୍ ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପ ବେଳାଭୂମି ସଫେଇ ଅଭିଯାନ



ଭୁବନେଶ୍ୱର (ସବ୍ୟୁ): ପାରାଦ୍ୱୀପ ସମୁଦ୍ର ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବଜାୟରଖିବା ଉଦ୍ଦେଶ୍ୟରେ ଏଏମ୍/ଏନଏସ୍ ପୋର୍ଟସ୍ ପକ୍ଷରୁଏହାର ସିଏସ୍ଆର ପଦକ୍ଷେପର ଏକ ଅଂଶବିଶେଷ ଭାବେବେଳାଭୂମିସଫେଇ ଅଭିଯାନର ଆୟୋଜନ କରାଯାଇଥିଲା । କର୍ମଚାରୀ ଏବଂ ସେମାନଙ୍କ ପରିବାର ସକ୍ରିୟତାର ସହିତ ଏହି ଅଭିଯାନରେ ଅଂଶଗ୍ରହଣ କରି ଏଠାରେ ପଡିଥିବା ବର୍ଜ୍ୟବସ୍ତୁକୁ ସଫା କରିଥିଲେ, ଯାହା ଦ୍ୱାରା ବେଳାଭୂମିକୁ ସ୍ୱଚ୍ଛ ରଖାଯାଇପାରିବ । ଏଏମ୍ /ଏନ୍ ଏସ୍ ପୋର୍ଟସ୍ ଭବିଷ୍ୟତରେମଧ୍ୟ ଏଭଳି ଅଭିଯାନ ଜାରି ରଖିବା ସହିତ ସ୍ଥାନୀୟ ଲୋକଙ୍କୁ ଏଥିରେ ସାମିଲ କରି ଏକ ସ୍ୱଚ୍ଛ, ସବୁଜ ଏବଂ ସୁରକ୍ଷିତପରିବେଶପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି ।

ନିଜର ସୌନ୍ଦର୍ଯ୍ୟ ପାଇଁ ପରିଚିତ ପାରାଦ୍ୱୀପ ବେଳାଭୂମିରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି । ପାରାଦ୍ୱୀପ ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକମାନେ ସେମାନଙ୍କ ବ୍ୟସ୍ତବହୁଳ ଜୀବନରୁ କିଛି ଭଲ ସମୟ ଏଠାରେ ଅତିବାହିତ କରିବାକୁ ଆସୁଥିବା ବେଳେ ଏକ ସ୍ୱଚ୍ଛ ପରିବେଶ ସେମାନଙ୍କୁ ଅଧିକ ଆନନ୍ଦ ପ୍ରଦାନ କରିବ । ଏକ ସ୍ୱଚ୍ଛ ବେଳାଭୂମି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଅର୍ଥନୀତି ଉପରେ ମଧ୍ୟଏହାର ସକରାତ୍ମକ ପ୍ରଭାବ ପଡିବ ବୋଲି ଆଶା କରାଯାଉଛି ।

## ସୋଆ 'ପ୍ରାଚୀନ' ପକ୍ଷରୁ ପ୍ରକାଶିତ ଦୁଇଟି ପୁସ୍ତକ ଉତ୍ସର୍ଗୀକୃତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭାଷା, ସଂସ୍କୃତି ଓ ଐତିହ୍ୟ କେନ୍ଦ୍ର 'ପ୍ରାଚୀନ' ଆନୁକୂଲ୍ୟରେ ପ୍ରକାଶିତ ଦୁଇଟି ପୁସ୍ତକ 'ଯୁଗଭଙ୍କ ଦଶପୋଇ' ଓ 'ପ୍ରାଚୀନ ଓଡିଆ ଅଭିଲେଖ' ଓଡିଆ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି। ଏହି ଦୁଇଟି ପୁସ୍ତକକୁ ସୋମବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜ ରଞ୍ଜନ ନାୟକ ଉନ୍ମୋଚନ କରିଛନ୍ତି । ଏହି ସମୟରେ ପ୍ରାଚୀନର ମୁଖ୍ୟ ପ୍ରଫେସର (ଡକ୍ଟର) ଗାୟତ୍ରୀବାଳା ପଣ୍ଡା ଉପସ୍ଥିତ ଥିଲେ ।

ଏହି ପୁସ୍ତକ ପ୍ରଥମେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାଁରେ ୧୮୭୫ ମସିହାରେ ପ୍ରକାଶ ପାଇଥିବା ବେଳେ ପୁର୍ନବାର କୋଲକାତାରେ ୧୯୫୨ ମସିହାରେ ପ୍ରକାଶିତ ହୋଇଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ ପୁସ୍ତକଟି ଉପେନ୍ଦ୍ର ଭଞ୍ଜଙ୍କ ରଚନା ନୁହେଁ ବରଂ ବଉଦର ତତ୍କାଳୀନ ରାଜା ଯୁଗଭ ହେଉଛନ୍ତି ଏହାର ରଚୟିତା। ପ୍ରଥମ ପ୍ରକାଶନର ପ୍ରାୟ ଦେଢଶହ ବର୍ଷ ପରେ ଏହି ପୁସ୍ତକର ସ୍ରଷ୍ଟା ଯେ ଅନ୍ୟ ଜଣେ ବ୍ୟକ୍ତି ତାହା ଦୁଇଜଣ ଗବେଷକ ପ୍ରମାଣିତ କରିଛନ୍ତି । ପୁସ୍ତକଟି ଗୀତର ଭାବ ଅନୁଯାୟୀ ଚିତ୍ରିତ କରାଯାଇଛି ତେଣୁ ଆଖିରେ ଲାଖିଯିବା ଭଳି ଏହି ପୁସ୍ତକଟିକୁ ଚିତ୍ରପୋଥି କୁହାଯାଏ। ଦଶପୋଇକୁ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ଗୌରାଙ୍ଗ ଚରଣ ଦାଶ ସମ୍ପାଦନା କରିଛନ୍ତି । ଦ୍ୱିତୀୟ ପୁସ୍ତକ 'ପ୍ରାଚୀନ ଓଡିଆ ଅଭିଲେଖ'କୁ ସମ୍ପାଦନା କରିଛନ୍ତି ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ। ପୁସ୍ତକର ଆରମ୍ଭ ରେ ଏକ ଦୀର୍ଘ ମୁଖବନ୍ଧ ରହିଥିବା ବେଳେ ଶେଷରେ ଶିଳାଲେଖ ଓ ତାମ୍ରଲେଖ ଗୁଡିକର ଫଟୋ ମଧ୍ୟ ରହିଛି। ଏହି ମୁଖ ବନ୍ଧ ପ୍ରାଚୀନ ଓଡିଆ ଭାଷା ଓ ଇତିହାସର ପୁନର୍ମୂଲ୍ୟାୟନ କ୍ଷେତ୍ରରେ ଏକ ପ୍ରାମାଣିକ ଗ୍ରନ୍ଥ। ସୋଆର ଏହି ଦୁଇ ସଂଭ୍ରାନ୍ତ ପ୍ରକାଶନ ଓଡିଆ ସାହିତ୍ୟ ଓ ଭାଷାର ଇତିହାସ ରଚନାରେ ଦୁଇଟି ପ୍ରାମାଣିକ ଗ୍ରନ୍ଥ।



### ଅଦାଲତଙ୍କ ନିର୍ଦ୍ଦେଶ କୁ ବିଭାଗୀୟ ଅଧିକାରୀଙ୍କ ନାହିଁ ଖାତିର

## ଦୁଇଟି ପୃଥକ ମାମଲାରେ ହାଇକୋର୍ଟ କ୍ଷୁବ୍ଧ

କଟକ,(ସବ୍ୟୁ): ଅଦାଲତଙ୍କଠାରୁ ବାରମ୍ବାର ମହଲତ ନେଉଛନ୍ତି । କିନ୍ତୁ ଏହାସତ୍ତ୍ୱେ ଧାର୍ଯ୍ୟ ସମୟରେ ଜବାବ ଦାଖଲ କରୁନାହାନ୍ତି । ବିଭିନ୍ନ ବିଭାଗର ଏଭଳି ଆଭିମୁଖ୍ୟକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି । ଅନେକ ବିଭାଗ ଅଦାଲତଙ୍କ ଆଦେଶ ଅନୁସାରେ ଜବାବ ଦାଖଲ କରୁନଥିବାରୁ ଏହା ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରୁଛି ବୋଲି ଦୁଇଟି ପୃଥକ ମାମଲାର ଶୁଣାଣୀ ବେଳେ ହାଇକୋର୍ଟ ମତଦେବା ସହ ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ଆସନ୍ତା ୧୦ ତାରିଖରେ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜଳସମ୍ପଦ ବିଭାଗ ସଚିବଙ୍କୁ ଆଜି ତାଗିଦ୍ କରି ଦେଇଛନ୍ତି । ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଜବାବ ଦାଖଲ କରାନଯାଏ ତାହେଲେ ଜଳସମ୍ପଦ ବିଭାଗ ସଚିବ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ହାଇକୋର୍ଟ ଚେତାବନୀ ଦେଇଛନ୍ତି । ଏହି ଦୁଇଟି ଯାକ ସମାନ ଘଟଣାକୁ ନେଇ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ମାଲକାନାଗିରି ହସ୍ପିଟାଲରେ ଚାକିରି କରିଥିଲେ । ଛୁଟିରେ ରହିବା କାରଣରୁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା । ପରେ ତାଙ୍କୁ କାର୍ଯ୍ୟରେ ପୁନଃନିଯୁକ୍ତି ଦିଆଯାଇଥିଲା । କିନ୍ତୁ ପୁନଃନିଯୁକ୍ତି ଦିଆଯାଇଥିଲେ ମଧ୍ୟ ଆବେଦନକାରୀଙ୍କୁ ନିୟମିତ କରାଗଲା ନାହିଁ । ଏନେଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଦାଲତ ଏଥିରେ ସ୍ୱାସ୍ଥ୍ୟ ବିଭାଗକୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ ଜବାବ ଦାଖଲ କରିନପାରି ସୋମବାର ପୁନର୍ବାର ଅଦାଲତଙ୍କଠାରୁ ସମୟ ଲୋଡ଼ିଥିଲେ । ହାଇକୋର୍ଟ ଏଥିପାଇଁ ୬ଦିନ ସମୟ ଦେବାସହ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅନ୍ୟ ଏକ ମାମଲାରେ ଦୀପକ ରଞ୍ଜନ ସ୍ୱାଇଁ ଜଳସମ୍ପଦ ବିଭାଗରେ ଚାକିରି କରିଥିଲେ । ତାଙ୍କର ଏକ ସମସ୍ୟାକୁ ନେଇ ସେ ହାଇକୋର୍ଟକୁ ଆସିଥିଲେ । ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ଜବାବ ଦାଖଲ କରାଯାଇନଥିଲା । ପୂର୍ବ ଶୁଣାଣିରେ ଏହି ବିଭାଗ ଜବାବ ଦାଖଲ କରିନପାରି ଅଦାଲତଙ୍କ ଠାରୁ ସମୟ ଲୋଡ଼ିଥିଲେ । ଫଳରେ ହାଇକୋର୍ଟ ଆସନ୍ତା ୧୦ ତାରିଖକୁ ମାମଲାର ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି ।

### ଡମ୍ପିଂ ଶୁଳ୍କରୁ ଲାଭ ପାଇବେ ଡାଉନଷ୍ଟ୍ରିମ ଆଲୁମିନିୟମ କମ୍ପାନି

## ବଜେଟ ୨୦୨୫ରେ ଅନୁରୂପ ପଦକ୍ଷେପ ପାଇଁ ଉତ୍ପାଦକଙ୍କ ଦାବି

ଭୁବନେଶ୍ୱର, (ସବ୍ୟୁ): ଚୀନରୁ ସୋଲାର ପ୍ୟାନେଲ ଓ ମଡ୍ୟୁଲ ପାଇଁ ଆନାଡାଇଜଡ ଆଲୁମିନିୟମ ଫ୍ରେମ ଉପରେ ଆଂଟି ଡମ୍ପିଂ ଡ୍ୟୁଟି ଲାଗୁ କରିବା ଉପରେ ଭାରତ ସରକାରଙ୍କୁ ଆଲୁମିନିୟମ ଆସୋସିଏସନ ଅଫ ଇଣ୍ଡିଆ ସ୍ୱାଗତ କରିଛି। ଯେହେତୁ ଏହା ବ୍ୟାପକ ଘରୋଇ ବଜାର ପ୍ରବେଶ ସହ ସେମାନଙ୍କୁ ଆଲୁମିନିୟମ ଉଦ୍ୟୋଗ ଲାଗି ସହାୟତା ପ୍ରଦାନ କରିବ। ବଜେଟ ୨୦୨୫ର ରନଅପରେ ଆମଦାନିରୁ ଅଧିକ ଶକ୍ତିଶାଳୀ ବଜାର ପ୍ରବେଶକୁ ସୁଗମ କରିବାରେ ଆଲୁମିନିୟମ ଶିଳ୍ପ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହା ନୂଆ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବ ବୋଲି ଆଶା କରାଯାଏ। ଏହା ଦ୍ୱାରା ନିଯୁକ୍ତି ସୃଷ୍ଟି, ଏମଏସଏମଇ ଅଭିବୃଦ୍ଧି ଓ ସାମାଜିକ ଅର୍ଥନୈତିକ ବିକାଶରେ ସହାୟକ ହେବ। ଘରୋଇ ଆଲୁମିନିୟମ ଶିଳ୍ପ, ଆଲୁମିନିୟମ ଆମଦାନିରେ ବହୁଳ ଭାବରେ ପ୍ରାଥମିକ ଓ ଡାଉନଷ୍ଟ୍ରିମ ଉତ୍ପାଦକୁ ବଜାରରେ ବୈଦେଶିକ ସ୍କ୍ରାପ ଗଠନ କରୁଥିବା ବେଳେ ଏହି ପ୍ରସଙ୍ଗରେ ପ୍ରତିନିଧିତ୍ୱ ଦାଖଲ କରାଯାଇଛି। ପ୍ରାଥମିକ ଓ ଡାଉନଷ୍ଟ୍ରିମ ଉତ୍ପାଦ ଉପରେ ୭.୫%ରୁ ୧୦% ପର୍ଯ୍ୟନ୍ତ ଆମଦାନି ଶୁଳ୍କ ଆକାରରେ ଓ ଅଧିକ ଗୁଣାତ୍ମକ ସୁରକ୍ଷା ପାଇଁ ଆଲୁମିନିୟମ ସ୍କ୍ରାପ ଉପରେ ୭.୫% ସମାନ ଡ୍ୟୁଟି ଲାଗୁ କରିବାକୁ ସେମାନେ ଦାବି କରିଛନ୍ତି ।

# ଫୁଟବଲ୍ ମ୍ୟାଚ୍ ବେଳେ ସଂଘର୍ଷ, ୧୦୦ ମୃତ

**ଜେରେକୋ(ଗିନି):** ଚାଲିଥିଲା ଫଟବଲ୍ ମ୍ୟାଚ୍ । ଷ୍ଟାଡିୟମରେ ମ୍ୟାଚ୍ ଦେଖିବାକୁ ଖଚାଖଚ ଭିଡ଼ ମଧ୍ୟ ଜମିଥିଲା ।ତେବେ ଏତିକି ବେଳେ ଆରମ୍ଭ ହୋଇଥିଲା ହିଂସାକାଣ୍ଡ । ଗ୍ୟାଲେରୀରେ ବସିଥିବା ଦର୍ଶକ ପରସ୍ପର ପିଟାପିଟି ହୋଇଥିଲେ । ଫଳରେ ରକ୍ତାକ୍ତ ସଂଘର୍ଷ ଘଟାଇଥିଲେ । ଏଥିରେ ୧୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି । ପଶ୍ଚିମ ଆଫ୍ରିକୀୟ ଦେଶ ଗିନିରେ ଘଟିଛି ଏଭଳି କିଛି ଘଟଣା ।

ରବିବାର ଗିନି ଜେରିକୋରେ ଏକ ଫୁଟବଲ ମ୍ୟାଚ ଚାଲିଥିଲା । ମ୍ୟାଚ୍ ବେଳେ ରେଫରୀଙ୍କ ବିବାଦୀୟ ନିଷ୍ପତ୍ତି ଯୋଗୁଁ ଗ୍ୟାଲେରୀରେ ବସିଥିବା ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ।ଏହାପରେ ଉତ୍ତ୍ୟକ୍ତ ଲୋକ ଅଚାନକ ପଡିଆ ଭିତରକୁ ପଶି ଆସିଥିଲେ । ଚାହୁଁଚାହୁଁ ନିମିଶକ ମଧ୍ୟରେ ସ୍ଥିତି ଅଣାୟତ୍ତ ହୋଇ ପଡ଼ିଥିଲା । ଆରମ୍ଭ ହୋଇ ଯାଇଥିଲା ହିଂସାତ୍ମକ ସଂଘର୍ଷ । ପରସ୍ପର ସହ ପିଟାପଟି ହୋଇଥିଲେ ପ୍ରଶଂସକ । ଏଥିରେ ୧୦୦ରୁ ଅଧିକ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

ଏହି ପୂରା ଘଟଣାର ଭିଡିଓ ମଧ୍ୟ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ରାସ୍ତା ଉପରେ ବହୁ ମୃତଦେହ ପିଡିଥିବା ବେଳେ ଲୋକେ ପରସ୍ପରକୁ ମାଡ ମାରୁଥିବା ଭିଡିଓରେ ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ କ୍ରୋଧିତ ବିକ୍ଷୋଭକାରୀମାନେ ଭଙ୍ଗାରୁଜା କରି ଏନଜେରେକୋର ପୁଲିସ ଷ୍ଟେସନରେ ନିଆଁ ମଧ୍ୟ ଲଗାଇ ଦେଇଛନ୍ତି । ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ହସ୍ପିଟାଲରେ ଶହଶହ ମୃତଦେହ ପଡ଼ି ରହିଛ । ଶବଗୃହରେ ରଖିବାକୁ ସ୍ଥାନ ନାହିଁ ।ଜେରିକୋର ହସ୍ପିଟାଲରେ ମୃତଦେହ ରଖିବାକୁ ଜାଗା ଅଭାବ ପଡ଼ିଥିବା ନେଇ ଜଣେ ଡାକ୍ତର ସୂଚନା ଦେଇଛନ୍ତି । ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏହି ମ୍ୟାଚ୍ ଗିନିର ଜୁଣ୍ଟା ନେତା ମାମାଦି ଡୋମ୍ବୁୟାଙ୍କ ସମ୍ମାନାର୍ଥେ ଆୟୋଜିତ ଏକ ଟୁର୍ଣ୍ଣାମେଣ୍ଟର ଅଂଶ ଥିଲା ।



# ପୁଅକୁ ଦୋଷମୁକ୍ତ କଲେ ବାଇଡେନ

**ୱାଶିଂଟନ:** ୟୁ-ଟର୍ଣ୍ଣ ନେଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ । ଆମେରିକା ରାଷ୍ଟ୍ରପତି ଭାବେ ନିଜ କାର୍ଯ୍ୟକାଳ ଶେଷ ହେବାର ଠିକ୍ ପୂର୍ବରୁ ସେ ନେଇଛନ୍ତି ବଡ଼ ନିଷ୍ପତ୍ତିଛ ନିଜ ପୁଅ ହଣ୍ଟରକୁ କରିଛନ୍ତି ଦୋଷମୁକ୍ତ । ବିନା ସର୍ତ୍ତରେ ପୁଅର ସବୁ ଅପରାଧକୁ ସେ କ୍ଷମା କରିଦେଇଛନ୍ତି । ଏନେଇ ରବିବାର ଖୋଦ୍ ବାଇଡେନ୍ ଏନେଇ ସୂଚନା ଦେଇଛନ୍ତି ।

ଜୋ ବାଇଡେନ୍‌ଙ୍କ ପୁଅ ହଣ୍ଟର ଚଳିତ ବର୍ଷ ବେଆଇନ୍ ବନ୍ଧୁକ ଓ ଆୟକର ଛାଡ଼ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ହ୍ୱାଇଟ୍ ହାଉସ୍ ଅନେକ ଥର ଜୋର ଦେଇ କହିଥିଲା ଯେ, ବାଇଡେନ୍ ନିଜ ପୁଅର ଦଣ୍ଡକୁ କ୍ଷମା କରିବେ ନାହିଁ । ସେ ନିଜର ରାଷ୍ଟ୍ରପତି କ୍ଷମତାକୁ ପରିବାର ପାଇଁ ଉପଯୋଗ କରିବେ ନାହିଁ । କିନ୍ତୁ ଏବେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁ-ଟର୍ଣ୍ଣ ନେଇଛନ୍ତି । ସେ ନିଜ ପୁଅକୁ କ୍ଷମା କରି ଦେଇଛନ୍ତି । ହଣ୍ଟରର ସବୁ ଅପରାଧିକ ମାମଲାକୁ ରଫା-ଦଫା କରିଦେଇଛନ୍ତି ବାଇଡେନ୍ ।

ବାଇଡେନ୍ ଏନେଇ କହିଛନ୍ତି ଯେ, 'ମୁଁ ମୋ ପୁଅକୁ କ୍ଷମା କରିଛି । ଯେବେଠାରୁ ମୁଁ ଆମେରିକାର ରାଷ୍ଟ୍ରପତି ପଦ ଗ୍ରହଣ କରିଛି, ମୁଁ କହିଥିଲି ଯେ ନ୍ୟାୟ ବିଭାଗ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିରେ ମୁଁ ହସ୍ତକ୍ଷେପ କରିବି ନାହିଁ ଏବଂ ମୁଁ ଏହି ପ୍ରତିଶ୍ରୁତି ପାଳନ କରିଛି । କିନ୍ତୁ ମୋ ପୁଅକୁ ଅନ୍ୟାୟ କରାଯାଇ ଟାର୍ଗେଟ କରାଯାଉଛି । ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା ।

ପୁଅ ଅଣ୍ଟରକୁ ଭାଙ୍ଗିବା ପାଇଁ ଚେଷ୍ଟା କରି ସେମାନେ ମୋତେ ଭାଙ୍ଗିବାକୁ ଚେଷ୍ଟା କରିଥିଲେ । ଜାରିଶୁଣି ଟାର୍ଗେଟ କରାଯାଇଥିବା ବାଇଡେନ୍ ଅଭିଯୋଗ ଆଣିଛନ୍ତି । କାହିଁକି ଜଣେ ବାପା ଏବଂ ରାଷ୍ଟ୍ରପତି ଏହି ନିଷ୍ପତ୍ତି ନେଇଛନ୍ତି ତାହା ଆମେରିକୀୟମାନେ ବୁଝିବେ ବୋଲି କହିଛନ୍ତି ବାଇଡେନ୍ ।

ହଣ୍ଟର୍‌ଙ୍କୁ ଜୋ ବାଇଡେନ୍ ଦୋଷ ମୁକ୍ତ କରିବା ପାଇଁ ଏବେ ଆଉ ତାଙ୍କ ଅପରାଧ ତାଙ୍କୁ ପାଇଁ ଦଣ୍ଡିତ କରାଯିବ ନାହିଁ । ତାଙ୍କୁ କାରାଗାରକୁ ପଠାଯିବାର ସମ୍ଭାବନାକୁ ଦୂର କରିବା ସହ ମାମଲାର ତଦାରଖ କରୁଥିବା ବିଚାରପତି ବର୍ତ୍ତମାନ ଦଣ୍ଡ ଶୁଣାଣି ବି ରଦ୍ଦ କରିବେ । କହିରଖୁ ଯେ, ଆମେରିକାର ରାଷ୍ଟ୍ରପତି ଭାବରେ ଜୋ ବାଇଡେନ୍‌ଙ୍କ କାର୍ଯ୍ୟକାଳ ୨୦ ଜାନୁୟାରୀ ୨୦୨୫ରେ ଶେଷ ହେବ । ଏହା ପରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ନୂତନ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବେ ।

# ସାବରମତି ରିପୋର୍ଟ ଦେଖିଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ/(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଏନ୍‌ଡିଏ ସଦସ୍ୟମାନଙ୍କ ସହ ସଂସଦରେ ସାବରମତି ରିପୋର୍ଟ ଚଳଚ୍ଚିତ୍ର ଦେଖିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, ଦ ସାବରମତି ରିପୋର୍ଟର ସ୍କ୍ରିନିଂରେ ଯୋଗଦେଲି ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ସେମାନଙ୍କ ପ୍ରଚେଷ୍ଟା ପାଇଁ ପ୍ରଶଂସା କରୁଛି ।

# ଟିଏମ୍‌ସିର ବର୍ଜନ: ଇଣ୍ଡି ମେଣ୍ଟରେ ଫାଟ

**କୋଲକାତା:** ସାଂସଦର ଶୀତକାଳିନ ଅଧିବେଶ ଚାଲିଛି । ଗୃହରେ ଗତ ଦୁଇ ଦିନ ହେଲା ବିରେଧୀ ଆଦାନୀ ପ୍ରସଙ୍ଗକୁ ନେଇ ଜୋରଦାର ହଙ୍ଗମା କରୁଛନ୍ତି । ଏହାରି ଭିତରେ ଆଦାନୀ ପ୍ରସଙ୍ଗକୁ ନେଇ 'ଇଣ୍ଡି' ମେଣ୍ଟରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏହି ପ୍ରସଙ୍ଗରୁ ଟିଏମସି ନିଜକୁ ଦୂରେଇ ରଖିଛି । ଅଦାନୀ ପ୍ରସଙ୍ଗରେ କଂଗ୍ରେସକୁ ସମର୍ଥନ କରୁନାହିଁ ତୃଣମୂଳ କଂଗ୍ରେସ । ଏନେଇ ଏକ ସ୍ପଷ୍ଟ ବାର୍ତ୍ତା ଦେଇ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖାଡଗେଙ୍କ ଚାମ୍ବରରେ ଇଣ୍ଡିଆ ବ୍ଲକ ନେତାଙ୍କ ବସିଥିବା ବୈଠକକୁ ବୟକଟ୍ କରିଛି ଟିଏମସି । ଆଦାନୀ ମାମଲାରେ ସଂସଦକୁ ବାଧା ଦେବାରେ ମୁଖ୍ୟ ବିରୋଧୀ ଦଳ ସହିତ ସେ ସହମତି ନାହିଁ । ଆମେ ଇଣ୍ଡିଆ ମେଣ୍ଟର ଅଂଶ କିନ୍ତୁ ଆଦାନୀ ପ୍ରସଙ୍ଗରେ ଆମର ମତ ଭିନ୍ନ ରହିଥିବା ଟିଏମସି କହିଛି । ମିଳିଥିବା ସୂତ୍ରର ସୂଚନା ଅନୁସାରେ ଟିଏମ୍ସି କହିଛି ଯେ, ସଂସଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେପରିକି ଦରଦାମ୍ ବୃଦ୍ଧି, ବେକାରୀ, ଏବଂ ମଣିପୁର ଅଶାନ୍ତି ଉଠାଯାଇପାରେ । କିନ୍ତୁ କଂଗ୍ରେସ କେବଳ ଆଦାନୀ ପ୍ରସଙ୍ଗ ଉଠାଇବାକୁ ଚାପ ପକାଇବାକୁ ଚାହୁଁଛି । ତେଣୁ ଟିଏମସି ଆଜି ଇଣ୍ଡିଆ ବ୍ଲକୀ ନେତାଙ୍କ ବୈଠକରେ ଯୋଗ ଦେଇନାହିଁ ।'ଆଦାନୀ ଗ୍ରୀନ୍ ନିର୍ଦ୍ଦେଶକଙ୍କ ବିରୋଧରେ ଆମେରିକାର ଜଷ୍ଟିସ୍ ବିଭାଗର ଅଭିଯୋଗ ଉପରେ ଆଲୋଚନା ପାଇଁ ଗୃହର ସମସ୍ତ କାର୍ଯ୍ୟ ସ୍ଥଗିତ ରଖିବାକୁ କଂଗ୍ରେସ ଦାବି କରିଛି । ସୋମବାର ସକାଳେ ମଧ୍ୟ କଂଗ୍ରେସ ସାଂସଦ ମଣିକମ ଟାଗୋର ଆଦାନୀ ପ୍ରସଙ୍ଗରେ ଆଲୋଚନା ପାଇଁ ଲୋକସଭାରେ ସ୍ଥଗିତାଦେଶ ପ୍ରସ୍ତାବ ଦେଇଥିଲେ । ତେବେ ଅନେକ ଦଳର ସାଂସଦମାନେ ସାଇକ୍ଲୋନ ଫାଙ୍ଗଲ ଦ୍ୱାରା ହୋଇଥିବା କ୍ଷୟକ୍ଷତି, ଉତ୍ତରପ୍ରଦେଶର ସମ୍ଭାଲରେ ହୋଇଥିବା ମସଜିଦ ସର୍ଭେ ଉପରେ ହିଂସା, ବାଂଲାଦେଶର ସାଧୁଙ୍କୁ ଟାର୍ଗେଟ କରିବା ଏବଂ ପଞ୍ଜାବରେ ଧାନ କିଣିବାରେ ବିଳମ୍ବ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉପରେ ଆଲୋଚନା ପାଇଁ ଦାବି କରୁଛନ୍ତି ।

## ଫେଙ୍ଗଲ ପରବର୍ତ୍ତୀ ବିପ୍ରାତ

# ରାସ୍ତାରେ ଭାସୁଛି ଯାନବାହାନ



**ଚେନ୍ନାଇ:** ବାତ୍ୟା 'ଫେଙ୍ଗଲ୍' ଭୟଙ୍କର ବନ୍ୟାର ରୂପ ନେଲାଣି । ତାମିଲନାଡୁର କ୍ରିଷ୍ଣାଗିରି ଜିଲ୍ଲା ଗତ ଦୁଇଦିନରେ ସବୁଠାରୁ ବେଶୀ ପ୍ରଭାବିତ ହୋଇଛି । ଜିଲ୍ଲାର ତଳିଆ ଅଞ୍ଚଳରେ ଥିବା ଏକ ରାସ୍ତାରେ କାର, ବସ ଗୁଡ଼ିକ କାଗଜ ଡଙ୍ଗା ଭଳି ପାଣିରେ ଭାସି ଯାଉଥିବା ଦେଖିବାକୁ ମିଳିଛି । ତାମିଲନାଡୁ କ୍ରିଷ୍ଣାଗିରି ଜିଲ୍ଲାର ଉଥାଂଗରାଇ ବସ୍ ଷ୍ଟାଣ୍ଡର ଏକ ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେଉଛ । ଅନେକ ବସ୍ ବନ୍ୟାଜଳରେ ବୁଡ଼ି ରହିଛି । କେତେକ ବସ୍, କାର୍ ଓ ଅନ୍ୟ ଗାଡ଼ି ଗୁଡ଼ିକ କାଗଜ ଡଙ୍ଗା ପରି ବନ୍ୟାଜଳରେ ଧିରେ ଧିରେ ଭାସି ଯାଉଥିବା ମଧ୍ୟ ଭିଡିଓରେ ଦେଖିବାକୁ ମିଳୁଛି । ସ୍ଥାନୀୟ ଅଧିକାରୀଙ୍କ କହିବା ମୁତାବକ କ୍ରିଷ୍ଣାଗିରି ଜିଲ୍ଲାରେ ଗତ ୧୪ ଘଣ୍ଟାରୁ ଅଧିକ ସମୟ ହେବ ଲଗାଣ ବର୍ଷା ଜାରି ରହିଛି । ତେବେ ଉଥାଂଗରାଇ ଅଞ୍ଚଳରେ ଗତରାତିରୁ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । ସେପଟେ ଭାରତୀୟ ପାଣିପାଗ ବିଭାଗ ଆଜି ମଧ୍ୟ ତାମିଲନାଡୁର କ୍ରିଷ୍ଣାଗିରି ସମେତ ବିଭିନ୍ନ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି କରିଛି । ଏହା ସହିତ ପଡ଼ୋଶୀ କର୍ଣ୍ଣାଟକର ବିଭିନ୍ନ ଜିଲ୍ଲାକୁ ମଧ୍ୟ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଇଏମଡି । ପରିସ୍ଥିତିକୁ ଦୃଷ୍ଟିରେ ରଖି ତାମିଲନାଡୁ ସରକାର ରାଜ୍ୟରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଏବଂ କଲେଜକୁ ବନ୍ଦ ରଖାଯାଇଛି ।

# ଆଇପିଏସ୍ ଚାକିରିର ପ୍ରଥମ ଦିନ: ଦୁର୍ଘଟଣାରେ ଚାଲିଗଲା ଜୀବନ

**ବେଙ୍ଗାଲୁରୁ:** କର୍ଣ୍ଣାଟକରେ ଏକ ଦୁଃଖଦ ଘଟଣା ଘଟିଛି । ରାଜ୍ୟ କ୍ୟାଡରର ଜଣେ ଅଧିକାରୀଙ୍କ ମୃତ୍ୟୁ ହୋଇଛି, ତାହା ପୁଣି ଚାକିରିର ପ୍ରଥମ ଦିନରେ । ଆଜି ତାଙ୍କର କାର୍ଯ୍ୟରେ ଯୋଗଦାନ ଥିବାବେଳେ ସଡ଼କ ଦୁର୍ଘଟଣାରେ ଜୀବନ ଚାଲିଯାଇଛି । ମୃତକ ଜଣକ ହେଉଛନ୍ତି ଯୁବ ଅଫିସର ହର୍ଷ ବର୍ଦ୍ଧନ (୨୬) । ସେ କର୍ଣ୍ଣାଟକ କ୍ୟାଡରର ୨୦୨୩ ବ୍ୟାଚ୍ ଅଫିସର ଥିଲେ, ତାଙ୍କ ଘର ମଧ୍ୟ ପ୍ରଦେଶରେ । ମୈସୁରରେ ଚାରି ସପ୍ତାହର ଟ୍ରେନିଂ ସରିବା ପରେ ଆଜି ତାଙ୍କର ପ୍ରଥମ ପୋଷ୍ଟିଂ ଥିଲା । କାର୍ଯ୍ୟରେ ଯୋଗଦାନର ପ୍ରଥମ ଦିନରେ ତାଙ୍କର ଏପରି ଅକାଳ ବିୟୋଗ ସମସ୍ତଙ୍କୁ ବ୍ୟଥିତ କରିଛି । ସୂଚନା ଅନୁସାରେ, ସେ କାର୍ଯ୍ୟରେ ଯୋଗଦେବା ପାଇଁ ପୁଲିସ ଗାଡ଼ିରେ ଯାଉଥିଲେ । ଏହି ସମୟରେ ଗାଡ଼ିର ଟାୟାର ଫାଟିଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ଏକ ଗଛରେ ପିଟି ହୋଇଥିଲେ । ଏଥିରେ ବର୍ଦ୍ଧନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଅନ୍ୟପଟେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି । ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ବର୍ଦ୍ଧନଙ୍କ ପରିବାରକୁ ସମବେଦନା ଜଣାଇବା ସହ ବର୍ଷ ବର୍ଷ ଧରି ପରିଶ୍ରମ କରିବା ପରେ ଏପରି ଘଟିବା ଉଚିତ୍ ନଥିଲା ବୋଲି ସେ କହିଛନ୍ତି ।

# ନିର୍ମଳା ସୀତାରମଣ: ବିଜୟ ରୂପାନୀ ପର୍ଯ୍ୟବେକ୍ଷକ

**ନୂଆଦିଲ୍ଲୀ:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କୁ ମହାରାଷ୍ଟ୍ର ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ମହାରାଷ୍ଟ୍ରରେ ଦଳର ବିଧାୟକ ଦଳ ନେତା ଚୟନ ପାଇଁ ଏହି ଦୁଇ ନେତାଙ୍କୁ ନିଯୁକ୍ତ କରାଯାଇଛି । ଡିସେମ୍ବର ୪ତାରିଖରେ ମହାରାଷ୍ଟ୍ରରେ ବିଜେପି ବିଧାୟକ ଦଳ ବୈଠକ ବସିବ । ବିଧାୟକ ଦଳ ବୈଠକରେ ନେତା ଚୟନ କରାଯିବ ଏବଂ ଏହା ପରେ ସରକାର ଗଠନ ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ବିଜୟ ରୁପାନି ଏବେ ପଂଜାବରେ ବିଜେପିର ପ୍ରଭାରୀ ଅଛନ୍ତି ।

# ଜୀବନ ହାରିଲେ ବିଜେପି ନେତ୍ରୀ

**ସୁରଟ:** ଗୁଜରାଟର ସୁରଟରେ ଜଣେ ୩୪ ବର୍ଷୀୟ ବିଜେପି ନେତ୍ରୀ ଆତ୍ମହତ୍ୟା କରିଛନ୍ତି । ଜୀବନ ହାରିଥିବା ଦୀପିକା ପଟେଲ ସୁରଟର ୱାର୍ଡର ନମ୍ବର ୩୦ରେ ବିଜେପି ମହିଳା ମୋର୍ଚ୍ଚା ପାଇଁ କାମ କରୁଥିଲେ । ହେଲେ ହଠାତ୍ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି । ଦୀପିକାଙ୍କ ସ୍ୱାମୀ ଜଣେ ଚାଷୀ । ତାଙ୍କର ୩ ଜଣ ଛୋଟ ପିଲା ମଧ୍ୟ ରହିଛନ୍ତି । ପୁଲିସ୍ ଏନେଇ ଏକ ମାମଲା ରୁଜୁ କରିଛି ଓ କେଉଁ ପରିସ୍ଥିତିରେ ଦୀପିକା ଜୀବନ ହାରିଲେ, ତା'ର ଯାଞ୍ଚ ଆରମ୍ଭ କରିଛି ।

ବରିଷ୍ଠ ପୁଲିସ୍ ଅଧିକାରୀ ବିଜୟ ସିଂହ ଗୁରଜର କହିଛନ୍ତି, ଦୀପିକା ରବିବାର ତାଙ୍କ ଘରେ ଆତ୍ମହତ୍ୟା କରିଥିଲେ । ସ୍ଥାନୀୟ କର୍ପୋରେଟର ଚିରାଗ ସୋଲାଙ୍କୀ ଓ ଦୀପିକାଙ୍କ ପରିବାର ଲୋକ ତାଙ୍କୁ ହସ୍ପିଟାଲ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୀପିକାଙ୍କ ଶବକୁ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କ କହିବା କଥା ଯେ ବେକରେ ରଶି ଲଗାଇ ସେ ଜୀବନ ହାରିଛନ୍ତି । ଫରେନ୍ସି ଟିମ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବା ବେଳେ ଏଯାଏ କୌଣସି ପ୍ରକାରର ସୁଇସାଇଟ ନୋଟ ମିଳିନି । ପୁଲିସ୍ ଦୀପିକାଙ୍କ ଫୋନକୁ ଫରେନ୍ସିକ ଟେଷ୍ଟିଂ ପାଇଁ ପଠାଇଥିଲୁ । ତାଙ୍କ କଲ ରେକର୍ଡକୁ ମଧ୍ୟ ଯାଞ୍ଚ କରାଯାଉଛି । ମୃତ୍ୟୁ ପୂର୍ବରୁ ଦୀପିକା କର୍ପୋରେଟର ଚିରାଗଙ୍କୁ ଫୋନ କରିଥିଲେ । ସେ ଅତ୍ୟନ୍ତ ଚାପରେ ରହିଛନ୍ତି ଓ ବଞ୍ଚିବାକୁ ଆଉ ଇଚ୍ଛା ନଥିବା ତାଙ୍କୁ କହିଥିଲେ । ଏକଥା ଶୁଣି ଚିରାଗ ତୁରନ୍ତ ଦୀପିକାଙ୍କ ଘରେ ପଞ୍ଚିଥିଲେ । ସେତେବେଳକୁ ଦୀପିକାଙ୍କ ରୁମ ବନ୍ଦ ରହିଥିଲା । ଘରର ଆଉ ଗୋଟିଏ ରୁମରେ ତାଙ୍କ ପିଲାମାନେ ରହିଥିଲେ ।

ଚିରାଗ ବନ୍ଦ ରହିଥିବା ରୁମର କବାଟକୁ ଭାଙ୍ଗି ଭିତରେ ପଶିଥିଲେ । ଏହି ସମୟରେ ଦୀପିକା ଝୁଲନ୍ତା ଅବସ୍ଥାରେ ରହିଥିବା ସେ ଦେଖିବାକୁ ପାଇଥିଲେ । ଚିରାଗ ଜଣେ ଡାକ୍ତରଙ୍କୁ ଡାକିଥିଲେ । ହେଲେ ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଦୀପିକାଙ୍କୁ ହସ୍ପିଟାଲ ନେବାକୁ ଡାକ୍ତର ଜଣଙ୍କ ପରାମର୍ଶ ଦେଇଥିଲେ । ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ୍ ଦୀପିକାଙ୍କ ସ୍ୱାମୀ, ପିଲା ଓ ପରିବାର ଲୋକଙ୍କ ସହ କଥା ହୋଇଛି । ହେଲେ ସେମାନେ କାହା ଉପରେ ବି ସନ୍ଦେହ ପ୍ରକାଶ କରିନାହାନ୍ତି । ପୁଲିସ୍ କିନ୍ତୁ ଘଟଣାକୁ ସବୁ ଦିଗରୁ ତଦନ୍ତ ଆରମ୍ଭ କରିଛି ।

# ମହାରାଷ୍ଟ୍ର ରାଜନୀତି: ଘଡିକେ ଘୋଡା ଛୁଟୁଛି

**ମହାରାଷ୍ଟ୍ର:** ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟରେ ସରକାର ଗଠନ ପାଇଁ ଏପର୍ଯ୍ୟନ୍ତ ଅଙ୍କ ଛିଡୁନି । ଯଦିଓ ବିଜେପି ମେଣ୍ଟରେ ଥିବା ଏନସିପି ମୁଖିଆ ଅଜିତ ପାୱାର ବିଜେପିକୁ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ସମର୍ଥନ କରିଛନ୍ତି, ହେଲେ ବିଜେପିର ମୁଣ୍ଡ ବିନ୍ଧାର କାରଣ ପାଲଟିଛି ଶିବସେନା । କାମଚଳା ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ଏକନାଥ ସିନ୍ଦେ ଆଜି ପୁଣି ଅସୁସ୍ଥ ଥିବା ଦର୍ଶାଇ ମହାୟୁତି ବୈଠକକୁ ଆସିନାହାନ୍ତି । ଅନ୍ୟପଟେ ବିଜେପିର ଶୀର୍ଷ ନେତାଙ୍କୁ ଭେଟିବାକୁ ଦିଲ୍ଲୀ ଗସ୍ତ କରିଛନ୍ତି ଅଜିତ ପାୱାର । ସୂଚନା ଅନୁସାରେ ଆଜି ବିଜେପି, ଶିବସେନା ଓ ଏନସିପି ମେଣ୍ଟ 'ମହାୟୁତି'ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାର ଥିଲା । ଏହି ବୈଠକରେ ତିନି ଦଳ ମଧ୍ୟରେ ମନ୍ତ୍ରିମଣ୍ଡଳ ଭାଗବଣ୍ଟା ହୋଇଥାଆନ୍ତା । ହେଲେ ସିନ୍ଦେ ଅସୁସ୍ଥ ଥିବା ଦର୍ଶାଇ ନଆସିବାରୁ ଏହି ବୈଠକ ରଦ୍ଦ ହୋଇଯାଇଛି । ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ଏକ ବୈଠକ ଅନୁଷ୍ଠିତ ହେବାର ଥିଲା । ଏହି ବୈଠକ ପୂର୍ବରୁ ସିନ୍ଦେ ନିଜ ଗାଁକୁ ଚାଲିଯାଇଥିଲେ । ଯାହା ରାଜନୀତିକୁ ସରଗରମ କରିଥିଲା । ଏବେ ଯଦିଓ ପ୍ରଧାନମନ୍ତ୍ରୀ ଯାହାକୁ ମୁଖ୍ୟମନ୍ତ୍ରୀ ଭାବେ ବାଛିବେ, ସେ ତାକୁ ସମର୍ଥନ କରିବେ ବୋଲି




ଗଣମାଧ୍ୟମରେ କହିଥିଲେ, ହେଲେ ପୁଣି ସେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକକୁ ନଆସିବା ଶାସକ ମେଣ୍ଟକୁ ଝଟକା ଦେଇଛି । ଏହି ବୈଠକକୁ ପୁଣି ମଙ୍ଗଳବାରକୁ ଘୁଞ୍ଚାଇ ଦିଆଯାଇଛି ।

ଅନ୍ୟପଟେ ଶିବସେନା ପକ୍ଷରୁ ଏ ସମ୍ପର୍କରେ କୁହାଯାଇଛି ଯେ ଆଜି ମହାୟୁତିର କୌଣସି ବୈଠକ ନଥିଲା । ବିଜେପି ଏହି ବୈଠକ କେବେ ଆୟୋଜନ କରିବ ବୋଲି ଦଳ ଅପେକ୍ଷା କରିଥିବା ଶିବସେନା ପକ୍ଷରୁ କୁହାଯାଇଛି । ସେପଟେ ମେଣ୍ଟର ଅନ୍ୟତମ ସହଯୋଗୀ ଏନସିପି ମୁଖ୍ୟ ଅଜିତ ପାୱାର ଦିଲ୍ଲୀ ଗସ୍ତ କରିଥିବା ଜଣାପଡ଼ିଛି । ସେ ମହାରାଷ୍ଟ୍ରରେ ସରକାର ଗଠନ ଓ ମନ୍ତ୍ରିମଣ୍ଡଳ ଭାଗବଣ୍ଟା ନେଇ ବିଜେପିର ଶୀର୍ଷନେତାଙ୍କ ସହ ଦିଲ୍ଲୀରେ ଆଲୋଚନା କରିବେ ବୋଲି କୁହାଯାଉଛି ।

# କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ଉଦ୍‌ଘାଟିତ



ଭୁବନେଶ୍ୱର,୨।୧୨ (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଚେସ୍ ସଂଘ ଓ କିଟ୍‌ର ମିଳିତ ସହଭାଗିତାରେ ସ୍ଥାନୀୟ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାସନାଲ ଚେସ୍ ହଲରେ ୧୫ତମ କିଟ୍ ଇଣ୍ଟରନ୍ୟାସନାଲ ଚେସ୍ ଫେଷ୍ଟିଭାଲ ଉଦ୍‌ଘାଟିତ ହୋଇଛି । ଏଥର ପ୍ରତିଯୋଗିତାରେ ମୋଟ୍ ୬୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ପ୍ରତିଯୋଗିତାର ପ୍ରାୟ ସମସ୍ତ ବର୍ଗରେ ୪୩୬ଟି ପୁରସ୍କାର ଦିଆଯିବ । ଏଥିରେ ୩୦ ଦେଶର ୧୨ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଏମାନଙ୍କ ମଧ୍ୟରେ ୭୦ ଜଣ ଅନ୍ତର୍ଜାତୀୟ ଟାଇଟଲ ଧାରୀ ଅଛନ୍ତି । ପ୍ରତିଯୋଗିତାରେ ସବୁଠୁ ସାନ ୭ ବର୍ଷ ଏବଂ ସବୁଠୁ ବୟସ୍କ ୯୧ ବର୍ଷର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଏଆଇସିଏଫ୍ ଉପସଭାପତି ଗ୍ରାଣ୍ଡ ମାଷ୍ଟର ଦିବ୍ୟେନ୍ଦୁ ବରୁଆ, କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ପ୍ରଫେସର ବଳଜିତ ସିଂ ଶେଖର, ଓଡ଼ିଶା ଚେସ୍ ସଂଘ ସଭାପତି ଜିସି ମହାପାତ୍ର, ଆଇଏମ୍ ଶେଖର ସାହୁ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ରଞ୍ଜନ ମହାନ୍ତି, ପ୍ରଫେସର ଶରଣଜିତ ସିଂ (ଉପକୁଳପତି), ପ୍ରଫେସର ଜିଆର୍ ମହାନ୍ତି (ରେଜିଷ୍ଟ୍ରାର), କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ଡିସେମ୍ବର ୯ରେ ଶେଷ ହେବ । ୩ଟି ବର୍ଗ ଏ,ବି ଏବଂ ସି ରେ ପ୍ରତିଯୋଗିତା ହୋଇଛି । କାଟାଗୋରୀ ଏ ଓପନ ଖେଳାଳିଙ୍କ ପାଇଁ ଉର୍ଦ୍ଦିଷ୍ଟ ଏଥିରେ ମୋଟ୍ ୩୦ ଲକ୍ଷ ପୁରସ୍କାର ପ୍ରଦାନ କରାଯିବ । କାଟାଗୋରି ବିରେ ୧୯୦୦ ରେଟିଂରୁ କମ୍ ଖେଳାଳି ଭାଗ ନେଇଛନ୍ତି । ଏଥିରେ ମୋଟ୍ ୧୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ । ସେହିଭଳି ସି ବର୍ଗ ସି ବର୍ଗରେ ୧୭ ରେଟିଂରୁ କମ୍ ଚେସ୍ ଖେଳାଳି ଭାଗ ନେଇଛନ୍ତି । ଏଥିରେ ମଧ୍ୟ ୧୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ଏହି ଅବସରରେ ଶ୍ରୀ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ ।

# ଜାପାନ ବିପକ୍ଷରେ ଭାରତର ବିଜୟ

**ଅଣ୍ଡର ୧୯ ଏସିଆ କପ**



ୟୁଏଇ,୨।୧୨ (ଏଜେନ୍ସି): ୟୁଏଇରେ ଚାଲିଥିବା ଅଣ୍ଡର ୧୯ ଏସିଆ କପରେ ପ୍ରଥମ ବିଜୟ ହାସଲ କରିଛି ଭାରତୀୟ । ପ୍ରଥମ ମ୍ୟାଚରେ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଠାରୁ ହାରିଥିବା ଭାରତୀୟ ଟିମ ଆଜି ଅପେକ୍ଷାକୃତ ଦୁର୍ବଳ ଜାପାନକୁ ଏକତରଫା ଭାବେ ହରାଇ ଦେଇଛି ।

୩୪୦ ରନର ବିଶାଳ ଟାର୍ଗେଟକୁ ପିଛା କରୁଥିବା ଜାପାନ ୫୦ ଓଭରରେ ୮ ୱିକେଟ ହରାଇ କେବଳ ୧୨୮ ରନ କରିପାରିଛି । ଭାରତ ଏହି ମ୍ୟାଚକୁ ୨୧୧ ରନରେ ଜିତି ପଏଣ୍ଟ ଟେବୁଲରେ ଖାତା ଖୋଲି ପାରିଛି । ତଥାପି ନିଜ ଗ୍ରୁପରେ ଦଳ ତୃତୀୟ ସ୍ଥାନରେ ରହିଛି । ୨ଟି ମ୍ୟାଚରୁ ଦୁଇଟି ବିଜୟ ସହ ପାକିସ୍ତାନ ୧ ନଂରେ ଥିବା ବେଳେ ୟୁଏଇ ଦ୍ୱିତୀୟ ସ୍ଥାନରେ ଓ ଭାରତ ତୃତୀୟ ସ୍ଥାନରେ ରହିଛି । ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚରେ ଭାରତ ମୁକାବିଲା ୟୁଏଇ ସହ ହେବ । ଏହି ମ୍ୟାଚର ବିଜେତା ସେମିଫାଇନାଲକୁ ଯିବ । ଜାପାନ ବିପକ୍ଷ ମ୍ୟାଚରେ ଟସ୍ ଜିତି ପ୍ରଥମ ବ୍ୟାଟିଂ କରୁଥିବା ଭାରତୀୟ ଟିମ ଅଧିନାୟକ ମହମ୍ମଦ ଅମନଙ୍କ ଅପରାଜିତ ୧୨୨ ରନ, ଆୟୁଷ ମହାତ୍ରେଙ୍କ ୫୪ ଓ କେପି କାର୍ତ୍ତିକେୟଙ୍କ ୫୭ ରନ ବଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୩୯ ରନ କରିଥିଲା । ଆଇପିଏଲରେ ସର୍ବକନିଷ୍ଠ ଖେଳାଳି ଭାବେ ୧.୧୦ କୋଟି ଟଙ୍କାରେ କିଣା ହୋଇଥିବା ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆଜି ପୁଣି ସମସ୍ତଙ୍କୁ ନିରାଶ କରିଛନ୍ତି । ସେ ପାକିସ୍ତାନ ବିପକ୍ଷରେ ୧ ରନ କରିଥିବା ବେଳେ ଆଜି ୨୩ ରନ କରି ଆଉଟ ହୋଇଛନ୍ତି । ତଥାପି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୩୩୯ ରନ କରିନେଇଥିଲା । ୩୪୦ ରନର ପିଛା କରୁଥିବା ଦୁର୍ବଳ ଜାପାନ ୫୦ ରନରେ ପ୍ରଥମ ୱିକେଟ ହରାଇଥିଲା । ନିହାର ପାରମର ୧୪ ରନ ଆଉଟ ହୋଇଥିଲେ । ଜାପାନର ଅଧିନାୟକ କୋଜି ଆବେ ଖାତା ଖୋଲି ପାରି ନଥିବା ବେଳେ କାଜୁମା କାଟୋ ଷ୍ଟାଫୋର୍ଡ କେବଳ ୮ ରନ କରିଥିଲେ । ଓପନର ହ୍ୟୁଗୋ କେଲୀ ୫୦ ରନ କରିଥିଲେ ହେଁ ହାର୍ଦ୍ଦିକ ରାଜଙ୍କ ବଲରେ ଷ୍ଟମ୍ପିଂ ହୋଇଯାଇଥିଲେ ।

ଚାର୍ଲସ ହିଞ୍ଚେ ଶେଷ ଯାଏ ଅପରାଜିତ ରହି ୩୫ ରନର ଇନିଂସ ଖେଳିଥିଲା ବେଳେ ତାଙ୍କୁ ଅନ୍ୟମାନେ କେହି ବି ସାଥ ଦେଇ ନଥିଲେ । ଟି ମୋରେ ୧, ଆଦିତ୍ୟ ଫାଡେକ ୯, କେ ଲେକ ୧ ଓ ମାକ୍ସ ଲିନ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲେ ।

ଜାପାନ ସେତେଟା ଆଖି ଦୃଶିଆ ବ୍ୟାଟିଂ କରି ନଥିଲେ ହେଁ ଭାରତୀୟ ବୋଲରମାନେ ଅଲଆଉଟ କରିବାକୁ ସକ୍ଷମ ହୋଇ ନଥିଲେ । ଜାପାନ ପୂରା ୫୦ ଓଭର ବ୍ୟାଟିଂ କରିବା ସହ ୮ ୱିକେଟ ହରାଇ ୧୨୮ ରନ କରିଛି ।ଭାରତ ପକ୍ଷରୁ ଚେତନ ଶର୍ମା, ହାର୍ଦ୍ଦିକ ରାଜ ଓ କେପି କାର୍ତ୍ତିକେୟ ୨ଟି ଲେଖାଏଁ ୱିକେଟ ନେଇଥିଲା ବେଳେ ଯୁଦ୍ଧଜିତ ଗୁହା ଗୋଟିଏ ସଫଳତା ପାଇଛନ୍ତି । ଗୋଟିଏ ୱିକେଟ ରନ ଆଉଟରୁ ମିଳିଛି ।

# ଜିତେନ୍ଦ୍ର ମହାନ୍ତି ସ୍ମାରକୀ କ୍ରିକେଟ୍: ପାତ୍ରପଡ଼ା ଚାମ୍ପିଅନ୍





ଭୁବନେଶ୍ୱର,୨।୧୨ (ସବ୍ୟୁ): ପାତ୍ରପଡ଼ାର ମହାରାଜାର କ୍ରିକେଟ୍ ଆସୋସିଏସନ୍ ଗ୍ରାଉଣ୍ଡରେ ୩ୟ ଜିତେନ୍ଦ୍ର ମହାନ୍ତି ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଆୟୋଜକ ପାତ୍ରପଡ଼ା ଦଳ ଚାମ୍ପିଅନ୍ ହୋଇଛି । ଗତ ନଭେମ୍ବର ୨୪ରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ରବିବାର ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ପାତ୍ରପଡ଼ା ଏକାଦଶ ଓ ଜାଗମରା ମଧ୍ୟରେ ଖେଳାଯାଇଥିଲା । ୧୫ ଓଭର ବିଶିଷ୍ଟ ଟାଇଟଲ ଲଢ଼େଇରେ ପ୍ରଥମେ ବ୍ୟାଟିଂ କରି ଜାଗମରା ୧୪ ଓଭରରେ ୮୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଏହାର ଜବାବରେ ପାତ୍ରପଡ଼ା ଏକାଦଶ ୧୧ ଓଭରରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା । ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅମରଜିତ ପାଢଶାଣୀଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ, ପିବିସିଏ ଏକାଦଶର ଶୁଭମ ମହାନ୍ତିଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍, ଜାଗମରାର ଜ୍ଞାନରଞ୍ଜନଙ୍କୁ ଶ୍ରେଷ୍ଠ ବୋଲର, ପିବିସିଏ (ପାତ୍ରପଡ଼ା)ର ବୀରେନ ସାହୁଙ୍କୁ ଶ୍ରେଷ୍ଠ ଫିଲ୍ଡରଭାବେ ପୁରସ୍କୃତ କରାଯାଇଛି । ପୁରସ୍କାର ବିତରଣ ଉତ୍ସବରେ ରାଜନେତା ମନ୍ମଥ କୁମାର ରାଉତରାୟ, ନଂ.୬୫ ୱାର୍ଡ କର୍ପୋରେଟର ରଶ୍ମୀରଞ୍ଜନ ପାଢଶାଣୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ସତ୍ୟ ନାରାୟଣ ମହାନ୍ତି, ହୃଦୟ ବଲ୍ଲବ ପାଢଶାଣୀ, ଧୀରେନ୍ଦ୍ର ବରିସାଲ, ଅତିଶ କୁମାର ମାର୍ଥା ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଗତ ନଭେମ୍ବର ୨୪ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ରବିବାର ଶେଷ ହୋଇଛି ।

## କ୍ଲବ ରାଜ୍ୟଗୋଷ୍ଠୀ କରାଟେ

# ଓଡ଼ିଶାକୁ ୧୧ ପଦକ




ଭୁବନେଶ୍ୱର,୨।୧୨ (ସବ୍ୟୁ): ଦ.ଆଫ୍ରିକାର ଡର୍ବାନରେ ଶେଷ ହୋଇଥିବା କ୍ଲବ୍ ରାଜ୍ୟଗୋଷ୍ଠୀ କରାଟେ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର କରାଟେକାମାନେ ବିଭିନ୍ନ ବର୍ଗରେ ୩ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ସହ ମୋଟ୍ ୧୧ଟି ପଦକ ହାସଲ କରିଛନ୍ତି । ୭ରୁ ୯ ବର୍ଷ ବାଳକ ବ୍ୟକ୍ତିଗତ କାଟାରେ ଚିତ୍ରାକ୍ଷ ଦାସ, ବୈଶାଳୀ ପାତ୍ର (ବାଳିକା) ସ୍ୱର୍ଣ୍ଣ ଜିତିଛନ୍ତି । ୧୪ ବର୍ଷରୁ କମ୍ ବୟସରେ ବାଳିକା ଦଳ ସ୍ୱର୍ଣ୍ଣ ଜିତିଛି । ଶ୍ରେୟା କାନୁନ୍‌ଗୋ, ଶ୍ରୀଜା ବେହେରା, ବେଦାନ୍ତ ଦାସ, ଓମ୍ ଶୁଭମ ମହାନ୍ତି ରୌପ୍ୟ ପଦକ ହାସଲ କରିଛନ୍ତି । ସେହିଭଳି ଶ୍ରେୟାଂଶ ସାହୁ, କୈଭବ ପଟ୍ଟନାୟକ, ଯଶସ୍ୱୀ ମିଶ୍ର ଓ ସ୍ୱେତାଞ୍ଜନା ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପଦକ ବିଜେତା ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି ।

# ହାଇଟେକ୍‌ରେ ଦିବ୍ୟାଙ୍ଗ ହ୍ୱିଲ୍ ଚେୟାର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ଭୁବନେଶ୍ୱର,୨।୧୨ (ସବ୍ୟୁ): ହାଇଟେକ ମେଡ଼ିକାଲ କଲେଜ ହସ୍ପିଟାଲ ପରିସରରେ ଦିବ୍ୟାଂଗମାନଙ୍କ ହ୍ୱିଲ୍ ଚେୟାର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଓଡ଼ିଶା ସମେତ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଗୁଜରାଟର ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାନ୍ତି ଯୋଗଦେଇ ଦିବ୍ୟାଂଗମାନଙ୍କର କ୍ରିକେଟ୍ ପ୍ରଦର୍ଶନ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ । ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡକ୍ଟର ତରୁପତି ପାଣିଗ୍ରାହୀ ଦିବ୍ୟାଂଗମାନଙ୍କ ପାଇଁ ହେଉ ଅଥବା ଦୃଷ୍ଟିବାଧିତ ପାଇଁ ହେଉ ଯାହା କିଛି ଦରକାର ପଡ଼ିବ ସେ ନିମନ୍ତେ ସହଯୋଗର ହାତ ବଢ଼ାଇବେ ବୋଲି କହିଛନ୍ତି । ପରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଓଡ଼ିଶାରେ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଦିବ୍ୟାଂଗମାନଙ୍କ ମନରେ ଆଗକୁ ବଢ଼ିବାର ଆଶା ସଞ୍ଚାର କରିଛି ବୋଲି କହିଥିଲେ । ରୋଟାରୀ ଗଭର୍ଣ୍ଣର ଜିଜ୍ଞାସି ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କ ଉତ୍ସାହିତ କରିବା ସହ ଆଗକୁ ଅନ୍ତର୍ଜାତୀୟସ୍ତରରେ କିଭଳି ଖେଳି ପାରିବେ ତାକୁ ନେଇ ମଧ୍ୟ ପ୍ରୟାସ କରାଯିବ ବୋଲି କହିଛନ୍ତି । ଏହାକୁ ଆଇକୋନିକ୍ ଟ୍ରାନ୍ସଫରମେସନର ଡାଇରେକ୍ଟର ଡକ୍ଟର ଜିଦାସ୍ମିକା ଖଟୁଆ, ପ୍ରତିଷ୍ଠାତା ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ, ଶେଖ ଅବଦୁଲ ସାମିଦ ଉପସ୍ଥିତ ରହି ହ୍ୱିଲ୍ ଚେୟାର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତାକୁ ହାଇଟେକ୍ ଗ୍ରୁପ୍ ସହଯୋଗର ହାତ ବଢ଼ାଇଥିବାରୁ ଧନ୍ୟବାଦ ଜଣାଇଥିଲେ ।

## ସରୋଜ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାହାନଗା,(ସବ୍ୟୁ) :ବହାନଗା ବ୍ଲକ ପଣପଣା ପଞ୍ଚାୟତ ବେତଗଡିଆ ଗ୍ରାମରେ ଥିବା ଖେଳ ପଡିଆରେ ୧୧ତମ ସରୋଜ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପଣପଣା ସରପଞ୍ଚ ରମାକାନ୍ତ ମଳିକଙ୍କ ପୁତ୍ର ସରୋଜ କୁମାର ମଲ୍ଲିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ୧୧ବର୍ଷ ଧରି ସରୋଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଆସୁଛି। ପୂର୍ବାହ୍ନ ୧୧ ଘଟିକା ସମୟ ରେ ଏହି ଟୁର୍ଣ୍ଣାମେଣ୍ଟ ଉଦ୍ଘାଟନ ହୋଇଥିଲା। ଏଥିରେ ମୋଟ ୮ଗୋଟି ଟିମ ଅଂଶ ଗ୍ରହଣ କରିଥିଲେ। ଶେଷରେ ବ୍ଲେଣ୍ଡର ସ୍ୱାଇଡ ସୋର ଓ ରିଣ୍ଟୁ ୧୧ଙ୍କ ମଧ୍ୟରେ ଫାଇନାଲ ଖେଳା ଯାଇଥିଲା। ଏଥିରେ ବ୍ଲେଣ୍ଡର ସ୍ୱାଇଡ଼ ସୋର ବିଜୟ ଲାଭ କରିଥିଲା । ରିଣ୍ଟୁ ୧୧ ରନର୍ସ ଅପ ହୋଇଥିଲା। ସନ୍ଧ୍ୟାରେଏକ ସଭା ଅନୁଷ୍ଠିତହୋଇଯାଇଥିଲା। ସଭା ଶେଷରେ ମୁଖ୍ୟ ଅତିଥି ଖେଳ ରେ ବିଜୟ ଲାଭ କରିଥିବା ଟିମ ଓ ରନର୍ସ ଅପ ଟିମକୁ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଖେଳ ପରିଚାଳନା ମାନସ ଧାଁମୁଡିଆ, ମନୋଜ ଧାଁମୁଡିଆ କରୁଥିବା ବେଳେ ଶ୍ରୀକାନ୍ତ ଧାଁମୁଡିଆ ଖେଳକୁ ତଦାରଖ କରୁଥିଲେ। ଏହାକୁ କମିଟି ର ସମସ୍ତ ସଦସ୍ୟ କମଳାକାନ୍ତ ମଳିକ, ରତିକାନ୍ତ ମଳିକ, ମଣିଭଦ୍ର ଧାଁମୁଡିଆ, ଜଗବନ୍ଧୁ ମଳିକ, ଦୀପକ କୁମାର ମଳିକ, ଅଶୋକ କୁମାର ମଳିକଙ୍କ ସମେତ ଅନ୍ୟ ସଦସ୍ୟ ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

# ଓଡ଼ିଶା ଜିମ୍ନାଷ୍ଟିକ୍ସରେ ଅନିୟମିତତା ନେଇ କ୍ରୀଡ଼ାମନ୍ତ୍ରୀଙ୍କୁ ଦାବିପତ୍ର



ଭୁବନେଶ୍ୱର,୨।୧୨ (ସବ୍ୟୁ): ଓଡ଼ିଶା ଜିମ୍ନାଷ୍ଟିକ୍ ଦଳରେ ରାଜ୍ୟ ବାହାର ଖେଳାଳିଙ୍କ ପ୍ରବେଶକୁ ନେଇ ଦୀର୍ଘ ମାସ ହେଲା ବିରୋଧ ହୋଇ ଆସୁଛି । କିନ୍ତୁ ଏ ଦିଗରେ ରାଜ୍ୟ ସଂଘ ଦୃଷ୍ଟି ଦେଉ ନଥିବାରୁ ଆଜି ୫୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ଅଭିଭାବକ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଏ ସଂପର୍କରେ ଦାବିପତ୍ର ପ୍ରଦାନ କରିଛନ୍ତି । ଦୁଇ ବର୍ଷ ହେଲା ରାଜ୍ୟ ଦଳରେ ଅଣ ଓଡ଼ିଆ ଖେଳାଳିଙ୍କ ପ୍ରବେଶ ଏବଂ ଓଡ଼ିଆ ଖେଳାଳିଙ୍କୁ ଅଣଦେଖା କରାଯାଉଥିବା ବିଷୟରେ କ୍ରୀଡ଼ାମନ୍ତ୍ରୀଙ୍କ ସହ ଅଭିଭାବକମାନେ ଆଲୋଚନା କରିଥିଲେ ।

କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଦାବିପତ୍ର ଗ୍ରହଣ କରିବା ସହ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରାଯାଇ ଅନିୟମିତତା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ଦାବିପତ୍ରରେ ଅଭିଭାବକମାନଙ୍କ ଅଭିଯୋଗ ଯେ, କଳିଙ୍ଗ ଷ୍ଟାଡିୟମ ଜିମ୍ନାଷ୍ଟିକ୍ ଉଚ୍ଚପ୍ରଦର୍ଶନ କେନ୍ଦ୍ରର ମୁଖ୍ୟ କୋଚ ଓଡ଼ିଆ ଖେଳାଳିଙ୍କୁ ଅଣଦେଖା କରି ୩୦ରୁ ଊର୍ଦ୍ଧ୍ୱ ରାଜ୍ୟ ବାହାର ଖେଳାଳିଙ୍କୁ (ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର) ଜିମ୍ନାଷ୍ଟିକ ଦଳରେ ସୁଯୋଗ ଦେଇଛନ୍ତି । ଏହାଦ୍ୱାରା ପୁରୀ, ଭୁବନେଶ୍ୱର, କଟକ ଏବଂ ରାଜ୍ୟର ଅନ୍ୟ ଅଞ୍ଚଳରେ ନିୟମିତ ଅଭ୍ୟାସ କରୁଥିବା ଖେଳାଳିମାନେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବାରୁ ବଞ୍ଚିତ ହେଉଛନ୍ତି । ସେମିତି ଭୁବନେଶ୍ୱର ଓ ପୁରୀରେ ସମସ୍ତ ସୁବିଧା ସତ୍ତ୍ୱେ ଜୟପୁରରେ ଆସନ୍ତା ୬ ତାରିଖରୁ ରାଜ୍ୟ ପ୍ରତିଯୋଗିତାର ଆୟୋଜନ କରିବା ପଶ୍ଚାତରେ ମଧ୍ୟ ମନ୍ଦ ଉଦ୍ଦେଶ୍ୟ ନିହିତ ରହିଛି ।

**ସୂଚନା**

ସମୟ
BHIM
SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541